# ଜନବାର୍ତ୍ତା
## ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

PRGI NO-ORORI/26/A0341 | ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ | Weekly (ସାପ୍ତାହିକ) | www.janabartta.com

VOL-1 | ISSUE-13 | BHUBANESWAR | 17 May to 23 May, 2026 | Rs--8/- | ବର୍ଷ-୧ | ସଂଖ୍ୟା-୧୩ | ଭୁବନେଶ୍ୱର | ୧୭ ମଇ ରୁ ୨୩ ମଇ, ୨୦୨୬ | ପୃଷ୍ଠା-୮ | ମୂଲ୍ୟ-୮ଟଙ୍କା



**ADVERTISEMENT TARIFF**

| | |
|---|---|
| FULL PAGE FRONT | RS. 1,00,000.00 |
| FULL PAGE BACK | RS. 80,000.00 |
| FULL PAGE COVER | RS. 80,000.00 |
| FULL PAGE INNER | RS. 80,000.00 |
| HALF PAGE FR/BK | RS. 50,000.00 |
| QUARTER PAGE | RS. 25,000.00 |
| EAR PANEL FRONT | RS. 5,000.00 |
| EAR PANEL BACK | RS. 5,000.00 |


## ଆଣ୍ଡାମାନ ଛୁଇଁଲା ମୌସୁମୀ : ଜୁନ୍ ଦ୍ୱିତୀୟ ସପ୍ତାହରେ ଓଡ଼ିଶା ଆଗମନ ସମ୍ଭାବନା

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୬/୦୫ : ଦେଶରେ ବର୍ଷା ଋତୁର ଶୁଭାରମ୍ଭ ହୋଇଛି। ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଜି ନିର୍ଦ୍ଧାରିତ ସମୟ ପୂର୍ବରୁ ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ସାଗର ଏବଂ ସମଗ୍ର ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜକୁ ଛୁଇଁଛି। ଏହାର ପ୍ରଭାବରେ ଉକ୍ତ ଅଞ୍ଚଳରେ ମେଘୁଆ ପାଗ ସହ ବର୍ଷା ଆରମ୍ଭ ହୋଇଯାଇଛି। ପାଣିପାଗ ବିଜ୍ଞାନୀଙ୍କ ମତରେ, ବାୟୁମଣ୍ଡଳୀୟ ସ୍ଥିତି ଅନୁକୂଳ ଥିବାରୁ ମୌସୁମୀ ବାୟୁ ଦ୍ରୁତ ଗତିରେ ଅଗ୍ରସର ହେଉଛି। ଆସନ୍ତା ମେ' ଶେଷ ସୁଦ୍ଧା ଏହା କେରଳ ଛୁଇଁବାର ସମ୍ଭାବନା ରହିଛି। ଯଦି ପାଣିପାଗର ଗତିପଥ ଅପରିବର୍ତ୍ତିତ ରହେ, ତେବେ ଜୁନ୍ ଦ୍ୱିତୀୟ ସପ୍ତାହ ସୁଦ୍ଧା ଓଡ଼ିଶାରେ ମୌସୁମୀ ବାୟୁ ପ୍ରବେଶ କରିପାରେ। ଏହା ପ୍ରଚଣ୍ଡ ରୌଦ୍ରତାପରୁ ତ୍ରାହି ଦେବା ସହ ଚାଷୀକୂଳ ପାଇଁ ଆଶ୍ୱସ୍ତି ଆଣିଦେବ ବୋଲି ଆଶା କରାଯାଉଛି।

# ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ବିଗତ ଦିନମାନଙ୍କରେ ଓଡ଼ିଶାରେ ଘଟିଥିବା କେତେକ ଘଟଣା ଲୋମହର୍ଷଣକାରୀ । କଣାସଠାରେ ଏକ ଯୁବକକୁ ବିଚ୍ ବଜାରରେ ହାଣିବା ପରେ ଦୁର୍ବୃତ୍ତମାନେ ତା ଉପରେ ମୋଟର ସାଇକେଲ ଚଢ଼ାଇ ମାରି ଦେବା ପାଇଁ ଚେଷ୍ଟା କରିଛନ୍ତି। ଆଉ ଏକ ଘଟଣାରେ ଭୁବନେଶ୍ୱର ଉପକଣ୍ଠରେ ଥିବା ବାଲିଅନ୍ତାରେ ଜଣେ ଜିଆରପି କନଷ୍ଟେବଲଙ୍କୁ ଦିନ ଦ୍ୱିପ୍ରହରରେ ଗାଁ ଲୋକେ ପିଟି ପିଟି ମାରି ଦେଇଛନ୍ତି। ହିଞ୍ଜିଳୀରେ ଜଣେ ବ୍ୟକ୍ତି ୩ ବର୍ଷର ଶିଶୁ ଆଗରେ ତାହାର ମା'କୁ ହତ୍ୟା କରିଛନ୍ତି। ଓଡ଼ଗାଁ ଘଟଣା ଆହୁରି ବୀଭତ୍ସ। ଘଟଣା ଗୁଡ଼ିକ ଭିନ୍ନ ଭିନ୍ନ ସ୍ଥାନରେ ଘଟିଛି । କିନ୍ତୁ ସବୁଗୁଡ଼ିକ ନୃଶଂସତାର ସୀମା ଟପି ଯାଇଛି। ମହାପ୍ରଭୁ ଜଗନ୍ନାଥଙ୍କ ଶାନ୍ତି ଓ ମୈତ୍ରୀର ଦେଶରେ ଏହା ନିଶ୍ଚିତ ଭାବରେ ଯେ, ଗୋଟିଏ ଗୋଟିଏ କଳଙ୍କ ତାହା ଯେ କୌଣସି ସ୍ୱାଭିମାନୀ ଓଡ଼ିଆ ସ୍ୱୀକାର କରିବ। ଚିନ୍ତାର ବିଷୟ ହେଉଛି ଏ ଘଟଣା ଗୁଡ଼ିକର ଅନ୍ତ ହେଉ ନାହିଁ। ପ୍ରତ୍ୟେକ ଦିନ ନୂଆ ନୂଆ ଘଟଣା ଦୃଷ୍ଟିଗୋଚର ହେଉଛି । ଓଡ଼ିଶାର କୌଣସି ଅଞ୍ଚଳ ବାଦ୍ ପଡ଼ିଲା ପରି ଜଣାଯାଉ ନାହିଁ। ଆଜି ଗଞ୍ଜାମ ତ କାଲି ନୟାଗଡ଼, ତା'ପର ଦିନ ବଲାଙ୍ଗୀର, ଇତ୍ୟାଦି ଇତ୍ୟାଦି। ସତେ ଯେପରି ସମାଜରୁ ସଭ୍ୟତା ଅପସରି ଯାଇଛି ।



ବିଜୟ କୁମାର ପଟ୍ଟନାୟକ

ଘଟଣା ପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦଳମାନେ ଗୃହ ବିଭାଗ କରିଛନ୍ତି । ସବୁ ଗଭୀର ଚିନ୍ତା ପ୍ରକଟ ନବ ଦାସ ଜଘନ୍ୟ ଘଟଣା ଗୁଡ଼ିକ ବାଲିଅନ୍ତା ଘଟଣା ମଧ୍ୟ ଘଟିଲା ସେତେବେଳେ ଚାଲିଲା । ଉକ୍ତ ହୋଇଥିବାରୁ ପୁନର୍ବିଚାର କରି ଜଘନ୍ୟ ଦଣ୍ଡାଦେଶ ଦେବା ପାଇଁ ଭାବପ୍ରବଣ ଉତ୍ସୁକତା ଅପରାଧ ଗୁଡ଼ିକୁ

ପୋଲିସ ଦୁର୍ବୃତ୍ତମାନଙ୍କୁ ଗିରଫ କରିଛି । ଦୃଷ୍ଟାନ୍ତମୂଳକ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବିରୋଧୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବୀ ଗଣମାଧ୍ୟମ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ କରିଛନ୍ତି। ସଂଳାପ ସୁପରିଚିତ । ହତ୍ୟାକାଣ୍ଡ, ମମତା ମେହେର ହତ୍ୟାକାଣ୍ଡ ଭଳି ମାନସପଟରୁ ଅପସରି ଗଲା ଭଳି କଣାସ ବା ହଜିଯିବ । ଯେତେବେଳେ ଦିଲ୍ଲୀରେ ନିର୍ଭୟା ଘଟଣା ସମଗ୍ର ଦେଶରେ ମାସାଧିକ କାଳ ଆନ୍ଦୋଳନ ଅପରାଧର ମୁଖ୍ୟ ଆସାମୀ ଜଣେ ନାବାଳକ ନାବାଳକମାନଙ୍କ ପାଇଁ ଥିବା ପୋକ୍ସୋ ଆଇନର ଅପରାଧରେ ଜଡ଼ିତ ନାବାଳକମାନଙ୍କୁ ମଧ୍ୟ ମୃତ୍ୟୁ ଦାବୀ ହେଲା । ଘଟଣା ଘଟିବା ପରେ ପରେ ଯେଉଁ ଥିଲା ତାହା କ୍ରମେ ଶିଥିଳ ହୋଇଗଲା । ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଏ। କିଛିଟା ପ୍ରତିଷେଧ ସାପେକ୍ଷ, ଆଉ କିଛିଟା ପ୍ରତିଷେଧ ସାପେକ୍ଷ ନୁହେଁ । ପୋଲିସ ଯଦି ଅତ୍ୟନ୍ତ ସଜାଗ ରହେ ତେବେ ଚୋରୀ, ଡକାୟତି, ସାମ୍ପ୍ରଦାୟିକ ହିଂସା ଭଳି ଘଟଣା ଗୁଡ଼ିକୁ ରୋକାଯାଇ ପାରିବ । ସେଗୁଡ଼ିକ ପ୍ରତିଷେଧ ସାପେକ୍ଷ । କିନ୍ତୁ ହତ୍ୟା, ଧର୍ଷଣ ଇତ୍ୟାଦି ଲୋମ ହର୍ଷଣକାରୀ ଅପରାଧକୁ ରୋକିବା କଷ୍ଟ କାରଣ କେଉଁ ଘଟଣା କେତେବେଳେ କେଉଁଠାରେ ଘଟିବ ତାହା ଅନୁମାନ କରିବା ଅତ୍ୟନ୍ତ କଷ୍ଟକର । ତେବେ ଆଜି ବାଲିଅନ୍ତା ବା କଣାସ ଭଳି ଘଟଣା ପାଇଁ ଏତେ ଆଲୋଡ଼ନ କାହିଁକି ?

ଏହି ଆଲୋଡ଼ନର କାରଣ ହେଲା ଉକ୍ତ ଦୁଇଟି ଘଟଣାରେ, ବିଶେଷ କରି ବାଲିଅନ୍ତା ଘଟଣାରେ, ଲୋକେ ଆଇନକୁ ହାତକୁ ନେଇଯାଇଛନ୍ତି । ବାଲିଅନ୍ତା ଘଟଣାରେ ଅଭିଯୋଗ ହେଉଛି ଯେ, ଗାଁ ଲୋକେ ପୋଲିସର ଉପସ୍ଥିତିରେ କନଷ୍ଟେବଲକୁ ପିଟି ପିଟି ମାରି ଦେଇଛନ୍ତି । ଯେଉଁ ଦୁଇ ଜଣ ଯୁବତୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଲୋକେ ଉତ୍ୟକ୍ତ ହେଲେ ସେହି ଯୁବତୀମାନେ ଅନୁରୋଧ କରିଛନ୍ତି ଯେ, ଗାଁ ବାଲାଙ୍କୁ ଛାଡ଼ି ଦିଆଯାଉ। କାରଣ ସେମାନେ ହସ୍ତକ୍ଷେପ କରି ନ ଥିଲେ ଯୁବତୀ ଦୁହେଁ ପ୍ରାଣ ହରାଇ ଥାଆନ୍ତେ । ସଭ୍ୟ ରାଷ୍ଟ୍ର ମାନଙ୍କରେ କୌଣସି ଅଘଟଣ ଘଟିଲେ ପୀଡ଼ିତ ବ୍ୟକ୍ତିମାନେ ପ୍ରଥମେ ପୋଲିସକୁ ଖବର ଦେଇଥାନ୍ତି, ଗାଁ ବାଲାଙ୍କୁ ନୁହେଁ । ଓଡ଼ିଶାରେ କାହିଁକି ଲୋକେ ଆଇନକୁ ହାତକୁ ନେଉଛନ୍ତି ? କେହି ଯଦି ଦାଦାଗିରି କରେ, କାହିଁକି ଲୋକେ ପୋଲିସର ସାହାଯ୍ୟ ନ ନେଇ ଭଡ଼ାଟିଆ ଗୁଣ୍ଡାଙ୍କୁ ବ୍ୟବହାର କରୁଛନ୍ତି ? ତାହା ହିଁ ଆଜିର ଆଲୋଚନାର ବିଷୟବସ୍ତୁ ।

ଆଇନ ଶୃଙ୍ଖଳାର ଏ ଭଳି ଅଧୋପତନର ପ୍ରଥମ କାରଣ ହେଉଛି ଲୋକଙ୍କର ପୋଲିସ ଉପରୁ ବିଶ୍ୱାସ ତୁଟି ଯାଉଛି। ଏହାର ଅର୍ଥ ନୁହେଁ ଯେ ସବୁ ପୋଲିସ ଅଫିସର ଅପାରଗ ବା ଦୁର୍ନୀତିଗ୍ରସ୍ତ । କିନ୍ତୁ ସାମଗ୍ରିକ ଭାବରେ ଏକ ଧାରଣା ସୃଷ୍ଟି ହେଉଛି ଯେ, ଥାନାକୁ ଗଲେ କିଛି ଲାଭ ମିଳୁ ନାହିଁ । ଥାନାରେ ବରିଷ୍ଠ ଅଫିସରମାନଙ୍କୁ ଦେଖିବାକୁ ମିଳୁନାହିଁ । ଯେଉଁମାନେ ମିଳୁଛନ୍ତି, ସେମାନଙ୍କର ବ୍ୟବହାର ରୁକ୍ଷ ଓ ସନ୍ତୋଷପ୍ରଦ ନୁହେଁ । ଏଭଳି ଘଟଣା ଦୃଷ୍ଟିକୁ ଆସିଛି ଯେଉଁଥିରେ କି ଅଭିଯୋଗକାରୀକୁ ଅଭିଯୁକ୍ତ କରି ଦିଆଯାଇଛି। ମିଥ୍ୟା କେସ୍‌ରେ ନିରୀହ ବ୍ୟକ୍ତିଙ୍କୁ ଫସାଇ ଦିଆଯାଇଛି । ବିନା ଦୋଷରେ ଲୋକଙ୍କୁ ଜେଲ ପଠାଇ ଦିଆଯାଇଛି ।

ପୁଣି ଗୁରୁତର ଅପରାଧ କ୍ଷେତ୍ରରେ ଲଘୁ ଦଫା ଲଗାଇ ଅପରାଧିକୁ ଛାଡ଼ି ଦିଆଯାଉଛି । ଲୋକେ ଭାବୁଛନ୍ତି ପୋଲିସ ପାଖକୁ ଗଲେ ଅତି ବେଶୀରେ ଅପରାଧୀ କିଛି ଦିନ ପାଇଁ ଜେଲ ଯିବ, ତା ପରେ ବେଲ ନେଇ ଆସିବ, ରାଗର ପ୍ରତିଶୋଧ ନେବ । ତେଣୁ ସୁବିଧା ମିଳିଲେ ତ୍ୱରିତ ନ୍ୟାୟ ଦେଇ ଦେବା ଶ୍ରେୟସ୍କର । ଏହା ହିଁ କଙ୍ଗାରୁ କୋର୍ଟର ନିୟମ। ନିକଟରେ ଘଟିଥିବା ନୟାଗଡ଼ ଜିଲ୍ଲାରେ ପଥର ଚାଲାଣକାରୀ ମାନେ ଜଣେ ତଥାକଥିତ ଚାନ୍ଦା ଆଦାୟକାରୀର ହାତ କାଟି ନିର୍ମମ ଭାବେ ହତ୍ୟା କରିବା ଅନ୍ୟ ଏକ ଉଦାହରଣ। ଦୁର୍ଗମ ପାର୍ବତ୍ୟ ଅଞ୍ଚଳରେ କିଛି ଲୋକ ତଥାକଥିତ ଦୋଷୀକୁ ମାରି ଦେଇ ତାହାର କଟା ମୁଣ୍ଡକୁ ଧରି ଥାନାରେ ପହଞ୍ଚି ଆତ୍ମସମର୍ପଣ କରିବାର ଦୃଷ୍ଟାନ୍ତମାନ ରହିଛି ।

ପ୍ରକାଶ ଥାଉ କି, ପୋଲିସ ବିରୁଦ୍ଧରେ ଉପର ଲିଖିତ ଅଭିଯୋଗଗୁଡ଼ିକ ସାର୍ବଜନୀନ ନୁହେଁ । କିନ୍ତୁ ଗୋଟିଏ ବସ୍ତାରେ ଅଳ୍ପ ସଂଖ୍ୟକ ଆଳୁ ଯଦି ସଢ଼ିଯାଏ ତେବେ ସମସ୍ତ ବସ୍ତାଟି ଦୁର୍ଗନ୍ଧରେ ଫାଟିପଡ଼େ ।

ବର୍ତ୍ତମାନ ପ୍ରଶ୍ନ ହେଉଛି, ଏହି ସଢ଼ା ଆଳୁକୁ ବାହାର କରି ଫୋପାଡ଼ି ଦିଆଯାଉ ନାହିଁ କାହିଁକି ? ଏହାର ଅନେକ କାରଣ ରହିଛି। ପ୍ରଥମଟି ହେଲା 'ଉପରିସ୍ଥ' ବ୍ୟକ୍ତିଙ୍କର ଆଶୀର୍ବାଦ। ଭୁବନେଶ୍ୱର, କଟକ, ତଥା କେତେକ ଗୁରୁତ୍ୱପୂର୍ଣ୍ଣ ଥାନା ମାନଙ୍କରେ କିଛି ଅଫିସର ବର୍ଷ ବର୍ଷ ଧରି ଘୁରି ବୁଲୁ ଥାଆନ୍ତି । ଆଜି ଏଠି ତ କାଲି ସେଠି । ପଅର ଦିନ ପୁଣି ଏଠି। ପ୍ରଶାସନିକ ଓ ରାଜନୈତିକ ଆଶୀର୍ବାଦ ନ ରହିଲେ ଏହା କଅଣ ସମ୍ଭବ ହୁଅନ୍ତା ? ଉପରିସ୍ଥ ଅଫିସର ମାନଙ୍କୁ ପଚାରିଲେ ସେମାନେ କୁହନ୍ତି ଯେ ଅନ୍ୟାନ୍ୟ ଅଞ୍ଚଳରୁ ଅଫିସର ମାନଙ୍କୁ ଏ ସବୁ ସ୍ପର୍ଶକାତର ଥାନାକୁ ଆଣିଲେ ସେମାନେ 'ପାରିବେନି'। ସେହିଭଳି ଭାବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଯେଉଁମାନେ ସ୍ଥାନୀୟ ଭାଷାରେ କହି ନ ପାରନ୍ତି ସେମାନେ ସେ ଅଞ୍ଚଳର ଲୋକଙ୍କୁ 'ପାରିବେନି' । ତେଣୁ ବସ୍ତୁତଃ ପୋଲିସ ପ୍ରଶାସନରେ ଏକ ପ୍ରକାରର ଆଞ୍ଚଳିକତା ବା 'ମୁଲକି' ବ୍ୟବସ୍ଥା ଗଢି ଉଠିଛି । ଯେକୌଣସି ବ୍ୟକ୍ତି ଗୋଟିଏ ସ୍ଥାନ ବା ଅଞ୍ଚଳରେ ଦୀର୍ଘ ଦିନ ରହିଗଲେ ଘଟଣା ଗୁଡ଼ିକ ତାଙ୍କର ଦେହ ସୁହା ହୋଇଯାଏ ବା ତାଙ୍କର ବିଭିନ୍ନ ଦୁର୍ନୀତି ବା ମାଫିଆ ଗୋଷ୍ଠୀ ସହ ଧୀରେ ଧୀରେ ଗଠବନ୍ଧନ ହୋଇଯାଏ । ବିଭିନ୍ନ ରାଜନୈତିକ ବ୍ୟକ୍ତି, ଦଳ ବା ନେତାଙ୍କ ସହ ସାଲିସ ହୋଇଯାଏ । ନିଜ ଅଞ୍ଚଳରେ ରହିବା ପାଇଁ ସେମାନେ କ୍ଷମତାସୀନ ଦଳ ବା ବ୍ୟକ୍ତିଙ୍କ ଶରଣରେ ରହନ୍ତି । ଫଳରେ ପ୍ରଶାସନିକ ନିରପେକ୍ଷତା ପ୍ରଭାବିତ ହୁଏ। ଯୁକ୍ତରାଷ୍ଟ୍ର ଆମେରିକାରେ ରାଷ୍ଟ୍ରପତିମାନଙ୍କର ସନ୍ତାନମାନେ ପୋଲିସ ଦ୍ୱାରା ଗିରଫ ହେବାର ନଜିର ଅଛି । ଓଡ଼ିଶାରେ ବା ସମଗ୍ର ଭାରତ ବର୍ଷରେ ତାହା ସମ୍ଭବ କି ? ବରଂ ସେହି 'ବରପୁତ୍ର'ମାନଙ୍କ ବିରୁଦ୍ଧରେ ଗଲେ ଅପାରଗତା କାରଣରୁ ନିଜେ ବଦଳି ହୋଇଯିବାର ସମ୍ଭାବନା ରହିଛି ।

ଚଳିତ ବ୍ୟବସ୍ଥାର ଦୁର୍ଗତିର ଅନ୍ୟ ଏକ ପ୍ରମୁଖ କାରଣ ହେଲା ଶାସନଗତ ବିଶୃଙ୍ଖଳା । ପୋଲିସ ଏକ ଶୃଙ୍ଖଳିତ ବାହିନୀ ଭାବରେ ଗଢ଼ା ଯାଇଛି। ଉପରିସ୍ଥ ଅଫିସର ମାନଙ୍କର ନିର୍ଦ୍ଦେଶ ଅନୁସାରେ ଚଳିବା ପାଇଁ ବିଭିନ୍ନ ବ୍ୟବସ୍ଥା ରହିଛି। ନିୟମିତ ପରିଦର୍ଶନ ତନ୍ମଧ୍ୟରୁ ଗୋଟିଏ । କିନ୍ତୁ ଲକ୍ଷ୍ୟ କରାଯାଉଛି ଯେ, ଅନେକ ସମୟରେ ଉପରିସ୍ଥ ଅଫିସରମାନଙ୍କର ନିର୍ଦ୍ଦେଶ ପ୍ରତି ଅଧସ୍ତନ କର୍ମଚାରୀଙ୍କର ଭ୍ରୂକ୍ଷେପ ନାହିଁ । କେତେକ 'ଶକ୍ତିଶାଳୀ' ଥାନା ବାବୁଙ୍କର ସିଧା ସମ୍ପର୍କ ରହିଛି ତୃତୀୟ ମହଲା ସହିତ ବା କୌଣସି 'କ୍ଷମତା କେନ୍ଦ୍ର' ସହିତ। ଓଡ଼ିଶାରେ ଆଇପିଏସ୍‌ସ୍ତରରେ ଅନେକ ସଚ୍ଚୋଟ ଓ କର୍ମଠ ଅଫିସର ଅଛନ୍ତି। କିନ୍ତୁ ସମୟେ ସମୟେ ସେମାନେ ନାଚାର ହୋଇ ପଡ଼ୁଛନ୍ତି । ଯେଉଁ ରାଜ୍ୟ ମାନଙ୍କରେ ଧର୍ମ ଓ ଜାତିବାଦ ଉଗ୍ର, ସେଠାରେ ଥାନା ବାବୁମାନେ ଧର୍ମ ଓ ଜାତି ଅନୁଯାୟୀ 'ନ୍ୟାୟ' ଦିଅନ୍ତି । ଜଣେ ଯାଦବ ବା ଭୂମିହାର ଥାନା ବାବୁ ନିଜ ଜାତିର ଅପରାଧୀ ପ୍ରତି କୋହଳ ମନୋଭାବ ଓ ଅନ୍ୟ ଜାତିର ଅପରାଧୀ ପ୍ରତି କଠୋର ମନୋଭାବ ପୋଷଣ କରିବାର ଅନେକ ନଜିର ଦେଖିବାକୁ ମିଳେ । ମହାପ୍ରଭୁ ଜଗନ୍ନାଥଙ୍କ ଅପାର କୃପାରୁ ଓଡ଼ିଶାରେ ଏ ପର୍ଯ୍ୟନ୍ତ ଉଗ୍ର ଜାତିବାଦ ଅନୁଭୂତ ହୋଇ ନାହିଁ । କିନ୍ତୁ ଭବିଷ୍ୟତରେ ଏ ପ୍ରକାର ରୋଗ ଯଦି ବ୍ୟାପେ, ତେବେ ଅବସ୍ଥା ଆହୁରି ଶୋଚନୀୟ ହେବ ଏଥିରେ ସନ୍ଦେହ ନାହିଁ ।

ପୋଲିସର ଅପାରଗତାର ଅନ୍ୟ ଏକ କାରଣ ହେଲା ବୈଷୟିକ ଜ୍ଞାନର ଅଭାବ । ଅପରାଧିକୁ ଧରିବା ଓ ତା ପରେ ତା ବିରୁଦ୍ଧରେ ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତ କରି କୋର୍ଟରେ ଦାଖଲ କରିବା ପାଇଁ ସୂକ୍ଷ୍ମ ତଥା ଆଧୁନିକ ବୈଷୟିକ ଜ୍ଞାନର ଆବଶ୍ୟକତା ରହିଛି। ବିଭିନ୍ନ ସରକାର ଏ ଦିଗ ପ୍ରତି ଉଦାସୀନ। ଗୋଟିଏ ଅପରାଧିକୁ ଧରିବା ସମୟରେ ଥିବା ତତ୍ପରତା କୋର୍ଟ ଚାଲାଣ ସମୟରେ ନ ଥାଏ । ଦୀର୍ଘ ସମୟ ପରେ ଅଭିଯୋଗ ଫର୍ଦ୍ଦ ଦାଖଲ ହେଉଥିବାରୁ ସାକ୍ଷୀମାନେ ପ୍ରଭାବିତ ହୋଇଯାନ୍ତି । ୨୦୨୨ ମସିହାରେ ପ୍ରକାଶିତ ଭାରତ ସରକାରଙ୍କର ଏନ୍‌ସିଆର୍‌ବି ରିପୋର୍ଟରୁ ଜଣାଯାଏ ଯେ, ଓଡ଼ିଶାରେ କୋର୍ଟକୁ ଚାଲାଣ ହୋଇଥିବା କେସ୍ ମଧ୍ୟରୁ ମାତ୍ର ୧୧ ପ୍ରତିଶତ କେସ୍‌ରେ ଅପରାଧୀମାନେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଭାରତର ସମସ୍ତ ରାଜ୍ୟମାନଙ୍କ ମଧ୍ୟରେ ଏହା ସର୍ବ ନିମ୍ନ । ତେଣୁ ଲୋକେ ଭାବନ୍ତି ଯେ, ଏହି ଦୀର୍ଘ ଓ ନିଷ୍ଫଳ ପ୍ରକ୍ରିୟାକୁ ଅପେକ୍ଷା ନ କରି ତ୍ୱରିତ 'ନ୍ୟାୟ' ଦେଇଦେବା ଉଚିତ । ବାଲିଅନ୍ତା ଘଟଣା ତାହାର ଏକ ପ୍ରମାଣ ।

ଆଇନକୁ ହାତକୁ ନେବାର ଅର୍ଥ ହେଲା ଆଇନ ପ୍ରତି ଅବିଶ୍ୱାସ । ଲିଭି ଯାଉଥିବା ବିଶ୍ୱାସକୁ ପୁଣି ଥରେ ଉଜ୍ଜୀବିତ କରି ଏକ ସ୍ୱଚ୍ଛ ଓ ଶୃଙ୍ଖଳିତ ସମାଜ ଗଠନରେ ସରକାରଙ୍କର ସବୁଠାରୁ ବଡ଼ ଭୂମିକା ରହିଛି ।


ପୂର୍ବତନ ମୁଖ୍ୟ ଶାସନ ସଚିବ
ଓଡ଼ିଶା ସରକାର, ଭୁବନେଶ୍ୱର


## 'ବ୍ୟଙ୍ଗ ପ୍ରମାଦ'

ତେଲ ଟାଙ୍କି ଶୁଖିଲାଣି, ପମ୍ପରେ ଲମ୍ବା ଧାଡ଼ି,
ଗାଡ଼ି ଥୋଇ ଲୋକେ ପାଦେ ଯାଆନ୍ତି ମାଡ଼ି।
ଲିଟର ପିଛା ଦର ବଢ଼େ, ଖାଲି ହୁଏ ପକେଟ୍,
ତେଲ ଟୋପାଏ ପାଇବା ଯେମିତି ମଙ୍ଗଳ ଗ୍ରହ ରକେଟ୍।
ନେତା କହନ୍ତି ଚାଲ ଶିଖ, ସାଇକେଲ୍ ଚଳାଅ ଭାଇ,
ସ୍ୱାସ୍ଥ୍ୟ ଭଲ ରହିବ ଆଉ ପଇସା ବି ବଞ୍ଚିବ ଯାଇ।
ତେଲ ସରିଲେ ଦୁନିଆ ଅଚଳ, ମଣିଷ ହେଲାଣି କାବା,
ଏମିତି ହେଲେ ଗାଡ଼ି ବିକି, ମଠରେ ହୋଇବା ବାବା ।।




# ଅଘୋଷିତ ଜରୁରୀକାଳୀନ ପରିସ୍ଥିତି : ବିପର୍ଯ୍ୟସ୍ତ ଅର୍ଥନୀତି





**ଭୁବନେଶ୍ୱର,୧୬/୦୫(ପ୍ରମୋଦ ସାମନ୍ତରାୟ) :** ଦେଶର ବର୍ତ୍ତମାନର ସାମାଜିକ ଓ ଆର୍ଥିକ ସ୍ଥିତିକୁ ନେଇ ସାଧାରଣରେ ବିଭିନ୍ନ ପ୍ରକାରର ଚର୍ଚ୍ଚା ଓ ସମୀକ୍ଷା ଚାଲିଛି। 'ଅଘୋଷିତ ଜରୁରୀକାଳୀନ ପରିସ୍ଥିତି' ଏବଂ 'ବିପର୍ଯ୍ୟସ୍ତ ଅର୍ଥନୀତି' ଭଳି ପ୍ରସଙ୍ଗକୁ ବିରୋଧୀ ଦଳ ଏବଂ ସମାଜର କିଛି ବୁଦ୍ଧିଜୀବୀ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ମୁଖ୍ୟ ଆୟୁଧ ଭାବେ ବ୍ୟବହାର କରୁଛନ୍ତି। ଆମେରିକା ଓ ଇରାନ ଯୁଦ୍ଧ ଯୋଗୁଁ ସାରା ବିଶ୍ୱରେ ତୈଳ ସଂକଟ ଦେଖାଦେଇଛି। ହରମୁଜ ଦେଇ ଯେଉଁ ତୈଳ ଜାହାଜ ଗୁଡ଼ିକ ଭାରତକୁ ଆସିବା କଥା ତାହା ଇରାନ ଓ ଆମେରିକା ଯୁଦ୍ଧ ଯୋଗୁଁ ଅଟକି ରହିଛି। ଯେଉଥି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶରେ ଇନ୍ଧନ ବ୍ୟବହୃତ ହେଉଥିବା ଗାଡି ଗୁଡ଼ିକ ଉପରେ ନିୟନ୍ତ୍ରଣ ଆଣି ତୈଳ ଆବଶ୍ୟକତାକୁ ହ୍ରାସ କରିବା ପାଇଁ ସଂକେତ ଦିଆଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ ସୁନା ନକିଣିବା ପାଇଁ ଓ ବିଦେଶ ଯାତ୍ରା ନବକରିବାକୁ ପରାମର୍ଶ ଦେଇଥିବା ବେଳେ ସରକାରୀ ଯାନବାହାନ କମ ବ୍ୟବହାର କରିବା ପାଇଁ ଏକ ପ୍ରକାର ପଦକ୍ଷେପ ନେଇଛନ୍ତି। କରୋନା ସମୟରେ ଯେମିତି ଯେଭଳି କଟକଣା ଲଗାଯାଇଥିଲା ଏବେ ପେଟ୍ରୋଲ ଏବଂ ଡିଜେଲର ଅଭାବ ଯୋଗୁଁ ରାସ୍ତାରେ ଯାନାବାହାନ ଅଧା କମିଯିବାକୁ ବସିଛି। ଏଭଳିକି ଆମ୍ବୁଲାନ୍ସରେ ତେଲ ନଥିବା ଯୋଗୁଁ ରାସ୍ତାରେ ରୋଗୀର ମୃତ୍ୟୁ ହୋଇଥିବା ଖବର ମଧ୍ୟ ନଜରକୁ ଆସିଛି।

୧୯୭୫ ମସିହାର ଐତିହାସିକ ଜରୁରୀକାଳୀନ ପରିସ୍ଥିତି ଏବଂ ବର୍ତ୍ତମାନର ସାମାଜିକ-ରାଜନୀତିକ ପରିବେଶ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ତୁଳନାତ୍ମକ ଚିତ୍ରକୁ ଦର୍ଶାଉଛି। ଏହି ପ୍ରେକ୍ଷାପଟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିବାଦର ଶୈଳୀ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନ କାଳକୁ ନେଇ ବର୍ତ୍ତମାନ ଚର୍ଚ୍ଚା ଜୋର ଧରିଛି। ୧୯୭୫ ମସିହାରେ ଯେତେବେଳେ ଦେଶରେ ଆନୁଷ୍ଠାନିକ ଜରୁରୀକାଳୀନ ପରିସ୍ଥିତି ଜାରି ହୋଇଥିଲା, ସେତେବେଳେ ବିଜୁ ପଟ୍ଟନାୟକ ଏହା ବିରୁଦ୍ଧରେ ଦୃଢ଼ ସ୍ୱର ଉତ୍ତୋଳନ କରି ପ୍ରଥମ ନେତାମାନଙ୍କ ମଧ୍ୟରେ ଗିରଫ ହୋଇଥିଲେ । ବିଜୁ ବାବୁ ସର୍ବଦା ଜଣେ ସ୍ପଷ୍ଟବାଦୀ ଏବଂ ସାଧାରଣ ଜୀବନଯାପନ କରୁଥିବା ନେତା ଥିଲେ। ମୁଖ୍ୟମନ୍ତ୍ରୀ ଥିବା ସମୟରେ ମଧ୍ୟ ସେ ଅନେକ ସମୟରେ ରାଜ୍ୟ ସଚିବାଳୟକୁ ସାଇକେଲରେ ଯାଉଥିଲେ। ଏହା କେବଳ ଇନ୍ଧନ ସଞ୍ଚୟର ଏକ ମାଧ୍ୟମ ନଥିଲା ବରଂ ବିପର୍ଯ୍ୟସ୍ତ ଅର୍ଥନୀତି ସମୟରେ ଜନସାଧାରଣଙ୍କ ସହ ସାମିଲ ହେବା ଏବଂ ଶାସନ ଗତ ଅପବ୍ୟୟକୁ ବିରୋଧ କରିବାର ଏକ ସାଧାରଣ ତଥା ଶକ୍ତିଶାଳୀ ପ୍ରତୀକ ଥିଲା । ବର୍ତ୍ତମାନର ରାଜନୈତିକ ସମୀକ୍ଷକ ଓ ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରନ୍ତି ଯେ ଆଜିର ସମୟରେ କୌଣସି ଆନୁଷ୍ଠାନିକ ଜରୁରୀକାଳୀନ ପରିସ୍ଥିତି ଲାଗୁ ହୋଇନଥିଲେ ମଧ୍ୟ, ସଂସ୍ଥାଗୁଡ଼ିକର ସ୍ୱାଧୀନତା ଏବଂ ମୁକ୍ତ ସ୍ୱର ଉପରେ ଏକ ପ୍ରକାର କଟକଣା ରହିଛି। ବର୍ତ୍ତମାନର ଆର୍ଥିକ ମାନ୍ଦାବସ୍ଥା, ବେକାରୀ ସମସ୍ୟା ଏବଂ କ୍ରମାଗତ ଭାବେ ବଢୁଥିବା ଇନ୍ଧନ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମକୁ ନେଇ ସାଧାରଣ ଜନତା ଚିନ୍ତିତ । ଏହି ପରିପ୍ରେକ୍ଷୀରେ ବିଜୁ ବାବୁଙ୍କ ସେହି ସାଇକେଲ୍ ଶୈଳୀର ପ୍ରତିବାଦ ଏବଂ ମିତବ୍ୟୟିତା ଆଜି ବି ଜନମାନସରେ ପ୍ରେରଣା ସାଜିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ଅନେକ ବଡ଼ ଏବଂ କଠୋର ନିଷ୍ପତ୍ତି ନିଆଯାଉଛି । ବିରୋଧୀମାନେ ଏହାକୁ ଏକଛତ୍ରବାଦୀ ବା 'ଅଘୋଷିତ ଜରୁରୀକାଳୀନ ପରିସ୍ଥିତି' ବୋଲି ସମାଲୋଚନା କରୁଥିବା ବେଳେ, ସମର୍ଥକମାନେ ଏହାକୁ ଦେଶର ବିକାଶ ଓ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

## ଆକାଶ ଛୁଆଁ ତେଲ ଦର
# ପେଟ୍ରୋଲ ପମ୍ପ ଆଗରେ ଲମ୍ବା ଧାଡ଼ି, କୃତ୍ରିମ ସଙ୍କଟ !



- ପେଟ୍ରୋଲ-ଡିଜେଲ ଲିଟର ପିଛା ୩ ଟଙ୍କା ଓ ସିଏନ୍‌ଜି ୨ ଟଙ୍କା ବୃଦ୍ଧି
- ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ୪ ବର୍ଷର ସବୁଠାରୁ ବଡ଼ ମହଙ୍ଗା ମାଡ଼
- ସ୍ଥିତି ସୁଧାରିବାକୁ ୪୮ ଘଣ୍ଟା ସମୟ ମାଗିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ

ଭୁବନେଶ୍ୱର, ୧୬/୦୫ (ଜେଏନଏସ) : ଓଡ଼ିଶା ସମେତ ସାରା ଦେଶରେ ପୁଣି ଥରେ ମହଙ୍ଗା ମାଡ଼ର ଅଣ୍ଟା ଭାଙ୍ଗିଛି ସାଧାରଣ ଜନତାଙ୍କର। ପଶ୍ଚିମ ଏସିଆ ବା ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୨୦ ଡଲାର ଟପିଯାଇଛି। ଏହାର ସିଧାସଳଖ ପ୍ରଭାବ ଘରୋଇ ବଜାର ଉପରେ ପଡ଼ିଛି। ଗତକାଲି ମଧ୍ୟରାତ୍ରିରୁ ପେଟ୍ରୋଲ ଏବଂ ଡିଜେଲ ଦରରେ ଲିଟର ପିଛା ୩ ଟଙ୍କାର ଏକ ବଡ଼ ଧରଣର ବୃଦ୍ଧି ଘଟିଛି । ଏହା ସହିତ ଗାଡ଼ି ଚାଳକଙ୍କୁ ଆଉ ଏକ ଝଟ୍‌କା ଦେଇ ସିଏନଜି ଦର ମଧ୍ୟ କିଲୋଗ୍ରାମ ପିଛା ୨ ଟଙ୍କା ମହଙ୍ଗା ହୋଇଛି । ସାରା ଦେଶରେ ବିଗତ ୪ ବର୍ଷ ମଧ୍ୟରେ ଏହା ସବୁଠାରୁ ବଡ଼ ତୈଳ ଦର ବୃଦ୍ଧି ବୋଲି କୁହାଯାଉଛି। ଦର ବୃଦ୍ଧି ଏବଂ ଆଗକୁ ଇନ୍ଧନ ମିଳିବା ନେଇ ଆଶଙ୍କା ପ୍ରକାଶ ପାଇବା ପରେ ଓଡ଼ିଶାର କୋଣ ଅନୁକୋଣରେ ଥିବା ପେଟ୍ରୋଲ ପମ୍ପଗୁଡ଼ିକରେ ଗତକାଲି ମଧ୍ୟରାତ୍ରିରୁ ହିଁ ଗାଡ଼ିର ମାଇଲ୍ ମାଇଲ୍ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି । ଭୁବନେଶ୍ୱର, କଟକ, ପୁରୀ, ସମ୍ବଲପୁର ଏବଂ ବ୍ରହ୍ମପୁର ଭଳି ପ୍ରମୁଖ ସହରମାନଙ୍କରେ ସକାଳୁ ପେଟ୍ରୋଲ ପାଇଁ ହାହାକାର ସ୍ଥିତି ସୃଷ୍ଟି ହୋଇଛି। ଲୋକଙ୍କ ମଧ୍ୟରେ ଆତଙ୍କିତ କ୍ରୟ ଏତେ ମାତ୍ରାରେ ବଢ଼ିଯାଇଛି ଯେ, ଆବଶ୍ୟକତା ଠାରୁ ଅଧିକ ତେଲ କିଣିବା ଯୋଗୁଁ ଅନେକ ପମ୍ପର ଷ୍ଟକ୍ ଶୂନ୍ୟ ହୋଇଯାଇଛି ଏବଂ ପମ୍ପଗୁଡ଼ିକରେ 'ନୋ ଷ୍ଟକ୍' ବୋର୍ଡ ଝୁଲିଥିବା ଦେଖିବାକୁ ମିଳିଛି। ତୈଳ ସଙ୍କଟ ଯୋଗୁଁ ସାଧାରଣ ପରିବହନ ବ୍ୟବସ୍ଥା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ରାଜ୍ୟର ଶହ ଶହ ଘରୋଇ ବସ୍ ଏବଂ ମାଲ୍‌ବାହୀ ଟ୍ରକ୍ ଗୁଡ଼ିକ ଇନ୍ଧନ ଅଭାବରୁ ରାସ୍ତାକଡ଼ରେ ଅଟକି ରହିଛି। ବସ୍ ଓ ଟ୍ରକ୍ ଆସୋସିଏସନ ପକ୍ଷରୁ ଭାରୀ ଯାନବାହନ ପାଇଁ ତୁରନ୍ତ ସ୍ୱତନ୍ତ୍ର କୋଟା ଏବଂ ସ୍ୱତନ୍ତ୍ର ପେଟ୍ରୋଲ ପମ୍ପ ମାଧ୍ୟମରେ ଯୋଗାଣ ପାଇଁ ଦାବି ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

## ଖଣି ଅଧିକାରୀଙ୍କୁ ମୋରମ ମାଫିଆଙ୍କ ଆକ୍ରମଣ

ସୋର, ୧୬/୦୫ (ଜେଏନଏସ) : ମୋରମ ମାଫିଆଙ୍କ ଆତଙ୍କରାଜ। ସରକାରୀ ବାବୁଙ୍କ ଗାଡ଼ି କାଚ ଭାଙ୍ଗିଦେଲେ ମୋରମ ମାଫିଆ। ବାଲେଶ୍ୱର ଜିଲ୍ଲା ଖଇରା କନିଷ୍ଠ ଖଣି ଅଧିକାରୀଙ୍କ ଗାଡ଼ି କାଚ ଭାଙ୍ଗିଦେଲେ ମୋରମ ମାଫିଆ । ଖବର ଅନୁଯାୟୀ, ବିଳମ୍ବିତ ରାତିରେ କୁପାରି ଅଞ୍ଚଳରେ ଚଢାଉ କରିବାକୁ ଯାଇଥିଲେ ଖଇରା କନିଷ୍ଠ ଖଣି ଅଧିକାରୀ । ଏହି ସମୟରେ ମୋରମ ମାଫିଆମାନେ ଆକ୍ରମଣ କରିଥିଲେ । ଗୋଟିଏ କାର ଓ ୨ଟି ବାଇକ୍ରେ ଆସି ମୋରମ ମାଫିଆ ଆକ୍ରମଣ କରିଥିଲେ । ସୁନ୍ଦରପୁର ଛକରେ ଗାଡ଼ିକୁ ଅଟକାଇ କାଚ ଭାଙ୍ଗିବା ସହ ଆକ୍ରମଣ କରିଥିଲେ । ଏପରିକି ମାଫିଆମାନେ ପଛେ ପଛେ ଆସି ଥାନା ସମ୍ମୁଖରେ ହତ୍ୟା ଧମକ ବି ଦେଇଥିଲେ । ବିଶେଷ ସୂତ୍ରରୁ ଖବର ପାଇ କନିଷ୍ଠ ଖଣି ଅଧିକାରୀ ଅଭିଷେକ ବେହେରା ଚଢାଉ କରିବାକୁ ଯାଇଥିଲେ । ସେପଟ ଏହି ଆକ୍ରମଣରେ ୧୦ରୁ ଅଧିକ ମାଫିଆ ଥିବା ସୂଚନା ମିଳିଛି । ଆକ୍ରମଣ ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଛି ।ପ୍ରତିଦିନ ଉକ୍ତ ଅଞ୍ଚଳରେ ଖୁଲମଖୁଲା ମୋରମ ଚୋରା ଚାଲାଣ ହେଉଥିବାର ଅଭିଯୋଗ ଆସିଥିଲା

## ଯୁବତୀଙ୍କୁ ହତ୍ୟା




କାକଟପୁର, ୧୬/୦୫ (ଜେଏନଏସ) : ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ଶଙ୍କରେଶ୍ୱର (ଶଙ୍ଖେଶ୍ୱରୀ) ଅଞ୍ଚଳରେ ଆଜି ଏକ ଅତ୍ୟନ୍ତ ଦୁଃଖଦାୟକ ଓ ବିଭତ୍ସ ହତ୍ୟାକାଣ୍ଡ ଘଟିଥିବା ସୂଚନା ମିଳିଛି। ମୃତ ଯୁବତୀଙ୍କ ନାମ ଲିଲି ପ୍ରିୟା ବେହେରା ବୋଲି ଜଣାପଡିଛି। ଅଭିଯୁକ୍ତ ହେଉଛନ୍ତି ସ୍ମୃତି ରଞ୍ଜନ ସ୍ୱାଇଁ, ଯିଏ କି ସମ୍ପର୍କରେ ମୃତକଙ୍କ ଭଣଜା। ଶୁକ୍ରବାର ବିଳମ୍ବିତ ରାତିରେ ସ୍ମୃତି ରଞ୍ଜନ ନିଜ ମାମୁଁଙ୍କ ଘରେ ପଶି ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ପାରିବାରିକ ଶତ୍ରୁତା ଯୋଗୁଁ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। ପୋଲିସ ଅଭିଯୁକ୍ତକୁ ଘର ନିକଟସ୍ଥ ଏକ କେନାଲ କୂଳରୁ ଅଚେତ ଅବସ୍ଥାରେ ଉଦ୍ଧାର କରିବା ପରେ ଗିରଫ କରିଛି। ସେ ନିଶାସକ୍ତ ଅବସ୍ଥାରେ ଥିବା ସୂଚନା ମିଳିଛି।

# ନିୟନ୍ତ୍ରଣ ବାହାରେ ରାଜ୍ୟର ଆଇନଶୃଙ୍ଖଳା : ସରକାର ଖୋଜନ୍ତୁ ବିକଳ୍ପ ପନ୍ଥା





ଭୁବନେଶ୍ୱର, ୧୬/୦୫ (ଜେଏନଏସ) : ରାଜ୍ୟରେ ଦିନକୁ ଦିନ ଆଇନଶୃଙ୍ଖଳା ବିଗିଡିବାରେ ଲାଗିଛି। ଗୋଟିକ ପରେ ଗୋଟିଏ ବର୍ବରକାଣ୍ଡ ରାଜ୍ୟରେ ଆଇନଶୃଙ୍ଖଳାକୁ ଦିଗହରା କରିଥିବା କୁହାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଇନଶୃଙ୍ଖଳା ନେଇ ସମୀକ୍ଷା ବୈଠକ କରିଥିଲେ ମଧ୍ୟ ସେଭଳି କିଛି ସୁଫଳ ଦେଖିବାକୁ ମିଳୁନାହିଁ । ଗତ ପନ୍ଦର ଦିନ ମଧ୍ୟରେ ଗୋଟିକ ପରେ ଗୋଟିଏ ହତ୍ୟା ଘଟଣା ଓଡ଼ିଶାର ଜନଜୀବନକୁ ଆତଙ୍କିତ କରି ପକାଇଛି। ରାଜଧାନୀ ଉପକଣ୍ଠ ବାଲିଅନ୍ତାରେ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଯେଭଳି ସାଧାରଣ ଘଟଣା ପାଇଁ ଦିନ ଦ୍ୱିପ୍ରହରେ ପୋଲିସ ଉପସ୍ଥିତିରେ ହତ୍ୟା କରାଗଲା ତାହା ରାଜ୍ୟବାସୀଙ୍କୁ ଯେତିକି ବିସ୍ମିତ କରିଛି ସେତିକି ପୋଲିସ ପ୍ରଶାସନ ଉପରୁ ଆସ୍ଥା ତୁଟି ଯିବାକୁ ବସିଛି। ପ୍ରତିଦିନ ରାଜ୍ୟର ବିଭିନ୍ନ ଅଞ୍ଚଳରେ କେଉଁଠି ନା କେଉଁଠି ନିଷ୍ଠୁର ଓ ନିର୍ମମ ଦୃଶ୍ୟ ଦୃଷ୍ଟି ଗୋଚର ହେଉଛି। ନବେ ଦଶକରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ମଦ ମାଫିଆଙ୍କୁ ନିୟନ୍ତ୍ରଣ କରିବା ପାଇଁ ସୁମନୀ ଝୋଡ଼ିଆଙ୍କ ସମେତ ଆଠ ଜଣ ଜନଜାତିଙ୍କୁ ପୋଲିସର କ୍ଷମତା ଓ ପୋଷାକ ପ୍ରଦାନ କରାଯାଇଥିଲା । ସାଧାରଣ ଲୋକଙ୍କୁ ଏବ ବାର୍ତ୍ତା ଦିଆଯାଇଥିଲା ଯେ, ଯଦି ପୋଲିସ ଆଇନଶୃଙ୍ଖଳା ରକ୍ଷା କରିବାରେ ବିଫଳ ହେଉଛି ତେବେ ସାଧାରଣ ଲୋକଙ୍କୁ ପୋଲିସ କ୍ଷମତା ପ୍ରଦାନ କରାଗଲେ ଆଇନଶୃଙ୍ଖଳା ଉପରେ ଏକ ସକରାତ୍ମକ ପ୍ରଭାବ ପଡ଼ିବ। ମୋହନ ସରକାରଙ୍କ ସମୟରେ ପୋଲିସ ବିଭାଗର ଦାୟିତ୍ୱ ଓ ଦକ୍ଷତା ଶିଥିଳ ପଡ଼ିଗଲା ଭଳି ଲୋକେ ଅନୁଭବ କଲେଣି। ଓଡ଼ିଆ ଅସ୍ମିତା ନାମରେ ନବୀନ ପଟ୍ଟନାୟକ ଓ ପାଣ୍ଡିଆନଙ୍କୁ ଲୋକେ ଉପେକ୍ଷା କରି ବିଜେପିକୁ ଭୋଟ ଦେଇ ରାଜ୍ୟରେ ଜିତାଇଥିଲେ। ମାତ୍ର ଦୁଇ ବର୍ଷ ଭିତରେ ସରକାରଙ୍କ ଶାସନଶୈଳୀ ବିଶ୍ୱାସ ଭାଜନ ହେଉନାହିଁ। ତେଣୁ ସାଧାରଣ ଲୋକେ ଏବେ କୁହାକୁହି ହେଲେଣି ନବୀନ ଓ ପାଣ୍ଡିଆନଙ୍କ ଯୁଗ ଫେରି ଆସିଲେ ଭଲ ହେବ। ରାଜ୍ୟରେ ଆଇନଶୃଙ୍ଖଳା ନିୟନ୍ତ୍ରଣକୁ ଆଣିବାକୁ ହେଲେ ସରାକରଙ୍କୁ ନୂତନ ରଣନୀତି ଗ୍ରହଣ କରିବାକୁ ପଡ଼ିବ। କେନ୍ଦ୍ରମନ୍ତ୍ରୀ ନିତୀନ ଗଡ଼କରୀ ଯେଭଳି ଏକ ନୂଆ ନିଷ୍ପତି ନେଇ ରାସ୍ତାରେ ଦୁର୍ଘଟଣା ପୀଡ଼ିତଙ୍କୁ ଡାକ୍ତରଖାନାରେ ଯେଉମାନେ ପହଁଞ୍ଚାଇବେ ସେମାନଙ୍କୁ ପଚିଶ ହଜାର ଟଙ୍କା ଦିଆଯିବ। ସେହି ଭଳି ମୋହନ ମାଝି ଯଦି ଆଇନଶୃଙ୍ଖଳା ଦିଗରେ ଏକ ନୂଆ ଦିଗବାରେଣୀ ଖୁଣ୍ଟି ପୋତିବାକୁ ଚାହୁଁଛନ୍ତି ତେବେ ନୂଆ ନିଷ୍ପତି ନେବାକୁ ହେବ। ଗାଁ ଗହଳିରେ ଆଇନକୁ ହାତକୁ ନେଉଥିବା ଯୁବକମାନଙ୍କ କବଳରୁ ଅଭିଯୁକ୍ତକୁ ସୁରକ୍ଷିତ ଭାବେ ଥାନାରେ ଯିଏ ପହଁଞ୍ଚାଇବ ତାକୁ କିଛି ପ୍ରୋତ୍ସାହନ ରାଶି ଘୋଷଣା କରାଯାଉ। କ୍ରୋଧିତ ଯୁବକମାନଙ୍କ କବଳରୁ ଯେଉଁମାନେ ବୁଝା ସୁଝା କରି ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇବା କିମ୍ବା ଥାନାକୁ ଆଣିବେ ସେମାନଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରାଯିବା ଭଳି ପ୍ରୋତ୍ସାହନ ରାଶି ମୋହନ ସରକାର ଘୋଷଣା କଲେ ଯେଉଁ ଯୁବକ ମାନେ ଗଣ୍ଡୋଗୋଳରେ ସାମିଲ ହୋଇଥିବେ ସେମାନେ ଲୋକଙ୍କୁ ସୁରକ୍ଷା ଦେବାପାଇଁ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

# ୭୦ ବର୍ଷର ରେକର୍ଡ ଭାଙ୍ଗିଲେ, ୨୯ ବର୍ଷରେ ମନ୍ତ୍ରୀ ହେଲେ ଏସ୍ କୀର୍ତ୍ତନା




ତାମିଲନାଡୁ, ୧୬/୦୯ : ଟିଭିକେର ଯୁବ ନେତ୍ରୀ ଏସ୍ କୀର୍ତ୍ତନା। ୧୯୯୬ ମସିହାରେ ତାମିଲନାଡୁର ବିରୁଧୁନଗରରେ ଜନ୍ମଗ୍ରହଣ କରିଥିବା କୀର୍ତ୍ତନା, ମାଦୁରାଇସ୍ଥିତ କାମରାଜ ବିଶ୍ୱବିଦ୍ୟାଳୟର ଏକ କଲେଜରୁ ଗଣିତରେ ବିଏସସି କରିବା ପରେ ୨୦୧୯ରେ ପୁଡୁଚେରୀ ବିଶ୍ୱବିଦ୍ୟାଳୟରୁ ପରିସଂଖ୍ୟାନରେ ଏମ୍ଏସସି ଡିଗ୍ରୀ ହାସଲ କରିଛନ୍ତି।

ବୟସ ମାତ୍ର ୨୯ ବର୍ଷ। ମାତୃଭାଷା ତାମିଲ, କିନ୍ତୁ ମୁହଁ ଖୋଲିଲେ ବାହାରୁଛି ଅର୍ନଗଳ ହିନ୍ଦୀ। କେବଳ ହିନ୍ଦୀ ନୁହେଁ, ମାତୃଭାଷା ତାମିଲ ସମେତ ୫ଟି ରାଜ୍ୟର ଭାଷା କହିବାରେ ସେ ପୂରା ମାଷ୍ଟର। ଦୀର୍ଘ ୭ ଦଶନ୍ଧି ଧରି ତାମିଲନାଡୁର ଯେଉଁ ଆସନରେ ପୁରୁଷମାନେ ରାଜୁତି କରିଆସୁଥିଲେ ସେଇ ଆସନରେ ତାମିଲନାଡୁର ପ୍ରଥମ ଅଣ-ଡିଏମକେ ଏବଂ ଅଣ-ଏଆଇଏଡିଏମକେ ସରକାରର ନେତୃତ୍ୱ ନେଉଥିବା ବିଜୟଙ୍କ ଦଳ ଟିଭିକେର ସେ ବିଧାୟିକା। ଦେଶର ଆତସବାଜି ରାଜଧାନୀ କୁହାଯାଉଥିବା ଶିବକାଶୀ ଆସନରୁ ସେ ଟିଭିକେ ଟିକେଟରେ ନିର୍ବାଚନ ଲଢ଼ି ବିଜୟୀ ହୋଇଛନ୍ତି। ୧୧ହଜାରୁ ଊର୍ଦ୍ଧ୍ୱ ଭୋଟରେ ସେ ଏହି ଆସନକୁ ନିଜ ଅକ୍ତିଆରକୁ ନେଇଛନ୍ତି। ଆଉ ଆଜି ଟିଭିକେ ମୁଖିଆ ଥାଲାପତି ବିଜୟଙ୍କ ମନ୍ତ୍ରିମଣ୍ଡଳ ଶପଥ ସମାରୋହ ଉତ୍ସବରେ ସେ ମନ୍ତ୍ରୀଭାବେ ଶପଥ ନେଇଛନ୍ତି। ଏକମାତ୍ର ମହିଳା ତଥା ଶିବକାଶୀର ପ୍ରଥମ ମହିଳା ବିଧାୟକ ଭାବେ ସେ ଶପଥ ନେଇଥିବା ବେଳେ ସୃଷ୍ଟି କରିଛନ୍ତି ବିରଳ ରେକର୍ଡ। ଦୀର୍ଘ ୭ ଦଶନ୍ଧି ଧରି ଶିବକାଶୀ ଆସନରେ ପୁରୁଷମାନଙ୍କ ଦବଦବା ରହିଆସୁଥିବା ବେଳେ ଚଳିତ ବିଧାନସଭା ନିର୍ବାଚନରେ ସମସ୍ତଙ୍କୁ ପଛରେ ପକାଇ ବିପୁଳ ଭୋଟ ହାତେଇ ବିଜୟୀ ହୋଇଥିଲେ ଏସ୍ କୀର୍ତ୍ତନ। ମାତ୍ର ୨୯ ବର୍ଷ ବୟସରେ ମନ୍ତ୍ରୀ ହେବା ନିଶ୍ଚୟ ଏକ ବଡ଼ ସଫଳତା। ଆସନ୍ତୁ ଜାଣିବା ତାମିଲନାଡୁର ଏହି ସର୍ବକନିଷ୍ଠ ଯୁବ ମହିଳା ମନ୍ତ୍ରୀଙ୍କ ବିଷୟରେ ଆଉ କିଛି କଥା। ଟିଭିକେର ଯୁବ ନେତ୍ରୀ ଏସ୍ କୀର୍ତ୍ତନା। ୧୯୯୬ ମସିହାରେ ତାମିଲନାଡୁର ବିରୁଧୁନଗରରେ ଜନ୍ମଗ୍ରହଣ କରିଥିବା କୀର୍ତ୍ତନା, ମାଦୁରାଇସ୍ଥିତ କାମରାଜ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଏକ କଲେଜରୁ ଗଣିତରେ ବିଏସସି ଡିଗ୍ରୀ ହାସଲ କରିଥିଲେ। ପରେ ୨୦୧୯ରେ ପୁଡୁଚେରୀ ବିଶ୍ୱବିଦ୍ୟାଳୟରୁ ପରିସଂଖ୍ୟାନରେ ଏମ୍ଏସସି ଡିଗ୍ରୀ ହାସଲ କରିଛନ୍ତି। କଲେଜ ଲାଇଫରୁ ହିଁ ସେ ରାଜନୀତିରେ ରୁଚି ରଖିଥିଲେ। ଆକ୍ଟିଭ ପଲିଟିକ୍ସରେ ଏଣ୍ଟ୍ରି କରିବା ଆଗରୁ ସେ ତେଲୁଗୁ ଦେଶମ ପାର୍ଟି, ମମତାଙ୍କ ଟିଏମସି ଓ ଡିଏମକେ ଭଳି ଦଳର କ୍ୟାମ୍ପେନରେ ସାମିଲ ଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଷ୍ଟାଲିନ, ମମତା ବାନାର୍ଜୀଓଚନ୍ଦ୍ରବାବୁ ନାଇଡୁଙ୍କ ସହ ମଧ୍ୟ ସେ କାମ କରିଛନ୍ତି। ଆଉ ଆଜି ବିଜୟଙ୍କ ମନ୍ତ୍ରିମଣ୍ଡଳରେ ସେ ସର୍ବକନିଷ୍ଠ ତଥା ପ୍ରଥମ ମହିଳା ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ତାମିଲନାଡୁ ପରି ଏକ ରାଜ୍ୟ ଯେଉଁଠି ହିନ୍ଦୀ ଭାଷାକୁ ମୁଖ୍ୟତଃ ବିରୋଧ କରାଯାଏ ସେଠି ରହି ମଧ୍ୟ କୀର୍ତ୍ତନା ଅର୍ନଗଳ ହିନ୍ଦୀ କୁହନ୍ତି। ଯାହାକୁ ନେଇ ସେ ଅନେକ ସମୟରେ ଚର୍ଚ୍ଚାରେ ରହୁଥିଲେ। ନିର୍ବାଚନ ପ୍ରଚାର ସମୟରେ କୀର୍ତ୍ତନାଙ୍କର ଅନେକ ସାକ୍ଷାତକାର ସାମ୍ନାକୁ ଆସିଥିଲା, ଯେଉଁଥିରେ ସେ ହିନ୍ଦୀରେ କଥା ହେଉଥିଲେ। ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଚଳିତ ନିର୍ବାଚନରେ ସେ ଶିବକାଶୀରେ ୭୦ ବର୍ଷ ଧରି ଚାଲିଆସୁଥିବା ପୁରୁଷ ନେତାମାନଙ୍କର ପ୍ରଭୁତ୍ୱକୁ ଭାଙ୍ଗି ପ୍ରଥମ ମହିଳା ବିଧାୟକ ଭାବେ ପାଓ୍ୱାରକୁ ଆସି ରେକର୍ଡ ସୃଷ୍ଟି କରିଛନ୍ତି। ତାଙ୍କ କହିବା ଅନୁସାରେ, ଜାତୀୟ ସ୍ତରରେ ଲୋକଙ୍କ ସହ ଯୋଡ଼ିହେବା ପାଇଁ ହିନ୍ଦୀ ଭାଷା ଆବଶ୍ୟକ। ଟିଭିକେର ଚିନ୍ତାଧାରାକୁ ଜାତୀୟ ସ୍ତରରେ ପହଂଚାଇବା ପାଇଁ ଦଳର କୌଣସି ନେତାଙ୍କର ହିନ୍ଦୀ କହିବା ଜରୁରୀ ବୋଲି ସେ ମନେ କରନ୍ତି।

## ୧୮ରେ ଓଡ଼ିଶା ଆସିବେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଟଣୀରେ ପ୍ରଶିକ୍ଷଣ ଶିବିର



ଭୁବନେଶ୍ୱର, ୧୬/୦୫ (ଜେଏନଏସ) : ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ଭୁବନେଶ୍ୱର ବିମାନ ବନ୍ଦରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ।ତାଙ୍କୁ ବିମାନବନ୍ଦରରୁ ଏକ ବିଶାଳ ରାଲିରେ ଜଟଣୀ ପ୍ରଶିକ୍ଷଣ ଶିବିର ପର୍ଯ୍ୟନ୍ତ ନିଆଯିବ। ଏହି ଶିବିରରେ ଦିନ ୨ଟା ପର୍ଯ୍ୟନ୍ତ ରହି କର୍ମୀମାନଙ୍କୁ ସାଙ୍ଗଠନିକ ମନ୍ତ୍ର ଦେବେ। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମଥର ପାଇଁ ଚଳିତମାସ ୧୮ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି ନୀତିନ ନବୀନ। ସେ ଜଟଣୀଠାରେ ଦଳୀୟ ପ୍ରଶିକ୍ଷଣ ଶିବିରକୁ ଉଦଘାଟନ କରିବା ସହ ରାଜ୍ୟ କାର୍ଯ୍ୟାଳୟରେ ଦଳର ରାଜ୍ୟ କୋର କମିଟି ବୈଠକରେ ଯୋଗ ଦେବେ। ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରି ପରିଷଦ ସଦସ୍ୟଙ୍କ ସହ ମଧ୍ୟ ସେ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି। ତାଙ୍କୁ ଦଳ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେବା ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ଦିନିକିଆ ଓଡ଼ିଶା ଗସ୍ତ ସମ୍ପର୍କରେ ସୂଚନା ଦେଇ ଦଳର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ଯେ, ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଏହି ଗସ୍ତ ଓଡ଼ିଶା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଏହା ଦଳକୁ ନୂଆ ଶକ୍ତି ପ୍ରଦାନ କରିବ। ଜଟଣୀଠାରେ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲାର ଦୁଇ ଦିନିଆ ପ୍ରଶିକ୍ଷଣ ଶିବିରକୁ ସେ ଉଦଘାଟନ କରିବା ସହିତ ନିଜର ଅଭିଭାଷଣ ରଖିବେ। ଏହି ଶିବିରରେ ଦିନ ୨ଟା ପର୍ଯ୍ୟନ୍ତ ରହି କର୍ମୀମାନଙ୍କୁ ସାଙ୍ଗଠନିକ ମନ୍ତ୍ର ଦେବେ। ଅପରାହ୍ନରେ ରାଜ୍ୟ କାର୍ଯ୍ୟାଳୟରେ କୋର କମିଟି ବୈଠକ ଓ ମନ୍ତ୍ରୀମାନଙ୍କ ସହ ସ୍ୱତନ୍ତ୍ର ଭାବେ ବୈଠକ କରିବେ। ସାଂଗଠନିକ ସ୍ଥିତି ଓ ସରକାରୀ ଯୋଜନାର କାର୍ଯ୍ୟକାରିତା ଉପରେ ସେ ମାର୍ଗଦର୍ଶନ ପ୍ରଦାନ କରିବେ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ କହିଛନ୍ତି ଯେ, ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ଭୁବନେଶ୍ୱର ବିମାନ ବନ୍ଦରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ।ତାଙ୍କୁ ବିମାନବନ୍ଦରରୁ ଏକ ବିଶାଳ ରାଲିରେ ଜଟଣୀ ପ୍ରଶିକ୍ଷଣ ଶିବିର ପର୍ଯ୍ୟନ୍ତ ନିଆଯିବ। ପ୍ରଧାନମନ୍ତ୍ରୀଙ୍କ ପରିବେଶ ସୁରକ୍ଷା ଓ ପେଟ୍ରୋଲ-ଡିଜେଲ ବ୍ୟବହାର ହ୍ରାସ କରିବା ସନ୍ଦେଶକୁ ପ୍ରସାର କରିବା ପାଇଁ ଏହି ରାଲିରେ ଅଧିକରୁ ଅଧିକ ବ୍ୟାଟେରୀ ଚାଳିତ ବା ଇ-ବାଇକ୍ ବ୍ୟବହାର କରିବାକୁ ଦଳ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହା ଜନସାଧାରଣଙ୍କ ମଧ୍ୟରେ ଏକ ସକାରାତ୍ମକ ବାର୍ତ୍ତା ପହଂଚାଇବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଦଳର ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର କହିଛନ୍ତି ଯେ, ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ସ୍ୱାଗତ ପାଇଁ କର୍ମକର୍ତ୍ତାଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ରହିଛି। ଜଟଣୀ ପ୍ରଶିକ୍ଷଣ ଶିବିରକୁ ସଫଳ କରିବାକୁ ସମସ୍ତ ପ୍ରକାରର ପ୍ରସ୍ତୁତି କରାଯାଇଛି ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ନୀତିନ ନବୀନ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବାପରେ ଏହା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ।

**ଆମ ବ୍ୟବସ୍ଥାର ଦୁଇ ବିକଳ ଚିତ୍ର**

# ସେଦିନ ନବୀନ ଆଜି ମୋହନ




ଭୁବନେଶ୍ୱର, ୧୬/୦୫ (ଜେଏନଏସ) : ମୃତ ଭଉଣୀ ନାଁରେ ଜମାଥିବା ଟଙ୍କା ଉଠାଇବା ପାଇଁ ଶେଷରେ ମୃତଦେହକୁ ଖୋଳି ଆଣି ବ୍ୟାଙ୍କରେ ପହଞ୍ଚିଥିଲେ ଭାଇ। ଗେଟ୍ ଆଗରେ ଗଳିତ ଶବ ରଖି ନ୍ୟାୟ ମାଗିଥିଲେ। ବ୍ୟାଙ୍କ ଦୁଆରେ ନିର୍ଦ୍ଦୟତାର ଏ ଚିତ୍ର ବେଶ୍ ଆନ୍ଦୋଳିତ କରିପକାଇଥିଲା ସଭିଙ୍କୁ। ପୁଣି ଥରେ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚାରେ ଓଡ଼ିଶାର ବିକଳ ବ୍ୟବସ୍ଥା। ପଦାରେ ପଡ଼ିଛି ପ୍ରଶାସନର ପାରିବା ପଣିଆ। ଗରବ ଖଟିଖିଆଙ୍କ ପାଇଁ ପ୍ରଶାସନ ଓ ପ୍ରଶାସନିକ ବ୍ୟବସ୍ଥା ଯେ କେତେ ଅପହଞ୍ଚ ତାର ପ୍ରମାଣ ଓଡ଼ିଶା ବାରମ୍ବାର ଦେଇ ଆସିଛି। ଦିନକୁ ଦିନ ସରଳୀକରଣ ହେଉଛି ପ୍ରଶାସନିକ ବ୍ୟବସ୍ଥା। ଯନ୍ତ୍ର ମଣିଷକୁ ରିପ୍ଲେସ କରି କାମକୁ ତ୍ୱରାନ୍ୱିତ କରୁଛି। ଆମେ ଦାବି କରୁଛେ କାମ ଶୀଘ୍ର ହୋଇଯାଉଛି । ମଣିଷ ସିନା ପରିବର୍ତ୍ତନ ହୋଇଯାଉଛି ହେଲେ ମାନବିକତା ଆଗ ଭଳି ସେ ପୁରୁଣା କାଳର ରହି ଯାଇଛି। ଖୋଦ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରର ପାଟଣା ଥାନା ମଲ୍ଲିପଶି ଅଞ୍ଚଳର ଘଟଣା। ଭଉଣୀ ମୃତ ବୋଲି ପ୍ରମାଣ ଦେବାକୁ ଜିତୁ ମୁଣ୍ଡା ନେଇ ଆସିଛି ତା' ଭଉଣୀର କଙ୍କାଳ। ୨ ମାସ ତଳୁ ପୋତା ହୋଇଥିବା ଭଉଣୀର ମୃତଦେହକୁ ଧରି ବ୍ୟାଙ୍କ୍ ଆସୁଛି ଭାଇ। ଶବକୁ କୋଳେଇ ବ୍ୟାଙ୍କ ଦୁଆରକୁ ଠକ୍ ଠକ୍ କରୁଛି। ଏ ଦୃଶ୍ୟ ଯେତିକି ବିଚଳିତ କରିଛି ସେତିକି ଆନ୍ଦୋଳିତ ବି। କାରଣ ଶୁଣିଲେ ଆପଣ ବି ହତବାକ୍ ହୋଇଯିବେ। ଯେତେବେଳେ ସିଷ୍ଟମ୍ ଶୁଣିଲାନି ସେତେବେଳେ ଗଳିତ ଶବ ହିଁ ଶେଷ ସାକ୍ଷୀ ସାଜିଲା। ନିୟମର ଏଭଳି ନିର୍ମମ ଚେହେରା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ପାଟଣା ଥାନା ମଲ୍ଲିପଶି ଅଞ୍ଚଳରେ। ମୃତ ଭଉଣୀ ନାଁରେ ଜମାଥିବା ଟଙ୍କା ଉଠାଇବା ପାଇଁ ଶେଷରେ ମୃତଦେହକୁ ଖୋଳି ଆଣି ବ୍ୟାଙ୍କରେ ପହଞ୍ଚିଥିଲେ ଭାଇ। ଗେଟ୍ ଆଗରେ ଗଳିତ ଶବ ରଖି ନ୍ୟାୟ ମାଗିଥିଲେ। ବ୍ୟାଙ୍କ ଦୁଆରେ ନିର୍ଦ୍ଦୟତାର ଏ ଚିତ୍ର ବେଶ୍ ଆନ୍ଦୋଳିତ କରିପକାଇଥିଲା ସଭିଙ୍କୁ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଭାଇ ଜିତୁ ମୁଣ୍ଡାଙ୍କୁ ବୁଝାସୁଝା କରିଥିଲା । ଅଭିଯୋଗ ଅନୁସାରେ, ଡିଆନାଳି ଗାଁର ଜିତୁ ମୁଣ୍ଡାଙ୍କ ଭଉଣୀ କାଳରା ମୁଣ୍ଡାଙ୍କର ଦୁଇ ମାସ ତଳୁ ମୃତ୍ୟୁ ହୋଇସାରିଥିଲା। ଭଉଣୀ ନାଁରେ ଥିବା ଟଙ୍କା ଉଠାଇବାକୁ ବାରମ୍ବାର ବ୍ୟାଙ୍କ ଦୌଡ଼ିଥିଲେ ଜିତୁ । ଭଉଣୀ ମୃତ ବୋଲି କହିଥିଲେ ବି କେହି ଶୁଣିନଥିଲେ। ଓଲଟି ବ୍ୟାଙ୍କ କର୍ତ୍ତୃପକ୍ଷ କହିଥିଲେ, ଯାହା ନାଁରେ ଆକାଉଣ୍ଟ ଅଛି ସେ ହିଁ ଆସିଲେ ଟଙ୍କା ଦିଆଯିବ। ଏଣୁ ଶେଷରେ ନିରୂପାୟ ହୋଇ ସତର ପ୍ରମାଣ ଦେବାକୁ ପୋତା ହୋଇସାରିଥିବା ମୃତଦେହକୁ ଖୋଳି ଆଣିବାକୁ ବାଧ ହୋଇଥିଲେ ଭାଇ ଜିତୁ ମୁଣ୍ଡା। ଆଜକୁ ପ୍ରାୟ ୧୦ ବର୍ଷ ତଳେ କାନ୍ଧରେ ନିଜ ସ୍ତ୍ରୀ ମର ଶରୀରକୁ ସ୍ୱାମୀ ବୋହି ନେଉଥିବାର ଚିତ୍ର ସମଗ୍ର ବିଶ୍ୱକୁ ଦୋହଲାଇ ଦେଇଥିଲା। ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦାନ ମାଝୀଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଗଲା। ହେଲେ ମର ଶରୀରର ନେବାକୁ ମିଳିଲାନି ଆମ୍ବୁଲାନସ୍। ଶେଷରେ ଦାନ ମାଝୀ କାନ୍ଧରେ ୧୨ କିଲୋମିଟର ତାଙ୍କ ସ୍ତ୍ରୀ ମର ଶୀରରକୁ ବୋହି ନେଉଥିବା ଦୃଶ୍ୟ ସମଗ୍ର ଦେଶକୁ ଆନ୍ଦୋଳିତ କରିଥିଲା। ଆମର ପାରିବା ପଣିଆ ପଦାରେ ପଡିଯାଇଥିଲା। ଆମ ପ୍ରଶାସନିକ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିକଳ ଚିତ୍ରକୁ ସେ ଦିନ ଦେଖିଥିଲା ସାରା ବିଶ୍ୱ। ଏ ଘଟଣାକୁ ପ୍ରାୟ ୧୦ ବର୍ଷ ବିତିଗଲାଣି କିନ୍ତୁ ଆଜି ମଧ୍ୟ ଚିତ୍ର ବଦଳନି। ଏବେ ବି ସେହି ସ୍ୱେଚ୍ଛାଚାରୀ ବ୍ୟବସ୍ଥାର ଶାସନ ତଳେ ପେଶୀ ହେଉଛି ଗରିବ ଖଟିଖିଆ ଆଦିବାସୀଟିଏ। ସରକାରଙ୍କ ବ୍ୟବସ୍ଥା ଆଗରେ ହାର ମାନି ଶେଷରେ ଯେତେ କଷ୍ଟ ହେଲେ ମଧ୍ୟ ନିଜ ମଲା ଭଉଣୀର ଶବର କଙ୍କାଳକୁ ମୃତ ବୋଲି ପରିଚୟ ଦେବାକୁ କବର ତଳୁ ଖୋଳି ଆଣିଛି ଏ ଭାଇ। ହଁ ସରକାର ବଦଳିଛି ସେ ଦିନ ଥିଲେ ନବୀନ ପଟ୍ଟନାୟକ ଆଜି ମୋହନ ମାଝୀଙ୍କ ଶାସନ ଚାଲିଛି। ହେଲେ ଚିତ୍ର କିନ୍ତୁ ବଦଳନି।

## ଶପଥ ନେଲେ ହିମନ୍ତ ବିଶ୍ୱ ଶର୍ମା

ଆସାମ, ୧୬/୦୫ : ଲଗାତାର ଦ୍ୱିତୀୟ ଥର ପାଇଁ ଆସାମ ମୁଖ୍ୟମନ୍ତ୍ରୀ ଭାବରେ ହିମନ୍ତ ବିଶ୍ୱ ଶର୍ମା ଶପଥ ଗ୍ରହଣ କରିଛନ୍ତି। ଗୁଆହାଟୀ ନିକଟସ୍ଥ ଖାନପାରା ଭେଟେନାରୀ କଲେଜ ପଡ଼ିଆରେ ଅନୁଷ୍ଠିତ ଶପଥ ଗ୍ରହଣ ସମାରୋହରେ ସେ ଶପଥ ଗ୍ରହଣ କରିଛନ୍ତି। ହିମନ୍ତଙ୍କ ଶପଥ ଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବିନଙ୍କ ସମେତ ଏନଡିଏର ବିଭିନ୍ନ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ଥିଲେ। ସୁରକ୍ଷା ଦୃଷ୍ଟିରୁ ଖାନପାରା ଅଞ୍ଚଳରେ ବ୍ୟାରିକେଡ୍, ଟ୍ରାଫିକ୍ ଡାଇଭର୍ସନ ଏବଂ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଆସାମରେ ତୃତୀୟ ଥର ପାଇଁ ଏନଡିଏ ସରକାରକୁ ଆସିଛି। ହିମନ୍ତଙ୍କ ସହ ଚାରି ଜଣ ମନ୍ତ୍ରୀ ମଧ୍ୟ ଶପଥ ନେଇଛନ୍ତି। ଏଥି ମଧ୍ୟରୁ ବିଜେପିର ଦୁଇଜଣ ଏବଂ ସହଯୋଗୀ ଆସାମ ଗଣ ପରିଷଦ (ଏଜିପି) ଏବଂ ବୋଡୋଲ୍ୟାଣ୍ଡ ପିପୁଲ୍ସ ଫ୍ରଣ୍ଟ (ବିପିଏଫ)ର ଜଣେ ଲେଖାଏଁ ଅଛନ୍ତି। ସେମାନେ ହେଲେ ରାମେଶ୍ୱର ତେଲି, ଅତୁଲ ବୋରା (ଏଜିପି), ଚରଣ ବୋରୋ (ବିପିଏଫ) ଏବଂ ଅଜନ୍ତା ନେଓଗ। ପୂର୍ବତନ ମନ୍ତ୍ରୀ ଏବଂ ବରିଷ୍ଠ ବିଜେପି ବିଧାୟକ ରଞ୍ଜିତ କୁମାର ଦାସ ରାଜ୍ୟ ବିଧାନସଭାର ବାଚସ୍ପତି ପଦ ପାଇଁ ଏନଡିଏର ପ୍ରାର୍ଥୀ ହୋଇଛନ୍ତି।

## ବିଜେଡିରୁ ନୟାଗଡ଼ ବ୍ଲକ ଅଧ୍ୟକ୍ଷଙ୍କ ଇସ୍ତଫା

ନୟାଗଡ଼, ୧୬/୦୫ (ଜେଏନଏସ) : ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ବିଜେଡିର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଶ୍ରୀ ସାହୁ ତାଙ୍କ ଇସ୍ତଫାପତ୍ର ଜିଲା ସଭାପତି ଏବଂ ରାଜ୍ୟ ସଭାପତିଙ୍କ ପାଖକୁ ପଠାଇ ବ୍ୟକ୍ତିଗତ କାରଣ ପାଇଁ ଦଳ ଛାଡୁଛି ବୋଲି ଦର୍ଶାଇଛନ୍ତି। ନିକଟରେ ଶ୍ରୀ ସାହୁ ବିଜେଡି ଛାଡ଼ିବା ନେଇ ନୟାଗଡ଼ ରାଜନୀତିରେ ଚର୍ଚ୍ଚା ହେଉଥିଲା। ଆଜି ସେ ବିଧିବଦ୍ଧ ଭାବେ ଇସ୍ତଫା ଦେଇଛନ୍ତି। ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଜଣେ ଦୃଢ଼ ସମର୍ଥକ ଭାବେ ଜଣାଶୁଣା ଶ୍ରୀ ସାହୁ ସରପଞ୍ଚ ଓ ବ୍ଲକ ଅଧ୍ୟକ୍ଷ ପଦରେ କାର୍ଯ୍ୟ କରିଥିଲେ। ଏହା ପୂର୍ବରୁ ବିଧାୟକଙ୍କ ଦୃଢ଼ ସମର୍ଥକ ସମବାୟ ବ୍ୟାଙ୍କ ସଭାପତି ରବୀନ୍ଦ୍ର କୁମାର ସାହୁ ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି। ଜଣକ ପରେ ଜଣେ ଦୃଢ଼ ଅନୁଗତ ଦଳ ଛାଡ଼ିବା ବିଧାୟକଙ୍କ ପାଇଁ ବଡ଼ ଧକ୍କା ବୋଲି ନୟାଗଡ଼ରେ ଚର୍ଚ୍ଚା ଜୋର ଧରିଛି।

## ବିଦେଶକୁ ଚିନି ରପ୍ତାନୀ ବନ୍ଦ

ନୂଆଦିଲ୍ଲୀ, ୧୬/୦୫ : ବିଦେଶକୁ ଚିନି ରପ୍ତାନୀ ବନ୍ଦ କଲା ଭାରତ। କେନ୍ଦ୍ର ସରକାର ଏକ ବଡ଼ ନିଷ୍ପତ୍ତି ନେଇ ଏହାକୁ କାର୍ଯ୍ୟକାରୀ କରିଛନ୍ତି। ସରକାର ତୁରନ୍ତ ଚିନି ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଭାରତ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଆଉ କୌଣସି ଦେଶକୁ ଚିନି ରପ୍ତାନି କରିବ ନାହିଁ। କଞ୍ଚା, ଧଳା ଏବଂ ପରିଷ୍କୃତ ତିନି ପ୍ରକାରର ଚିନି ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଯାଇଛି। ଆବଶ୍ୟକ ହେଲେ ଏହି ନିଷେଧକୁ ଆହୁରି ବୃଦ୍ଧି କରାଯାଇପାରେ ବୋଲି ସୂଚନା ଦିଆଯାଇଛି। କେନ୍ଦ୍ର ସରକାର ଏହି ନିର୍ଦ୍ଦେଶ ପାଳନ କରିବାକୁ ନିର୍ଦ୍ଦେଶ ଦେଇ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ଦେଶରେ ଚିନି ମୂଲ୍ୟ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ଚିନି ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ବ୍ରାଜିଲ ପରେ ଭାରତ ବିଶ୍ୱର ଦ୍ୱିତୀୟ ବୃହତ ଚିନି ଉତ୍ପାଦକ। ସମ୍ପ୍ରତି, ସରକାର ଚିନି କମ୍ପାନୀଗୁଡ଼ିକୁ ୧.୫ ନିୟୁତ ମେଟ୍ରିକ୍ ଟନ୍ ଚିନି ରପ୍ତାନି କରିବାକୁ ଅନୁମତି ଦେଇଛନ୍ତି, କାରଣ ଉତ୍ପାଦନ ଘରୋଇ ଚାହିଦାଠାରୁ ଅଧିକ ହେବ ବୋଲି ଆଶା କରାଯାଉଥିଲା। ତଥାପି, ଆଶଙ୍କା କରାଯାଉଛି ଯେ ଆଖୁ ଉତ୍ପାଦନକାରୀ ରାଜ୍ୟଗୁଡ଼ିକରେ ଖରାପ ଫସଲ ଯୋଗୁଁ, ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଉତ୍ପାଦନ କମ୍ ରହିବ, ଯେତେବେଳେ ବ୍ୟବହାର ପର୍ଯ୍ୟାପ୍ତ ହେବ। କେନ୍ଦ୍ର ସରକାରଙ୍କ ଅନୁଯାୟୀ, କମ୍ ଉତ୍ପାଦନ ଏଲ୍ ନିନୋ ପାଗ ଯୋଗୁଁ ହେବ, ଯାହା ଫଳରେ ଖରାପ ମୌସୁମୀ ବର୍ଷା ହେବ, ଯାହା ଫଳରେ ଖରାପ ଫସଲ ହେବ ଏବଂ ଉତ୍ପାଦନ ହ୍ରାସ ପାଇବ। ଦେଶର ବ୍ୟବହାର ପୂରଣ କରିବା ପାଇଁ ଯେକୌଣସି ଉତ୍ପାଦନ ଆବଶ୍ୟକ ହେଉ, ରପ୍ତାନି ଉପରେ ରୋକ ଲଗାଇବା ଜରୁରୀ ହୋଇପଡିଲା। ଡିଲରମାନେ କହିଛନ୍ତି ଯେ ରପ୍ତାନି ପାଇଁ ଅନୁମୋଦିତ ୧.୫ ନିୟୁତ ମେଟ୍ରିକ୍ ଟନ୍ ମଧ୍ୟରୁ ୮୦୦,୦୦୦ ଟନ୍ ଚିନି ରପ୍ତାନି ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ୬୦୦,୦୦୦ ଟନ୍ ରୁ ଅଧିକ ଚିନି ରପ୍ତାନି ହୋଇସାରିଛି। କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି ଯେ ରପ୍ତାନି ପାଇଁ ପୂର୍ବରୁ ଲୋଡ୍ ହୋଇଥିବା ଚିନି ବନ୍ଦ କରାଯିବ ନାହିଁ। ଏହି ନିୟମ ସେହି ସ୍ଥାନରେ ଲାଗୁ ହୁଏ ଯେଉଁଠାରେ ସିପିଂ ବିଲ୍ ଦାଖଲ କରାଯାଇଛି ଏବଂ ଚିନି ବୋହି ନେଉଥିବା ଜାହାଜ ଭାରତୀୟ ବନ୍ଦରରେ ଅଟକିଛି। ତଥାପି, ଚିନି ରପ୍ତାନି ଉପରେ ରୋକ ପୂର୍ବରୁ ସାରା ବିଶ୍ୱରେ ଆଘାତ ସୃଷ୍ଟି କରିଛି। ଏହା ଅନ୍ତର୍ଜାତୀୟ ବଜାରରେ ଚିନି ମୂଲ୍ୟ ବୃଦ୍ଧି କରିପାରେ, ଯାହା ଫଳରେ ବିଶ୍ୱବ୍ୟାପୀ କମ୍ପାନୀଗୁଡ଼ିକ ପାଇଁ କ୍ଷତି ହୋଇପାରେ। ଭାରତ ଚିନି ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇବା ପରେ, ନ୍ୟୁୟର୍କରେ କଞ୍ଚା ଚିନି ଫ୍ୟୁଚର୍ସର ମୂଲ୍ୟ ୨% ରୁ ଅଧିକ ବୃଦ୍ଧି ପାଇଛି। ଏହି ସମୟରେ, ଲଣ୍ଡନରେ ଧଳା ଚିନି ଫ୍ୟୁଚର୍ସର ମୂଲ୍ୟ ୩% ବୃଦ୍ଧି ପାଇଛି। ତଥାପି, ଭାରତରେ ଚିନି ଯୋଗାଣ ଅକ୍ଷୁର୍ଣ୍ଣ ରହିବ, ଯାହା ନିଶ୍ଚିତ କରିବ ଯେ ପର୍ବ ଋତୁରେ ଚିନି ମହଙ୍ଗା ହେବ ନାହିଁ। ଚୁକ୍ତିନାମା ବାତିଲ ହେବା ଯୋଗୁଁ ଚିନି ବ୍ୟବସାୟୀମାନେ ଆର୍ଥିକ କ୍ଷତି ସହିବେ। ଭାରତ ସରକାର ଚିନି ଉତ୍ପାଦନ ପରିବର୍ତ୍ତେ ଇଥାନଲ୍ ଉତ୍ପାଦନ ପାଇଁ ଆଖୁ ବ୍ୟବହାର କରିବାକୁ ଚାହୁଁଛନ୍ତି। ୨୦% ଇଥାନଲ୍ ମିଶ୍ରଣର ଲକ୍ଷ୍ୟ ରଖାଯାଇଛି।

# ସିଏସଆଇଆର : ମଇ ୩୦ରୁ ଘରକୁ ଘର ଯାଞ୍ଚ କରିବେ ୩୮ହଜାରରୁ ଅଧିକ ବିଏଲଓ




ଭୁବନେଶ୍ୱର, ୧୬/୦୫ (ଜେଏନଏସ) : ରାଜ୍ୟରେ ଏହି ଏସଆଇଆର ଅଭିଯାନ ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତ କରାଯାଇଛି। ରାଜ୍ୟରେ ପ୍ରାୟ ୩୮୧୨୩ ଜଣ ବୁଥସ୍ତରୀୟ ଅଧିକାରୀ ନିୟୋଜିତ ହୋଇଛନ୍ତି, ଯେଉଁମାନେ ମଇ ୩୦ରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ସିଧାସଳଖ ଲୋକଙ୍କ ଘରକୁ ଯାଇ ଭୋଟରଙ୍କ ତଥ୍ୟ ଯାଂଚ କରିବେ।

ଆସନ୍ତା ଜୁଲାଇ ୧ରୁ ରାଜ୍ୟରେ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ ବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହେବ। ନିର୍ବାଚନ ଆୟୋଗ ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଂଚଳରେ ଭୋଟର ତାଲିକାର ତୃତୀୟ ପର୍ଯ୍ୟାୟ ଏସଆଇଆର କାର୍ଯ୍ୟକ୍ରମ ଆରମ୍ଭ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଜନଗଣନା ପାଇଁ ଚାଲିଥିବା ଘର ଗଣନା ପ୍ରକ୍ରିୟା ସହ ସମନ୍ୱୟ ରକ୍ଷା କରି ଏହି ଏସଆଇଆର ନିମନ୍ତେ ନିର୍ବାଚନ ଆୟୋଗଙ୍କ ଦ୍ୱାରା କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରାଯାଇଛି। କେବଳ ପ୍ରତିକୂଳ ପାଣିପାଗ ଓ ଜନଗଣନାର ସ୍ଥିତିକୁ ଦୃଷ୍ଟିରେ ରଖି ହିମାଚଳ ପ୍ରଦେଶ, ଜମ୍ମୁ କାଶ୍ମୀର ଓ ଲଦାଖକୁ ଏହି ପର୍ଯ୍ୟାୟରୁ ବାଦ୍ ଦିଆଯାଇଥିବାବେଳେ ଓଡ଼ିଶାରେ ଏହି ଏସଆଇଆର ପ୍ରକ୍ରିୟାକୁ ବ୍ୟାପକସ୍ତରରେ କରିବା ନିମନ୍ତେ ପ୍ରାୟ ୩୮ହଜାରରୁ ଅଧିକ ବିଏଲଓ ଘରକୁ ଘର ଯାଇ ଯାଂଚ କରିବେ ବୋଲି ଜଣାପଡ଼ିଛି। ରାଜ୍ୟରେ ଏହି ଏସଆଇଆର ଅଭିଯାନ ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତ କରାଯାଇଛି। ରାଜ୍ୟରେ ପ୍ରାୟ ୩୮୧୨୩ ଜଣ ବୁଥସ୍ତରୀୟ ଅଧିକାରୀ ନିୟୋଜିତ ହୋଇଛନ୍ତି, ଯେଉଁମାନେ ସିଧାସଳଖ ଲୋକଙ୍କ ଘରକୁ ଯାଇ ଭୋଟରଙ୍କ ତଥ୍ୟ ଯାଂଚ କରିବେ।

ଏହି ସରକାରୀ ପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷା କରିବା ନିମନ୍ତେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ୨୭୭୨୩ ଜଣ ବୁଥସ୍ତରୀୟ ଏଜେଣ୍ଟ ମଧ୍ୟ କ୍ଷେତ୍ରସ୍ତରରେ ସକ୍ରିୟ ରହିବେ। ନିର୍ବାଚନ ଆୟୋଗ ସମସ୍ତ ରାଜନୈତିକ ଦଳଙ୍କୁ ପ୍ରତ୍ୟେକ ବୁଥରେ ଜଣେ ଲେଖାଏଁ ବିଏଲଏ ନିଯୁକ୍ତ କରିବାକୁ ଅନୁରୋଧ କରିଛନ୍ତି, ଯାହାଦ୍ୱାରା କୌଣସି ଅଯୋଗ୍ୟ ଭୋଟର ତାଲିକାରେ ରହିବେ ନାହିଁ କିମ୍ବା କୌଣସି ଯୋଗ୍ୟ ଭୋଟର ପଞ୍ଜିକରଣରୁ ବାଦ୍ ପଡ଼ିବେ ନାହିଁ, ତାହା ସୁନିଶ୍ଚିତ ହୋଇପାରିବ। ନିର୍ବାଚନ ଆୟୋଗଙ୍କ ଦ୍ୱାରା ଓଡ଼ିଶାରେ ଏହି ଏସଆଇଆର ନିମନ୍ତେ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଚଳିତ ମଇ ମାସ ୨୦ରୁ ୨୯ ତାରିଖ ମଧ୍ୟରେ କ୍ଷେତ୍ର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଓ ଆନୁଷଙ୍ଗିକ ମୁଦ୍ରଣ କାର୍ଯ୍ୟ ଶେଷ କରାଯିବ। ମଇ ୩୦ରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ପରିଦର୍ଶନ କରି ତଥ୍ୟ ଯାଂଚ କରିବା ସହ ଜୁନ ୨୮ ସୁଦ୍ଧା ମତଦାନ କେନ୍ଦ୍ରଗୁଡିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ କାର୍ଯ୍ୟ ଶେଷ ହେବ। ଜୁଲାଇ ୫ ତାରିଖରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ ପାଇବ ଓ ଜୁଲାଇ ୫ରୁ ଅଗଷ୍ଟ ୪ତାରିଖ ପର୍ଯ୍ୟନ୍ତ ନାଗରିକମାନେ ସେମାନଙ୍କର ଦାବି କିମ୍ବା ଆପତ୍ତି ଦାଖଲ କରିପାରିବେ। ଜୁଲାଇ ୫ରୁ ସେପ୍ଟେମ୍ବର ୨ ତାରିଖ ସୁଦ୍ଧା ସମସ୍ତ ଆପତ୍ତି ଉପରେ ନିଷ୍ପତ୍ତି ନିଆଯିବ ଓ ସେପ୍ଟେମ୍ବର ୬ତାରିଖରେ ରାଜ୍ୟରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହେବ ବୋଲି କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି। ଏହି ଏସଆଇଆର ପ୍ରକ୍ରିୟା ପାଇଁ ଯୋଗ୍ୟତା ତାରିଖ ୨୦୨୬ ଜୁଲାଇ ୧ ଧାର୍ଯ୍ୟ ହୋଇଛି। ଏହି ସମୟ ସୁଦ୍ଧା ୧୮ବର୍ଷ ପୂରଣ କରୁଥିବା ନୂଆ ଭୋଟରମାନେ ମଧ୍ୟ ନିଜ ନାମ ପଞ୍ଜିକରଣ କରିବାର ସୁଯୋଗ ପାଇପାରିବେ।

ସୂଚନାଯୋଗ୍ୟ, ଦେଶରେ ଦୁଇଟି ପର୍ଯ୍ୟାୟରେ ୧୩ଟି ରାଜ୍ୟରେ ପ୍ରାୟ ୫୯ କୋଟି ଭୋଟରଙ୍କ ତଥ୍ୟ ସଫଳତାର ସହ ସଂଶୋଧିତ ହୋଇସାରିଥିବାବେଳେ ତୃତୀୟ ପର୍ଯ୍ୟାୟରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟଗୁଡ଼ିକରେ ଏହି ଏସଆଇଆର କାର୍ଯ୍ୟ ସମ୍ପାଦନ ହେବ।

ଏହା ହେଉଛି ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ସଠିକ ଓ ପାରଦର୍ଶୀ କରିବାର ଏକ ସ୍ୱତନ୍ତ୍ର ଅଭିଯାନ। ଏଥିରେ କେବଳ ଅଫିସରେ ବସି କାମ ହୁଏନି, ବରଂ ନିର୍ବାଚନ ଆୟୋଗଙ୍କ ପ୍ରତିନିଧି ବା ବିଏଲଓମାନେ ସିଧାସଳଖ ସମସ୍ତଙ୍କ ଘରକୁ ଆସନ୍ତି। ଘରକୁ ଘର ବୁଲି ଯାଂଚ କରାଯାଏ। ସେହି ଘରେ ରହୁଥିବା ସଦସ୍ୟଙ୍କ ନାମ ଭୋଟର ତାଲିକାରେ ଅଛି କି ନାହିଁ । ଯଦି କାହାର ମୃତ୍ୟୁ ହୋଇଛି କିମ୍ବା କେହି ଘର ଛାଡ଼ି ଅନ୍ୟତ୍ର ଚାଲିଯାଇଛନ୍ତି, ତେବେ ସେମାନଙ୍କ ନାମ ତାଲିକାରୁ କଟାଯାଏ। ସେହିପରି ଯେଉଁମାନଙ୍କୁ ନୂଆ କରି ୧୮ ବର୍ଷ ହୋଇଛି, ସେମାନଙ୍କ ନାମ ତାଲିକାରେ ଯୋଡ଼ାଯାଏ। ତାଲିକାରେ ଥିବା ଭୁଲ ତଥ୍ୟ ଯେମିତିକି ନାଁର ବନାନ କିମ୍ବା ଫଟୋ ମଧ୍ୟ ଏହି ସମୟରେ ସଂଶୋଧନ କରାଯାଇଥାଏ।

## ଓଡ଼ିଶାକୁ ମିଳିବ ୫ଟି ଜାତୀୟ ପଞ୍ଚାୟତ ପୁରସ୍କାର




ଭୁବନେଶ୍ୱର, ୧୬/୦୫ (ଜେଏନଏସ) : ୨୦୨୫ ବର୍ଷ ପାଇଁ ଓଡ଼ିଶାକୁ ମିଳିବ ୫ଟି ଜାତୀୟ ପଞ୍ଚାୟତ ପୁରସ୍କାର। କୋରାପୁଟ ଜିଲା ପରିଷଦ ସର୍ବୋତ୍ତମ ଜିଲା ପଞ୍ଚାୟତ ପୁରସ୍କାର ବର୍ଗରେ ପ୍ରଥମ ସ୍ଥାନ ହାସଲ କରିଛି। କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପଞ୍ଚାୟତ ପୁରସ୍କାର ୨୦୨୫ ଘୋଷଣା କରାଯାଇଛି। ଦୀନଦୟାଳ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ଏବଂ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ଅଧୀନରେ ଓଡ଼ିଶା ପାଞ୍ଚଟି ଜାତୀୟ ପୁରସ୍କାର ପାଇବା ଲାଗି ମନୋନୀତ ହୋଇଛି। ଆସନ୍ତା ଜୁନ ୩ରେ ନୂଆଦିଲ୍ଲୀରେ ଏହି ପୁରସ୍କାର ଦିଆଯିବ। ଓଡ଼ିଶା ସୁସ୍ଥ ପଞ୍ଚାୟତ, ଜଳ ସ୍ୱଚ୍ଛଳ ପଞ୍ଚାୟତ, ସ୍ୱଚ୍ଛ ଓ ସବୁଜ ପଞ୍ଚାୟତ ଏବଂ ସାମାଜିକ ଭାବେ ନ୍ୟାୟପୂର୍ଣ୍ଣ ଏବଂ ସୁରକ୍ଷିତ ପଞ୍ଚାୟତ ବର୍ଗରେ ପୁରସ୍କାର ପାଇବାକୁ ମନୋନୀତ ହୋଇଛି। ନାନାଜୀ ?ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ଅଧୀନ ?େ ?ର କୋରାପୁଟ ଜିଲା ପରିଷଦ ସର୍ବୋତ୍ତମ ଜିଲା ପଞ୍ଚାୟତ ପୁରସ୍କାର ପାଇବ। ସୁସ୍ଥ ପଞ୍ଚାୟତ ବର୍ଗରେ ଗଞ୍ଜାମ ଜିଲା ତୃତୀୟ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ବେଳେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପାଇବ। କେନ୍ଦୁଝର ଜିଲା ପଡୁଆ ପଞ୍ଚାୟତ ଜଳ ସ୍ୱଚ୍ଛଳ ପଞ୍ଚାୟତ ବର୍ଗରେ ତୃତୀୟ ସ୍ଥାନରେ ରହି ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଜିତିଛି। ସୁନ୍ଦରଗଡ଼ ଜିଲାର ହାତୀବନ୍ଧ ପଞ୍ଚାୟତ ସ୍ୱଚ୍ଛ ଓ ସବୁଜ ପଞ୍ଚାୟତ ବର୍ଗରେ ଯୁଗ୍ମ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ ପୁରସ୍କାର ବାବଦରେ ୩୭ ଲକ୍ଷ ୫୦ ହଜାର ଟଙ୍କା ପାଇବ। ଗଞ୍ଜାମ ଜିଲାର ମନ୍ଦାର ପଞ୍ଚାୟତ ସାମାଜିକ ଭାବେ ନ୍ୟାୟପୂର୍ଣ୍ଣ ଓ ସୁରକ୍ଷିତ ପଞ୍ଚାୟତ ବର୍ଗରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଏହି ପଞ୍ଚାୟତକୁ ୩୭ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ମିଳିବ। କୋରାପୁଟ ଜିଲା ପରିଷଦ ସର୍ବୋତ୍ତମ ଜିଲା ପଞ୍ଚାୟତ ପୁରସ୍କାର ବର୍ଗରେ ପ୍ରଥମ ସ୍ଥାନ ହାସଲ କରିବା ସହିତ ୫ କୋଟି ଟଙ୍କାର ପୁରସ୍କାର ରାଶି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି।

# ଗୋଟିଏ କଲେଜରେ ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତା

ତାମିଲନାଡୁ, ୧୬/୦୫ : ତାମିଲନାଡୁ ବିଧାନସଭାରୁ ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ଚନ୍ଦ୍ରଶେଖରନ ଜୋସେଫ ବିଜୟଙ୍କ ବିକାଶମୂଳକ କାର୍ଯ୍ୟ ପାଇଁ ସହାୟକ ହେବାକୁ କହିଛନ୍ତି ବିରୋଧୀ ଦଳ ନେତା ଉଦୟନିଧି ଷ୍ଟାଲିନ। ସୋମବାର ତାମିଲନାଡୁ ବିଧାନସଭାରେ ସମସ୍ତ ନବନିର୍ବାଚିତ ବିଧାୟକ ଶପଥ ନେବା ପରେ ମଙ୍ଗଳବାର ବିଧାନସଭା ଅଧିବେଶନ ଆରମ୍ଭ ହୋଇଛି। ତେବେ ଆରମ୍ଭରୁ ବିରୋଧୀ ଦଳ ନେତା ତାଙ୍କ ଅଭିଭାଷଣରେ ରାଜ୍ୟର ବିକାଶମୂଳକ କାମ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସହଯୋଗ କରିବାକୁ କହିଥିଲେ। ଉଭୟ ଗୋଟିଏ କଲେଜରେ ଏକାଠି ପଢିଥିଲେ ଏବଂ ରାଜ୍ୟର ବିକାଶ ପାଇଁ ଏକାଠି କାମ କରିବେ ବୋଲି କହିଛନ୍ତି ଉଦୟନିଧି। ଉଦୟନିଧି କହିଛନ୍ତି, ଗତକାଲି ମୁଖ୍ୟମନ୍ତ୍ରୀ ଆମ ନେତା ଏବଂ ଅନ୍ୟ ଅନେକ ନେତାଙ୍କଠାରୁ ଶୁଭେଚ୍ଛା ପାଇଥିଲେ। ଏହି ରାଜନୈତିକ ସଭ୍ୟତା ଏହି ଗୃହରେ ମଧ୍ୟ ଜାରି ରହିବା ଉଚିତ। ଯଦିଓ ଆମେ ଶାସକ ସରକାର ଏବଂ ବିରୋଧୀ ଭାବରେ ଭିନ୍ନ ଧାଡିରେ ବସିଛୁ କିନ୍ତୁ ଆମେ ସମସ୍ତେ ତାମିଲନାଡୁର ବିକାଶ ପାଇଁ ଏକାଠି କାମ କରିବା ଉଚିତ। ମୁଖ୍ୟମନ୍ତ୍ରୀ ଏବଂ ମୁଁ ଗୋଟିଏ କଲେଜରେ ପଢ଼ିଥିଲୁ। ଆମେ ଆମର ଅଭିଜ୍ଞତା ଏବଂ ଜ୍ଞାନ ବାଣ୍ଟିବାକୁ ଚାହୁଁଛୁ। ମୁଖ୍ୟମନ୍ତ୍ରୀ ମଧ୍ୟ ଆମର ପରାମର୍ଶ ଗ୍ରହଣ କରିବା ଉଚିତ।

# ଯେତେ ବଡ଼ ଚୋରି, ସେତେ ବଡ଼ ପୁରସ୍କାର

## ମନୋଜ ଅଗ୍ରୱାଲଙ୍କ ନିଯୁକ୍ତିକୁ ରାହୁଲ ଗାନ୍ଧୀଙ୍କ ସମାଲୋଚନା

ନୂଆଦିଲ୍ଲୀ, ୧୬/୦୫ : ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ପଶ୍ଚିମବଙ୍ଗ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ମନୋଜ କୁମାର ଅଗ୍ରୱାଲଙ୍କୁ ମୁଖ୍ୟ ସଚିବ ଭାବରେ ନିଯୁକ୍ତ କରାଯିବା ପରେ କଡ଼ା ସମାଲୋଚନା କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ଏକ ପୋଷ୍ଟ ସେୟାର କରି ରାହୁଲ ଗାନ୍ଧୀ ପୁଣି ନିର୍ବାଚନ କମିଶନ ଏବଂ ବିଜେପି ମଧ୍ୟରେ ମିତ୍ରତା ଅଭିଯୋଗ କରିଛନ୍ତି। ରାହୁଲ ଗାନ୍ଧୀ ଲେଖିଛନ୍ତି, ବିଜେପି-ଇସିଆଇ ଚୋର ବଜାରରେ-ଚୋରି ଯେତେ ବଡ଼, ପୁରସ୍କାର ସେତେ ବଡ଼। ସୋମବାର ପଶ୍ଚିମବଙ୍ଗ ସରକାର ରାଜ୍ୟର ସିଇଓ ମନୋଜ କୁମାର ଅଗ୍ରୱାଲଙ୍କୁ ମୁଖ୍ୟ ସଚିବ ଭାବରେ ନିଯୁକ୍ତ କରିଥିଲେ। ନିର୍ବାଚନ ପୂର୍ବରୁ ଟିଏମସି ଏବଂ କଂଗ୍ରେସ ଅଭିଯୋଗ କରିଥିଲେ ଯେ, ନିର୍ବାଚନ ଆୟୋଗ ପଶ୍ଚିମବଙ୍ଗରେ ବିଜେପି ଇଙ୍ଗିତରେ କାମ କରୁଛି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ଉପରେ ଟିଏମସି ଏବଂ ଇସିଆଇ ମଧ୍ୟରେ ବିବାଦୀୟ ପରିସ୍ଥିତି ହୋଇଥିଲା।

# ସୁପ୍ରିମକୋର୍ଟରେ ଟିଭିକେ ବିଧାୟକ ଶ୍ରୀନିବାସ

ଚେନ୍ନାଇ, ୧୬/୦୫ : ବିଧାନସଭା ନିର୍ବାଚନରେ ଡିଏମ୍‌କେ ପ୍ରାର୍ଥୀ କେଆର ପେରିଆକାରୁପ୍ପାନଙ୍କୁ ମାତ୍ର ଗୋଟିଏ ଭୋଟରେ ପରାସ୍ତ କରିଥିବା ଟିଭିକେ ବିଧାୟକ ଶ୍ରୀନିବାସ ସେଥୁପତିଙ୍କୁ ବିଧାନସଭାର ଆସ୍ଥା ଭୋଟରେ ଭାଗନେବାକୁ ବାରଣ କରିଛନ୍ତି ମାଡ୍ରାସ ହାଇକୋର୍ଟ। ପରାଜିତ ପ୍ରାର୍ଥୀ ପେରିଆକାରୁପ୍ପାନଙ୍କ ଆବେଦନ ଆଧାରରେ ହାଇକୋର୍ଟ ମଙ୍ଗଳବାର ଏପରି ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ଯୋଶେଫ ବିଜୟ ଆସ୍ଥା ଭୋଟର ସମ୍ମୁଖୀନ ହେବେ। ଏ ପରିସ୍ଥିତିରେ ଶ୍ରୀନିବାସ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବା ସହ ମାମଲାର ଜରୁରୀ ଶୁଣାଣି କରିବାକୁ ନିବେଦନ କରିଛନ୍ତି। ଶ୍ରୀନିବାସଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ଏବଂ ଆଇନଜୀବୀ ଯଶ ଏସ. ବିଜୟ ମାମଲାର ଜରୁରିକାଳୀନ ଶୁଣାଣି ପାଇଁ ସୁପ୍ରିମକୋର୍ଟଙ୍କୁ ମୌଖିକ ଭାବେ ଅନୁରୋଧ କରିଛନ୍ତି। ଅନୁରୋଧ ଆଧାରରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ମାମଲାର ଶୁଣାଣି ମେ' ୧୩ରେ କରିବାକୁ ତାଲିକାଭୁକ୍ତ କରିଛନ୍ତି।

# ୱାର୍କ ଫର୍ମ ହୋମ୍ ଘୋଷଣା କଲେ ଯୋଗୀ

ନୂଆଦିଲ୍ଲୀ, ୧୬/୦୫ : ବିଶ୍ୱ ସଙ୍କଟ ମଧ୍ୟରେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ଇନ୍ଧନ ସଂରକ୍ଷଣ ପାଇଁ ଆହ୍ୱାନର ପ୍ରଭାବ ଦେଖାଯିବା ଆରମ୍ଭ ହୋଇଛି। ତ୍ରିପୁରା ସରକାର ଏହାର ୫୦% କର୍ମଚାରୀଙ୍କ ପାଇଁ ୱାର୍କ ଫମ ହୋମ୍ ନୀତି କାର୍ଯ୍ୟକାରୀ କରିଛନ୍ତି। କେବଳ ୫୦% ଗ୍ରୁପ ସି ଏବଂ ଗ୍ରୁପ ଡି କର୍ମଚାରୀଙ୍କୁ ଯେକୌଣସି ଦିନ ଅଫିସରେ ଯୋଗଦେବାକୁ ପଡିବ, ଯେତେବେଳେ ବାକି କର୍ମଚାରୀମାନେ ଘରୁ ଦୂରରୁ କାମ କରିବେ। ବିଭିନ୍ନ ରାଜ୍ୟର ସରକାର ଇନ୍ଧନ ସଂରକ୍ଷଣ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଦେଶବାସୀଙ୍କ ପ୍ରତି ଆହ୍ୱାନ ପରେ, ମୁଖ୍ୟମନ୍ତ୍ରୀ ଯୋଗୀ ମେ ୧୨ ତାରିଖରେ ଲକ୍ଷ୍ନୌରେ ଅଧିକାରୀଙ୍କ ସହ ଏକ ବୈଠକ ସମୟରେ ରାଜ୍ୟ ମଧ୍ୟରେ 'ୱାର୍କ ଫମ ହୋମ୍' ସଂସ୍କୃତିକୁ ପ୍ରୋତ୍ସାହିତ କରିବାକୁ ପ୍ରାଥମିକତା ଦେବାକୁ ଅନୁରୋଧ କରିଥିଲେ। ଏହା ସହିତ, ସେ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନଙ୍କ ସହିତ ଯାଉଥିବା କାଫଲାର ପରିମାଣ ୫୦% ହ୍ରାସ କରିବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ।
ଉତ୍ତରାଖଣ୍ଡରେ, ଧାମି ପ୍ରଶାସନ ବର୍ତ୍ତମାନ ୱାର୍କ ଫମ ହୋମ୍ ନୀତିକୁ ଘରୋଇ କ୍ଷେତ୍ରକୁ ମଧ୍ୟ ବିସ୍ତାର କରିବାକୁ ବିଚାର କରୁଛି। ସମକାଳୀନ ଭାବରେ, ସରକାରୀ ବିଭାଗଗୁଡ଼ିକ ମଧ୍ୟରେ ଭିଡିଓ-କନଫରେନ୍ସିଂ-ଭିତ୍ତିକ ବୈଠକଗୁଡ଼ିକୁ ସକ୍ରିୟ ଭାବରେ ପ୍ରୋତ୍ସାହିତ କରାଯିବ। ଏହା ବ୍ୟତୀତ, ନାଗରିକମାନଙ୍କୁ ସାଧାରଣ ପରିବହନର ସର୍ବାଧିକ ବ୍ୟବହାର କରିବାକୁ ଉତ୍ସାହିତ କରାଯିବ। ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟାନ୍ୟ ମନ୍ତ୍ରୀମାନଙ୍କ ସରକାରୀ ଫ୍ଲିଟରେ ଯାନବାହନ ସଂଖ୍ୟା ଅଧା କରିବାକୁ ସ୍ଥିର କରାଯାଇଛି, ଏବଂ ସପ୍ତାହର ଗୋଟିଏ ଦିନକୁ 'ନୋ ଭେଇକିଲ ଡେ' ଭାବରେ ପାଳନ କରାଯିବ।

# ଆସାମରେ ଲାଗୁ ହେବ ୟୁସିସି

## ଛାନିଆ ଅନୁପ୍ରବେଶକାରୀ

ଆସାମ, ୧୬/୦୫ : ଦେଶରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଅନୁପ୍ରବେଶକାରୀମାନେ ଦେଶ ପାଇଁ ବିପଦ ସାଜୁଛନ୍ତି।ଅନୁପ୍ରବେଶକାରୀଙ୍କ ବିରୋଧରେ ବଡ ନିଷ୍ପତ୍ତି ନେଇଛନ୍ତି ଆସାମ ସରକାର।ଆସାମରେ ଲାଗୁ ହେବ ୟୁସିସି(ୟୁନିଫର୍ମ ସିଭିଲି କୋଡ ବିଲ୍)। ବୁଧବାର ଏନେଇ ପ୍ରଥମ କ୍ୟାବିନେଟରେ ହୋଇଛି ବଡ଼ ନିଷ୍ପତ୍ତି। ଆସାମରେ ତୃତୀୟ ଥର ପାଇଁ କ୍ଷମତାକୁ ଆସିଛି ବିଜେପି। ପୁଣି ଥରେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି ହେମନ୍ତ ବିଶ୍ୱଶର୍ମା। ଦାୟିତ୍ୱ ନେବାର ୨୪ ଘଣ୍ଟା ଭିତରେ ବଡ଼ ଘୋଷଣା କରିଛନ୍ତି ସିଏମ୍ ବିଶ୍ୱଶର୍ମା। ମେ ୨୬ ତାରିଖରେ ବିଧାନସଭା ଅଧିବେଶନର ଶେଷ କାର୍ଯ୍ୟ ଦିବସ। ସେ ଦିନ ୟୁସିସି ବିଲ୍ ଉପସ୍ଥାପନ ହେବ। ସଂଖ୍ୟା ଦୃଷ୍ଟିରୁ ବିଜେପି ପାଖରେ ବହୁମତରୁ ବହୁ ଅଧିକ ସିଟ୍ ରହିଛି। ତେଣୁ ୟୁସିସି ବିଲ୍ ପାସ୍ ହେବାରେ କୌଣସି ଅସୁବିଧା ନାହିଁ।ଯଦି, ୟୁସିସି ଲାଗୁ ହୁଏ ତାହେଲେ, ଆସାମର ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ସ୍ୱଦେଶ ଫେରାଇବା ନେଇ କଡ଼ାକଡ଼ି ବ୍ୟବସ୍ଥା ହେବ। ଏସବୁ ଭିତରେ ହେମନ୍ତଙ୍କ ଏକ ପୋଷ୍ଟ ବେଶ୍ ଭାଇରାଲ ହେଉଛି। ଯେଉଁଠି ଶପଥ ଗ୍ରହଣ ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସହ ସେ ଫଟୋ ଉଠାଇଛନ୍ତି।ସୋସିଆଲ୍ ମିଡିଆରେ ଏହି ଫଟୋକୁ ପୋଷ୍ଟ କରି ସେ ଲେଖିଛନ୍ତି କି ' ବ୍ୟାଡ ଡେଏଜ ଫର' ଅର୍ଥାତ ଖରାପ ଦିନ, ଆଉ ତାକୁ ନେଇ କଳ୍ପନାଜଳ୍ପନା ବି ଆରମ୍ଭ ହୋଇଛି। ଆସାମ ପରେ ପଶ୍ଚିମବଙ୍ଗରେ ବି ଏଭଳି ନିଷ୍ପତ୍ତି ଲାଗୁ ହୋଇପାରେ। ବେଙ୍ଗଲରେ ବିଜେପି ଏନେଇ ପ୍ରତିଶ୍ରୁତି ବି ଦେଇଥିଲା। ନିଜ ସଙ୍କଳ୍ପପତ୍ରରେ ସରକାର ଆସିବାର ୬ ମାସରେ ୟୁସିସି ଲାଗୁ କରିବ ବୋଲି କୁହାଯାଇଥିଲା।

# କ୍ଷୀର ପରେ ସାଧାରଣ ଲୋକଙ୍କୁ ବଡ଼ ଝଟ୍‌କା : ସିଏନ୍‌ଜିର ବଢ଼ିଲା ଦାମ୍

ନୂଆଦିଲ୍ଲୀ, ୧୬।୦୫: ଏଲପିଜି ଗ୍ୟାସ ସିଲିଣ୍ଡର, ଅମୂଲ ଏବଂ ମଦର ଡେରୀ କ୍ଷୀରର ମୂଲ୍ୟ ବୃଦ୍ଧି ପରେ, ସାଧାରଣ ଲୋକଙ୍କୁ ଆଉ ଏକ ବଡ଼ ଝଟ୍‌କା ଲାଗିଛି। ପ୍ରକୃତରେ, ମୁମ୍ବାଇରେ ସିଏନଜି ଏବେ ମହଙ୍ଗା ହୋଇଛି। ମୁମ୍ବାଇରେ ସିଏନଜିର ମୂଲ୍ୟ କିଲୋଗ୍ରାମ ପିଛା ୨ ଟଙ୍କା ବୃଦ୍ଧି ପାଇଛି। ମୁମ୍ବାଇରେ ସିଏନଜିର ନୂତନ ଖୁଚୁରା ମୂଲ୍ୟ ଏବେ କିଲୋଗ୍ରାମ ପିଛା ୮୪ ଟଙ୍କା ହୋଇଛି। ଫଳସ୍ୱରୂପ, ମୁମ୍ବାଇରେ ଯାତ୍ରୀ ଏବଂ ସାର୍ବଜନୀନ ପରିବହନ ଅପରେଟରମାନଙ୍କୁ ଏବେ ଅଧିକ ଯାତ୍ରା ଖର୍ଚ୍ଚ ବହନ କରିବାକୁ ପଡିବ। ଏହା ଏମଜିଏଲ ମହାନଗର ଗ୍ୟାସ ଲିମିଟେଡ ଦ୍ୱାରା ସିଏନଜି (ସଙ୍କୁଚିତ ପ୍ରାକୃତିକ ଗ୍ୟାସ)ର ଖୁଚୁରା ମୂଲ୍ୟରେ କିଲୋଗ୍ରାମ ପିଛା ୨ ବୃଦ୍ଧି ସମ୍ପର୍କରେ ଏକ ଘୋଷଣା ପରେ ହୋଇଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ଏବଂ ଇନ୍ଧନ କ୍ରୟ ଖର୍ଚ୍ଚରେ ବୃଦ୍ଧି ଯୋଗୁଁ ବିଶ୍ୱ ଶକ୍ତି ବଜାରରେ ଅସ୍ଥିରତାକୁ କମ୍ପାନୀ ଏହି ବୃଦ୍ଧି ପାଇଁ ଦାୟୀ କରିଛି। ମୁମ୍ବାଇରେ ସଂଶୋଧିତ ସିଏନଜି ମୂଲ୍ୟ ୧୪ ମଇ ମଧ୍ୟରାତ୍ରିରୁ କାର୍ଯ୍ୟକାରୀ ହୋଇଥିଲା। ବୁଧବାର




ଦିନ, ଗଏଖ ଘୋଷଣା କରିଛି ଯେ ସେହି ରାତି ମଧ୍ୟରାତ୍ରିରୁ ସିଏନଜିର ମୂଲ୍ୟ ୨ ଟଙ୍କାକୁ ବୃଦ୍ଧି ପାଇବ, ଯାହା ଫଳରେ ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ନୂତନ ଦର ୮୪ଟଙ୍କା ହେବ। ବୁଧବାରର ବିବୃତ୍ତି ଅନୁଯାୟୀ, ବିଶ୍ୱ ଶକ୍ତି ଯୋଗାଣ ଶୃଙ୍ଖଳରେ ଭୂରାଜନୈତିକ ଅସ୍ଥିରତା, ମହଙ୍ଗା ଗ୍ୟାସ ଉତ୍ସ ଉପରେ ନିର୍ଭରଶୀଳତା ବୃଦ୍ଧି, ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଏବଂ ଟଙ୍କାର ମୂଲ୍ୟ ହ୍ରାସ ହେତୁ ଗ୍ୟାସ କ୍ରୟ ମୂଲ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ପ୍ରକୃତରେ, ଏହି ମୂଲ୍ୟ ବୃଦ୍ଧି ଏପରି ସମୟରେ ଆସିଛି ଯେତେବେଳେ ମଧ୍ୟପ୍ରାଚ୍ୟରେ ଇରାନ ସହିତ ସଂଘର୍ଷ ଯୋଗୁଁ ବିଶ୍ୱ ଶକ୍ତି ବଜାର ପୂର୍ବରୁ ଅସ୍ଥିର ରହିଛି। ଏହି ସଂଘର୍ଷ ଯୋଗାଣ ଶୃଙ୍ଖଳକୁ ବାଧା ଦେଇଛି, ଯାହା ଫଳରେ ବିଶ୍ୱବ୍ୟାପୀ ଶକ୍ତି ମୂଲ୍ୟ ବୃଦ୍ଧି ପାଇଛି। ଏହା ପୂର୍ବରୁ, ଅମୂଲ ଏବଂ ମଦର ଡେରୀ କ୍ଷୀର ମୂଲ୍ୟ ପ୍ରତି ଲିଟର ୨ଟଙ୍କାକୁ ବୃଦ୍ଧି କରିଥିଲେ। ପୂର୍ବରୁ ମଧ୍ୟ, ବାଣିଜ୍ୟିକ ଖଚଏ ସିଲିଣ୍ଡରର ମୂଲ୍ୟ ପ୍ରାୟ ୧,୦୦୦ଟଙ୍କାକୁ ବୃଦ୍ଧି ପାଇଥିଲା। ଏଲପିଜି ମୂଲ୍ୟ ବୃଦ୍ଧି ଅନିବାର୍ଯ୍ୟ ଭାବରେ ଯାତ୍ରୀମାନଙ୍କ ଉପରେ ପ୍ରଭାବ ପକାଇବ, କାରଣ ସାଧାରଣ ପରିବହନ ଭଡା ବୃଦ୍ଧି ପାଇବାର ଆଶା କରାଯାଉଛି। ଏହି ମୂଲ୍ୟ ବୃଦ୍ଧି ମୁମ୍ବାଇର ପରିବହନ ନେଟୱାର୍କ ଉପରେ ତୁରନ୍ତ ପ୍ରଭାବ ପକାଇବ ବୋଲି ଆଶା କରାଯାଉଛି, ଯେଉଁଠାରେ ବର୍ଦ୍ଧିତ ସଂଖ୍ୟାରେ ଯାନବାହନ ଏବେ ଉଘଏ ପରି ସ୍ୱଚ୍ଛ ଏବଂ ଅଧିକ ସୁଲଭ ଇନ୍ଧନ ଆଡକୁ ମୁହାଁଇଛି। ଏମଜିଏଲ ଅନୁଯାୟୀ, ଗଗଜ (ମୁମ୍ବାଇ ମହାନଗର କ୍ଷେତ୍ର)ରେ ପ୍ରାୟ ୧.୨୮ ନିୟୁତ ଯାନବାହନ ଉଘଏ ରେ ଚାଲିଥାଏ। ଏଥିରେ ପ୍ରାୟ ୪୭୦,୦୦୦ ଅଟୋ-ରିକ୍ସା, ୧୬୦,୦୦୦ ରୁ ଅଧିକ ଟ୍ୟାକ୍ସି ଏବଂ ୫୦୦,୦୦୦ ରୁ ଅଧିକ ବ୍ୟକ୍ତିଗତ କାର ଅନ୍ତର୍ଭୁକ୍ତ। ଅତିରିକ୍ତ, ମୁମ୍ବାଇରେ ଅଟୋ-ରିକ୍ସା ଚାଳକମାନଙ୍କ ପାଇଁ, ସିଏନଜି ମୂଲ୍ୟ ବୃଦ୍ଧି ଯୋଗୁଁ ପ୍ରତି କିଲୋମିଟରରେ ପ୍ରାୟ ୧.୦୩ ପରିଚାଳନା ଖର୍ଚ୍ଚ ବୃଦ୍ଧି ପାଇବ। ଏହି ପ୍ରଭାବ ସିଧାସଳଖ ଯାତ୍ରୀମାନଙ୍କ ଉପରେ ପଡ଼ିବ। ପରିବହନ ବିଭାଗ ଅନୁଯାୟୀ, ଅଟୋ ଏବଂ ଟ୍ୟାକ୍ସି ଭଡା ସଂଶୋଧନ ସମ୍ପର୍କରେ ଆଲୋଚନା ଖୁବ ଶୀଘ୍ର ହେବାର ସମ୍ଭାବନା ଅଛି। ଅଟୋ ଏବଂ ଟ୍ୟାକ୍ସି ବ୍ୟତୀତ, ଏହି ମୂଲ୍ୟ ବୃଦ୍ଧି ହଜାର ହଜାର ବେଷ୍ଟ ଏବଂ ରାଜ୍ୟ ପରିବହନ ବସ ଉପରେ ମଧ୍ୟ ପ୍ରଭାବ ପକାଇବ।

# ଆରଜି କର ମେଡିକାଲ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣା, ୩ ଆଇପିଏସ୍ ଅଧିକାରୀ ନିଲମ୍ବିତ

କଲକାତା, ୧୬/୦୫ : ପଶ୍ଚିମବଙ୍ଗ ଆରଜି କର ମେଡିକାଲ କଲେଜ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ରାଜ୍ୟର ବିଜେପି ସରକାର ଶୁକ୍ରବାର ୩ ଜଣ ଆଇପିଏସ୍ ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି। ନିଲମ୍ବିତ ଆଇପିଏସ୍ ଅଧିକାରୀମାନେ ହେଲେ ବିନୀତ ଗୋୟଲ, ଇନ୍ଦିରା ମୁଖାର୍ଜୀ ଓ ଅଭିଷେକ ଗୁପ୍ତା। ଏହି ଅଧିକାରୀମାନେ ଘଟଣାକୁ ତ୍ରୁଟିପୂର୍ଣ୍ଣ ପରିଚାଳନା କରିଥିଲେ; ଯେପରିକି ମୃତ ଛାତ୍ରୀଙ୍କ ପିତାମାତାଙ୍କୁ ଲାଞ୍ଚ ଆକାରରେ ଟଙ୍କା ଯାଚିବା ଓ ଅନଧିକୃତ ଭାବେ ସାମ୍ବାଦିକ ସମ୍ମିଳନୀ କରିବା। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହି ଅଧିକାରୀଙ୍କୁ ନିଲମ୍ବନ କରିବା ସହିତ ସେମାନଙ୍କ ବିରୋଧରେ ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ତତ୍ତ୍ୱାବଧାନରେ ରାଜ୍ୟ ଗୃହ ବିଭାଗ ସଚିବ ଅଧିକାରୀଙ୍କ ବିରୋଧରେ ତଦନ୍ତ କରିବେ। ୨୦୨୪ ଅଗଷ୍ଟରେ ଆରଜି କର ମେଡିକାଲ କଲେଜର ଜନୈକ ଛାତ୍ରୀଙ୍କୁ କଲେଜ ପରିସରରେ ବଳାତ୍କାର ଓ ହତ୍ୟା କରାଯାଇଥିଲା।

# ପୁଣି ଚଳନ୍ତା ବସରେ ମହିଳାଙ୍କୁ ଗଣଦୁଷ୍କର୍ମ

ନୂଆଦିଲ୍ଲୀ, ୧୬/୦୫ : ରାଜଧାନୀ ଦିଲ୍ଲୀରେ ମହିଳାଙ୍କ ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ। ପୁଣି ଚଳନ୍ତା ବସରେ ମହିଳାଙ୍କୁ ଗଣଦୁଷ୍କର୍ମ ହୋଇଥିବା ନେଇ ଅଭିଯୋଗ ହୋଇଛି। ଡିସେମ୍ବର ୨୦୧୨ରେ ନିର୍ଭୟା ଗଣଦୁଷ୍କର୍ମ ମାମଲା ସାରା ଦେଶରେ ଚାଞ୍ଚଲ୍ୟ ଖେଳାଇଥିବା ବେଳେ ପୁଣି ଚଳନ୍ତା ବସରେ ରାଜଧାନୀ ଦିଲ୍ଲୀରେ ଜଣେ ୩୦ ବର୍ଷୀୟ ମହିଳାଙ୍କ ସହ ଗଣଦୁଷ୍କର୍ମ ହୋଇଛି। ୧୪ ମେ', ୨୦୨୬ ରେ ଦିଲ୍ଲୀର ରାଣୀ ବାଗ ଅଞ୍ଚଳରେ ୩୦ ବର୍ଷୀୟ ମହିଳାଙ୍କୁ ଚଳନ୍ତା ବସ୍‌ରେ ଗଣଦୁଷ୍କର୍ମ କରାଯାଇଥିବା ଘଟଣା ସାମ୍ନାକୁ ଆସିଛି। ମିଳିଥିବା ସୂଚନାନୁସାରେ, ଦିଲ୍ଲୀର ରାଣୀ ବାଗ ଅଞ୍ଚଳରେ ଚଳନ୍ତା ବସ୍‌ରେ ମହିଳାଙ୍କ ସହ ଗଣଦୁଷ୍କର୍ମ ହୋଇଛି। ପୀଡିତାଙ୍କ କହିବା ଅନୁଯାୟୀ, ସୋମବାର ରାତିରେ ତାଙ୍କୁ ଅପହରଣ କରି ଦୁଇ ଘଣ୍ଟା ଧରି ଦୁଷ୍କର୍ମ କରାଯାଇଥିଲା। ପୋଲିସ ବସ୍‌କୁ ଜବତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଟଣାଟି ସୋମବାର ବିଳମ୍ବିତ ରାତିରେ (୧୧ ମେ', ୨୦୨୬) ରାଣୀ ବାଗ ଅଞ୍ଚଳରେ ଘଟିଥିଲା। ପୀଡିତା ପିତାମପୁରାର ଏକ ବସ୍ତି ଅଞ୍ଚଳରେ ରୁହନ୍ତି ଏବଂ ମଙ୍ଗୋଲପୁରୀର ଏକ କାରଖାନାରେ କାମ କରନ୍ତି। ପୀଡିତା ରାସ୍ତା କଡ଼େର ଠିଆ ହୋଇଥିବା ବେଳେ, ବସ୍‌ରେ ଥିବା କିଛି ଲୋକ ତାଙ୍କୁ ସମୟ ପଚାରିବା ବାହାନାରେ ଅଟକାଇଥିଲେ ଏବଂ ଜୋରଜବରଦସ୍ତ ତାଙ୍କୁ ଚଳନ୍ତା ବସ୍ ଭିତରକୁ ଟାଣି ନେଇଥିଲେ। ବସ୍‌ରେ ଥିବା ଅନେକ ଲୋକ ପ୍ରାୟ ଦୁଇ ଘଣ୍ଟା ଧରି ମହିଳାଙ୍କୁ ଗଣଦୁଷ୍କର୍ମ କରିଥିଲେ। ଅପରାଧୀମାନେ ରାଣୀ ବାଗ ଅଞ୍ଚଳରେ ପ୍ରାୟ ୭ କିଲୋମିଟର ପର୍ଯ୍ୟନ୍ତ ବସ୍ ଚଳାଇଥିଲେ। ପୀଡିତା ପୁଲିସକୁ ସୂଚନା ଦେଇଥିଲେ, ଯାହା ପରେ ରାଣୀ ବାଗ ପୁଲିସ ଏକ ମାମଲା ରୁଜୁ କରିଥିଲା। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅପରାଧରେ ବ୍ୟବହୃତ ଘରୋଇ ସ୍ଲିପର ବସ୍ ଜବତ କରିଥିଲା ଏବଂ ଡ୍ରାଇଭର ଏବଂ କଣ୍ଡକ୍ଟର ସମେତ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମହିଳାଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ଡାକ୍ତରଖାନାକୁ ନିଆଯାଇଥିଲା। ଏହି ଘଟଣା ପୁଣି ଥରେ ଜାତୀୟ ରାଜଧାନୀରେ ମହିଳାଙ୍କ ସୁରକ୍ଷା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି।

# କାଳବୈଶାଖୀର ମହାତାଣ୍ଡବ: ପବନରେ ଉଡିଲେ ମଣିଷ, ୧୦୦ରୁ ଅଧିକ ମୃତ

ନୂଆଦିଲ୍ଲୀ, ୧୬/୦୫ : ଉତ୍ତରପ୍ରଦେଶରେ ଦେଖାଯାଇଛି କାଳବୈଶାଖୀର ମହାତାଣ୍ଡବ। ଏଥିରେ ପ୍ରାୟ ୧୦୦ ଜଣଙ୍କ ମୃତ୍ୟୁ ହୋଇଥିବା ଖବର ମଧ୍ୟ ସାମ୍ନାକୁ ଆସିଛି। ଏହାସହ ସରକାରଙ୍କ ପକ୍ଷରୁ ତୁରନ୍ତ ୪ ଲକ୍ଷ ସହାୟତା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ହୋଇଛି। କାଳବୈଶାଖୀ ତାଣ୍ଡବର ଅନେକ ଭିଡିଓ ଏବେ ସୋସିଆଲ ମିଡିଆରେ ଘୂରି ବୁଲିଛି। ଯାହାକୁ ଦେଖିଲେ ଭୟ ମଧ୍ୟ ଲାଗୁଛି। କାରଣ ଏଥିରେ ବଡ ବଡ ଗଛ ଭାଙ୍ଗିବା ସହ ମଣିଷକୁ ମଧ୍ୟ ପବନ ଅନେକ ଉଚ୍ଚ ସ୍ଥାନକୁ ଉଡାଇ ନେଇ ଫୋପାଡି ଦେଉଥିବା ଦେଖାଯାଇଛି। ବୁଧବାର ବିଳମ୍ବିତ ସନ୍ଧ୍ୟାରେ ଉତ୍ତର ପ୍ରଦେଶରେ ଭୟଙ୍କର ଘୂର୍ଣ୍ଣିଝଡ଼େର ଅନେକଙ୍କ ମୃତ୍ୟୁ ଘଟିଛି। ଅନେକ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଛି ଏବଂ ମାଟି ଘରଗୁଡ଼ିକ ଭୁଶୁଡି ପଡ଼ିଛି। ଗତକାଲି ଉତ୍ତର ପ୍ରଦେଶରେ ଘର କାନ୍ଥ ଭୁଶୁଡ଼ି ପଡ଼ିବାର ଅନେକ ଘଟଣା ଘଟିଛି, ଯାହା ଫଳରେ ଅନେକ ଲୋକ ଭଗ୍ନାବଶେଷ ତଳେ ଚାପି ହୋଇଯାଇଛନ୍ତି। ଝଡ଼ ଯୋଗୁଁ ଉତ୍ତର ପ୍ରଦେଶର ବିଭିନ୍ନ ଜିଲ୍ଲାରେ ୧୦୦ରୁ ଅଧିକ ଜଣଙ୍କର ମୃତ୍ୟୁ ହୋଇଛି। ଏହା ସହିତ, ବଜ୍ରପାତ ଯୋଗୁଁ ଅନେକଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟ କରାଯାଇଛି।

# କେଜରିୱାଲଙ୍କ ସମେତ ୭ଜଣଙ୍କୁ ଅଦାଲତ ଅବମାନନା ନୋଟିସ

ନୂଆଦିଲ୍ଲୀ, ୧୬/୦୫ : ଦିଲ୍ଲୀ ଅବକାରୀ ନୀତି ଅନିୟମିତତା ମାମଲାରେ ଅଭିଯୁକ୍ତ ଆପ୍ ଆବାହକ ଅରବିନ୍ଦ କେଜରିୱାଲ ଓ ଅନ୍ୟ ୬ ଆପ୍ ନେତାଙ୍କ ବିରୋଧରେ ଦିଲ୍ଲୀ ହାଇକୋର୍ଟ ଅଦାଲତ ଅବମାନନା ମାମଲା ରୁଜୁ କରିଛନ୍ତି। ନ୍ୟାୟପାଳିକା ବିରୋଧରେ ଅଭିଯୁକ୍ତମାନେ ଯୋଜନାବଦ୍ଧ ଭାବେ ଅପପ୍ରଚାର ଚଳାଇଥିବା ଅଭିଯୋଗ କରି ଏହି ମାମଲା ରୁଜୁ ହୋଇଛି। ମାମଲା ରୁଜୁ ପରେ ଅଭିଯୁକ୍ତମାନଙ୍କୁ ହାଇକୋର୍ଟଙ୍କ ପକ୍ଷରୁ ନୋଟିସ ଜାରି କରାଯାଇଛି। ନୋଟିସ ପାଇଥିବା ଅଭିଯୁକ୍ତମାନେ ହେଲେ ଅରବିନ୍ଦ କେଜରିୱାଲ, ମନୀଷ ସିସୋଦିଆ, ସଞ୍ଜୟ ସିଂହ, ସୌରଭ ଭରଦ୍ୱାଜ, ବିନୟ ମିଶ୍ର ଓ ଦୁର୍ଗେଶ ପାଠକ।

# ପୁଣି ବିବାଦରେ : ସନାତନକୁ ଓପାଡି ପକାଇବାକୁ ପଡ଼ିବ - ଉଦୟନିଧି ଷ୍ଟାଲିନ

ନୂଆଦିଲ୍ଲୀ, ୧୬/୦୫ : ତାମିଲନାଡୁ ରାଜନୀତି ତୀବ୍ର ଆଲୋଚନାର ବିଷୟ। ଗୋଟିଏ ପଟେ ଅଭିନେତା ବିଜୟ ପ୍ରଥମ ଥର ପାଇଁ ରାଜନୈତିକ କ୍ଷେତ୍ରରେ ପ୍ରବେଶ କରି ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଅନ୍ୟପଟେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନଙ୍କ ପୁଅ ଉଦୟନିଧି ଷ୍ଟାଲିନଙ୍କ ବିବାଦୀୟ ବୟାନ ଦେଇଛନ୍ତି। ଡିଏମକେ ବିଧାୟକ ଉଦୟନିଧି ଷ୍ଟାଲିନ ପୁଣି ଥରେ ସନାତନ ଧର୍ମ ବିରୁଦ୍ଧରେ ବିବୃତ୍ତି ଜାରି କରି ଏହାର "ବିଲୋପ" ପାଇଁ ଆହ୍ୱାନ ଦେଇଛନ୍ତି। ନୂତନ ସରକାର ଗଠନ ହେବା ପରେ, ତାମିଲନାଡୁ ବିଧାନସଭାର ପ୍ରଥମ ଅଧିବେଶନ ମଙ୍ଗଳବାର ଦିନ ଆରମ୍ଭ ହୋଇଥିଲା। ଗୃହକୁ ସମ୍ବୋଧିତ କରିବା ସମୟରେ ଉଦୟନିଧି ଷ୍ଟାଲିନ କହିଥିଲେ ଯେ ସନାତନବାଦ - ଯାହା ଲୋକଙ୍କୁ ବିଭାଜିତ କରିଛି - ତାହାର ଅନ୍ତ ଘଟାଇବା ଆବଶ୍ୟକ। ସେ ଦୃଢ଼ ଭାବରେ କହିଥିଲେ ଯେ ସନାତନମ, ଜନସଂଖ୍ୟାକୁ ବିଭାଜିତ କରିବାରେ ସାହାଯ୍ୟ କରିଥିବାରୁ, ଏହାକୁ ସମ୍ପୂର୍ଣ୍ଣ ଭାବରେ ଉପାଡ଼ି ଦିଆଯିବା ଉଚିତ। ବିଜେପି ତୁରନ୍ତ ଏହି ମନ୍ତବ୍ୟଗୁଡ଼ିକୁ ନିନ୍ଦା କରିଛି, ମୁଖପାତ୍ର ସି.ଆର. କେଶବନ ଏହାକୁ "ବିଷାକ୍ତ ବୟାନବାଜି" ବୋଲି କହିଛନ୍ତି।
ମୁଖପାତ୍ର ସି.ଆର. କେଶବନ କହିଛନ୍ତି ଯେ ଉଦୟନିଧି ଷ୍ଟାଲିନ ହେଉଛନ୍ତି "ତାମିଲନାଡୁର ରାହୁଲ ଗାନ୍ଧୀ", ଯିଏ ବିଭାଜନକାରୀ ଘୃଣାର ରାଜନୀତି ବିସ୍ତାର କରୁଛନ୍ତି। ରାହୁଲ ଗାନ୍ଧୀ ପବିତ୍ର ସେଙ୍ଗୋଲକୁ ଉପହାସ କରିଥିଲେ ଏବଂ ରାମ ମନ୍ଦିରର 'ପ୍ରାଣ ପ୍ରତିଷ୍ଠା' ସମାରୋହକୁ ବର୍ଜନ କରିଥିଲେ, ଯାହାଦ୍ୱାରା ଏହାକୁ ଅପମାନିତ କରିଥିଲେ। ରାହୁଲ ଗାନ୍ଧୀଙ୍କ ପରି - ଯିଏ ଗତ ତିନୋଟି ଲୋକସଭା ନିର୍ବାଚନରେ ପ୍ରତ୍ୟାଖ୍ୟାନ ହୋଇଛନ୍ତି - ଉଦୟନିଧି ଷ୍ଟାଲିନ ତାମିଲନାଡୁର ଲୋକଙ୍କ ଦ୍ୱାରା ଦଣ୍ଡିତ ଏବଂ ବହିଷ୍କୃତ ହେବା ସତ୍ତ୍ୱେ ତାଙ୍କର ବିଷାକ୍ତ ବୟାନବାଜି ଜାରି ରଖିଛନ୍ତି।
ଏହା ଉଲ୍ଲେଖନୀୟ ଯେ ଉଦୟନିଧି ପୂର୍ବରୁ ସମାନ ମନ୍ତବ୍ୟ ଦେଇଛନ୍ତି, କେବଳ ରାଜନୈତିକ ନେତାମାନଙ୍କଠାରୁ ନୁହେଁ ବରଂ କୋର୍ଟମାନଙ୍କଠାରୁ ମଧ୍ୟ କଠୋର ସମାଲୋଚନାର ସମ୍ମୁଖୀନ ହୋଇଥିଲେ। ଚଳିତ ବର୍ଷ ଜାନୁଆରୀ ୨୧ ତାରିଖରେ, ମାଡ୍ରାସ ହାଇକୋର୍ଟର ମାଦୁରାଇ ବେଞ୍ଚ ଜାନୁଆରୀ ୨୦ ତାରିଖରେ ତ୍ରିଚି ସିଟି ପୁଲିସ ଦ୍ୱାରା ବିଜେପି ନେତା ଅମିତ ମାଲବ୍ୟଙ୍କ ବିରୋଧରେ ରୁଜୁ ହୋଇଥିବା ଏକ ଏଫଆଇଆରକୁ ଖାରଜ କରିଦେଇଥିଲେ, ଯାହାଙ୍କ ଉପରେ ତାମିଲନାଡୁର ଉପ-ମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନଙ୍କ ଦ୍ୱାରା ସନାତନ ଧର୍ମ ସମ୍ପର୍କରେ ଦିଆଯାଇଥିବା ମନ୍ତବ୍ୟକୁ "ବିକୃତ" କରିବାର ଅଭିଯୋଗ ଥିଲା।
ଆବେଦନକୁ ଅନୁମତି ଦେବା ସମୟରେ, ଜଷ୍ଟିସ୍ ଏସ. ଶ୍ରୀମାଥି ପର୍ଯ୍ୟବେକ୍ଷଣ କରିଥିଲେ ଯେ ଉଦୟନିଧିଙ୍କ ଦ୍ୱାରା ଦିଆଯାଇଥିବା ମନ୍ତବ୍ୟ "ଘୃଣା ଭାଷଣ" ବର୍ଗରେ ପଡ଼େ। ଏହି ପ୍ରସଙ୍ଗରେ ବିସ୍ତାର କରି ବିଚାରପତି କହିଛନ୍ତି ଯେ ମନ୍ତ୍ରୀଙ୍କ ଭାଷଣକୁ ସମ୍ପୂର୍ଣ୍ଣ ଭାବରେ ଯାଞ୍ଚ କରାଯିବା ଉଚିତ।

# ଏଆଇଏଡିଏମକେର ଫାଟ

## ସି.ଭି ସନମୁଗମଙ୍କ ଗୋଷ୍ଠୀ ବିଜୟଙ୍କୁ ସମର୍ଥନ

ଚେନ୍ନାଇ, ୧୬/୦୫ : ଦିନ ଯେତେ ଗଡୁଛି ତାମିଲନାଡୁ ରାଜନୀତିରେ ଘଡି କେ ଘୋଡା ଛୁଟୁଛି। ଦୁଇ ଫାଳ ହେଲା ଏଆଇଏଡିଏମକେ।ଏଆଇଏଡିଏମକେ ବିଦ୍ରୋହୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ବିଜୟ।ଏଆଇଏଡିଏମକେ ର ବରିଷ୍ଠ ନେତା ସି.ଭି ସନମୁଗମଙ୍କ ନେତୃତ୍ୱରେ ଦଳର ୩୦ ଜଣ ବିଧାୟକ ମଙ୍ଗଳବାର ତାମିଲନାଡୁ ମୁଖ୍ୟମନ୍ତ୍ରୀ ଚନ୍ଦ୍ରଶେଖରନ ଯୋଶେଫ ବିଜୟଙ୍କ ତାମିଲଗା ଭେଟ୍ରି କାଝାଗମ କୁ ସମର୍ଥନ ଜଣାଇଛନ୍ତି। ସି.ଭି ସନମୁଗମଙ୍କ ନେତୃତ୍ୱରେ ଏକ ବିଧାୟକ ଗୋଷ୍ଠୀ ଦଳର ମୁଖ୍ୟ ଏଡପ୍ପାଡି କେ.ପଲାନିସ୍ୱାମୀ ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ଚାହୁଁଥିବା ଖବର ସାମ୍ନାକୁ ଆସିଛି।
ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଚନ୍ଦ୍ରଶେଖରନ ଯୋଶେଫ ବିଜୟଙ୍କୁ ବିଧାନସଭାରେ ବହୁମତ ପ୍ରମାଣ କରିବାକୁ ଥିବା ବେଳେ, ତା'ପୂର୍ବରୁ ଏଆଇଏଡିଏମ୍‌କେର ଏକ ଗୋଷ୍ଠୀ ତାଙ୍କ ଦଳକୁ ସମର୍ଥନ ଘୋଷଣା କରିଥିବାରୁ ଏହା ବେଶ୍ ଗୁରୁତ୍ୱ ବହନ କରୁଛି। ଚଳିତ ନିର୍ବାଚନରେ ୪୭ ଆସନରେ ଜିତିଛି ଏଆଇଏଡିଏମକେ। ମୈଲମ ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିବା ସି.ଭି ସନମୁଗମ ଚେନ୍ନାଇରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ବିଶେଷ କରି ବିଜୟଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଜନାଦେଶ ହୋଇଛି। ତାହା ହେଉଛି ପ୍ରମୁଖ ଓ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା, ଯାହାକୁ ଆମକୁ ବୁଝିବାକୁ ପଡ଼ିବ। ଲୋକେ ବିଜୟଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଭୋଟ୍ ଦେଇଛନ୍ତି।ତେଣୁ ଆମେ ଲୋକଙ୍କ ନିଷ୍ପତ୍ତିକୁ ସମ୍ମାନ ଦେଉଛୁ। ସେହି ଜନାଦେଶକୁ ସମ୍ମାନ ଜଣାଇ ଆମେ ପୂର୍ଣ୍ଣ ଆନ୍ତରିକତାର ସହିତ ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ଅଭିନନ୍ଦନ ଜଣାଉଛୁ। ଆମେ ଏଆଇଏଡିଏମ୍‌କେର ବିଧାୟକ ଦଳର ସଦସ୍ୟ ଭାବେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ସରକାରଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଉଛୁ। ସି.ଭି ଶନମୁଗମଙ୍କ ନେତୃତ୍ୱରେ ଏଆଇଏଡିଏମ୍‌କେର ୩୦ ଜଣ ବିଧାୟକ ଟିଭିକେକୁ ସମର୍ଥନ ଘୋଷଣା କରିଥିବା ବେଳେ ପଲାନିସ୍ୱାମୀଙ୍କ ସହିତ ଏବେ ବି ୧୭ ଜଣ ବିଧାୟକ ରହିଛନ୍ତି। ୧୦ ବର୍ଷ ଶାସନରେ ରହିବା ପରେ ୨୦୨୧ରେ ଏଆଇଏଡିଏମ୍‌କେକୁ ଗାଦିଚ୍ୟୁତ କରିଥିଲା ଡିଏମକେ। ସେଥର ଏଆଇଏଡିଏମ୍‌କେ ମାତ୍ର ୭୫ଟି ଆସନ ଜିତିଥିଲା। ୨୦୧୯ ଲୋକସଭା ନିର୍ବାଚନରେ ଦଳ ୩୯ଟି ଆସନରୁ ଗୋଟିଏ ଜିତିଥିବା ବେଳେ ୨୦୨୪ ନିର୍ବାଚନରେ ଗୋଟିଏ ବି ଆସନ ଜିତିପାରି ନଥିଲା। ଏହି ପରିଂଖ୍ୟାନକୁ ବିଚାରକୁ ନେଇ ଏଡପ୍ପାଡି କେ ପଲାନିସ୍ୱାମୀ ଏଆଇଏଡିଏମ୍‌କେର ମୁଖ୍ୟ ପଦରୁ ଇସ୍ତଫା ଦେବା ଉଚିତ୍ ବୋଲି ଗୋଟିଏ ଗୋଷ୍ଠୀ ଚାହୁଁଥିବା ନେଇ ଦୁଇ ତିନି ଦିନ ହେଲାଣି ଜୋର ଚର୍ଚ୍ଚା ହୋଇଥିଲା।

# ଗୋଟିଏ ଭୋଟରେ ଜିତି ବିଧାୟକ ହୋଇଥିଲେ ଟିଭିକେ ନେତା, ହେଲେ ବିଧାନସଭା ଯିବାକୁ ମନା କଲେ ମାଡ୍ରାସ ହାଇକୋର୍ଟ

ନୂଆଦିଲ୍ଲୀ, ୧୬/୦୫ ନିକଟରେ ସରିଥିବା ତାମିଲନାଡୁ ବିଧାନସଭା ନିର୍ବାଚନରେ ଗୋଟିଏ ଭୋଟରେ ବିଜୟୀ ହୋଇ ବେଶ୍ ଚର୍ଚ୍ଚାକୁ ଆସିଥିଲେ ଟିଭିକେ ନେତା ଶ୍ରୀନିବାସ ସେତୁପତି। ତିରୁପତ୍ତୁର ନିର୍ବାଚନ ମଣ୍ଡଳୀରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦ୍ରାବିଡ ମୁନେତ୍ରା କାଝାଗମ (ଡିଏମକେ) ପ୍ରାର୍ଥୀ କେ.ଆର. ପେରିଆକରୁପ୍ପନଙ୍କୁ ଗୋଟିଏ ଭୋଟରେ ହରାଇ ବିଜୟୀ ହୋଇଥିଲେ ଶ୍ରୀନିବାସ। ହେଲେ ଏବେ ତାଙ୍କୁ ମାଡ୍ରାସ ହାଇକୋର୍ଟରୁ ଲାଗିଛି ଝଟକା। କୋର୍ଟ ତିରୁପତ୍ତୁର ସେତୁପତିଙ୍କୁ ମଙ୍ଗଳବାର ହେବାକୁ ଥିବା ବିଧାନସଭା କାର୍ଯ୍ୟରେ ଅଂଶଗ୍ରହଣ କରିବାରୁ ବାରଣ କରିଛନ୍ତି। କେ.ଆର. ପେରିଆକରୁପ୍ପନଙ୍କ ଦ୍ୱାରା ଦାୟର ଏକ ଆବେଦନର ଶୁଣାଣି କରି କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି।







ପ୍ରକୃତରେ, ତିରୁପତ୍ତୁର ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଶ୍ରୀନିବାସ ସେତୁପତି କଡ଼ା ଟକ୍କର ମଧ୍ୟରେ ମାତ୍ର ଗୋଟିଏ ଭୋଟରେ ଜିତିଥିଲେ। ସେ ମୋଟ ୮୩, ୩୬୫ ଭୋଟ ପାଇଥିବା ବେଳେ, ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଡିଏମକେ ପ୍ରାର୍ଥୀ କେ. ଆର ପେରିଆକରୁପ୍ପନ ୮୩, ୩୬୪ ଭୋଟ ପାଇଥିଲେ। ଏହି ବ୍ୟବଧାନ ନିର୍ବାଚନ ଫଳାଫଳ ଉପରେ ବିବାଦ ସୃଷ୍ଟି କରିଥିଲା। ଏମିତିରେ ନିର୍ବାଚନରେ ପରାଜିତ ହୋଇଥିବା ଡିଏମକେ ନେତା କେ.ଆର ପେରିଆକରୁପ୍ପନ ନିର୍ବାଚନ ଫଳାଫଳକୁ ଚ୍ୟାଲେଞ୍ଜ କରିଥିଲେ। କୋର୍ଟ ଆବେଦନରେ ସେ ଅଭିଯୋଗ କରିଥିଲେ ଯେ, ପୋଷ୍ଟାଲ୍ ବାଲଟରେ ହେରଫେର କରାଯାଇଛି। ଫଳରେ ଟିଭିକେ ପ୍ରାର୍ଥୀଙ୍କ ବିଜୟ ହୋଇଛି। ସେ ଦାବି କରିଥିଲେ ଯେ, ତିରୁପତ୍ତୁର ବିଧାନସଭା ନିର୍ବାଚନମଣ୍ଡଳୀର ସଂଖ୍ୟା ୧୮୫ ପାଇଁ ପଡ଼ିଥିବା ଗୋଟିଏ ଭୋଟ ଭୁଲ ଭାବରେ ଜିଲ୍ଲାର ତିରୁପତ୍ତୁର ବିଧାନସଭା ନିର୍ବାଚନମଣ୍ଡଳୀର ସଂଖ୍ୟା ୫୦ରେ ଯୋଡ଼ି ଦିଆଯାଇଛି। ତେବେ ମାମଲାରେ ଶୁଣାଣି କରି ବିଚାରପତି ଭିକ୍ଟୋରିଆ ଗୌରୀ ଏବଂ ବିଚାରପତି ସେନ୍ଥିଲକୁମାରଙ୍କ ଖଣ୍ଡପୀଠ କହିଛନ୍ତି ଯେ, ପ୍ରଥମ ଥର ମାମଲା କୋର୍ଟକୁ ଆସିଛି ଏମିତିରେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେତୁପତିଙ୍କୁ ଗୃହ କାର୍ଯ୍ୟରେ ଅଂଶଗ୍ରହଣ କରିବାରୁ ବାରଣ କରାଯାଇଛି। ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଶ୍ରୀନିବାସ ସେତୁପତି ବର୍ତ୍ତମାନ ପାଇଁ ବିଧାନସଭାର କୌଣସି କାର୍ଯ୍ୟରେ ଅଂଶଗ୍ରହଣ କରିପାରିବେ ନାହିଁ। ନିର୍ବାଚନ କମିଶନ କହିଛନ୍ତି ଯେ, ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ କେବଳ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ନିର୍ବାଚନ ଆବେଦନ ଦାଖଲ କରାଯାଇପାରିବ। କମିଶନ ଏହା ମଧ୍ୟ କହିଛନ୍ତି ଯେ, ଗୋଟିଏ ବି ପୋଷ୍ଟାଲ୍ ବାଲଟ୍ ଅନ୍ୟ ନିର୍ବାଚନମଣ୍ଡଳୀକୁ ସ୍ଥାନାନ୍ତରିତ ହୋଇନାହିଁ। ଅବଶ୍ୟ, କୋର୍ଟରେ ପେରିଆକରୁପ୍ପନଙ୍କ ଦ୍ୱାରା ଦାଖଲ ଅଭିଯୋଗର ପର୍ଯ୍ୟାପ୍ତ ପ୍ରମାଣ ଥିବାରୁ କୋର୍ଟ ଶ୍ରୀନିବାସ ସେତୁପତିଙ୍କୁ ବିଧାୟକ ଭାବରେ ବିଧାନସଭା ବିଶ୍ୱାସ ଭୋଟରେ ଅଂଶଗ୍ରହଣ କରିବାରୁ ବାରଣ କରିଥିଲେ। ହାଇକୋର୍ଟ କମିଶନଙ୍କୁ ଏକ ସତ୍ୟପାଠ ଦାଖଲ କରି ଏହି ପ୍ରସଙ୍ଗରେ ଉତ୍ତର ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ କୋର୍ଟ ଏହା ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଯେ, ତିରୁପତ୍ତୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନମ୍ବର ୧୮୫ ସହ ଜଡ଼ିତ ଯେକୌଣସି ପୋଷ୍ଟାଲ୍ ବାଲଟ୍, ଯାହା ତିରୁପତ୍ତୁର ବିଧାନସଭା ନିର୍ବାଚନମଣ୍ଡଳୀ ନମ୍ବର ୫୦ରେ ପ୍ରାପ୍ତ ହୋଇଛି, ତାହାକୁ ସିଲ୍, ସୁରକ୍ଷିତ ଏବଂ ସଂରକ୍ଷିତ ରଖାଯିବ। କୋର୍ଟ ଗଣନା, ପୋଷ୍ଟାଲ୍ ବାଲଟ୍ ଯାଞ୍ଚ, ପୋଷ୍ଟାଲ୍ ବାଲଟ୍ ପ୍ରତ୍ୟାଖ୍ୟାନ ଏବଂ ପୁନର୍ବାର ଯାଞ୍ଚ ସହିତ ସେମାନଙ୍କର ମୂଳ ଇଲେକ୍ଟ୍ରୋନିକ୍ ଫର୍ମରେ ସଂରକ୍ଷଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

# ସମ୍ପାଦକୀୟ

## ୨୦୨୬ ଜନାଦେଶ

କେବଳ ଆସାମ ଓ ପୁଡୁଚେରୀକୁ ବାଦ୍ ଦେଲେ ଚଳିତ ବିଧାନସଭା ନିର୍ବାଚନରେ ୩ ରାଜ୍ୟରେ ଜନମତ ଶାସକ ଦଳ ବିରୋଧରେ ଯାଇଛି। ଏପରି କି ପଶ୍ଚିମବଙ୍ଗ ଓ ତାମିଲନାଡୁରେ ମୁଖ୍ୟମନ୍ତ୍ରୀ ପରାସ୍ତ ହୋଇଛନ୍ତି। ପଶ୍ଚିମବଙ୍ଗ ଓ ତାମିଲନାଡୁରେ ଆଞ୍ଚଳିକ ଦଳ ସରକାରର ପତନ ଘଟିଥିବାବେଳେ କେରଳରେ ବାମପନ୍ଥୀ ନେତୃତ୍ୱାଧୀନ ସରକାରର ପତନ ଘଟି କଂଗ୍ରେସ ନେତୃତ୍ୱରେ ୟୁଡିଏଫ୍ କ୍ଷମତାକୁ ଫେରିଛି। ଏହି ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ଭାଜପା) ପଶ୍ଚିମବଙ୍ଗରେ ଆସନ ସଂଖ୍ୟା ଦ୍ୱିଗୁଣରୁ ଅଧିକ ବୃଦ୍ଧି କରିବାରେ ସମର୍ଥ ହେବା ସହ ଆସାମରେ ଆସନ ସଂଖ୍ୟା ୬୦ରୁ ୮୦କୁ ବୃଦ୍ଧିକରି ତୃତୀୟ ଥର କ୍ଷମତା ଦଖଲ କରିଛି। କେରଳ ଓ ତାମିଲନାଡୁରେ ମଧ୍ୟ ଭାଜପା ଖାତା ଖୋଲିଛି।

ପଶ୍ଚିମବଙ୍ଗରେ ୨ ପର୍ଯ୍ୟାୟରେ ୨୯୪ ଆସନ ନିମନ୍ତେ ମତଦାନ ଅନୁଷ୍ଠିତ ହୋଇଥିଲା। ଏଠାରେ ଆଞ୍ଚଳିକ ଦଳ ଟିଏମ୍‌ସି ସରକାର ରହିଥିଲା। ଏକ କଡ଼ା ନିରାପତ୍ତା ବ୍ୟବସ୍ଥା ମଧ୍ୟରେ ପ୍ରାୟ ଅଢ଼େଇ ଲକ୍ଷ କେନ୍ଦ୍ରୀୟ ପୋଲିସ ବାହିନୀ, ୧୪୨ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ, ୧୦୦ ହିସାବ ପର୍ଯ୍ୟବେକ୍ଷକ, ଏନ୍‌ଆଇଏ ଦଳ ଉପସ୍ଥିତି ଓ ଆଇନଗତ ଲଢ଼େଇ ମଧ୍ୟରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା, ଯାହା ସ୍ୱାଧୀନ ଭାରତ ନିର୍ବାଚନ ଇତିହାସରେ ଅଭୂତପୂର୍ବ ଥିଲା। ପ୍ରଥମରୁ ରାଜ୍ୟ ନିର୍ବାଚନରେ ଏସ୍‌ଆଇଆର ମୁଖ୍ୟ ପ୍ରସଙ୍ଗ ଥିଲା। କିନ୍ତୁ ସମୟ ପ୍ରଚାର ସାମାଜିକ- ସାଂସ୍କୃତିକ ଅସ୍ମିତାର ମୋଡ଼ ନେଇଥିଲା। ଏହା ଅନୁଭବ କରିବା ପରେ ପ୍ରଥମରୁ ସୀମାପାର ଅନୁପ୍ରବେଶକାରୀ ପ୍ରସଙ୍ଗ ଉଠାଇଥିଲେ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟ ବେଳକୁ ପ୍ରଧାନମନ୍ତ୍ରୀ ବେଲୁର ମଠ, କାଳୀମନ୍ଦିର, ମାତୁଆ ଠାକୁରବାରି ମନ୍ଦିର ପରିଦର୍ଶନ କରିଥିଲେ। ଏହା ନିର୍ବାଚନକୁ ଏକ ଧାର୍ମିକ ଓ ସାଂସ୍କୃତିକ ମୋଡ଼ ଦେଇଥିଲା, ଯାହା ଭାଜପା ସପକ୍ଷରେ ଗଲା ଓ ଦଳର ଆସନ ସଂଖ୍ୟା ୭୭ରୁ ୨୦୭କୁ ବୃଦ୍ଧି ପାଇଲା। ହିନ୍ଦୁ ବଙ୍ଗୀୟ ଭଦ୍ରଲୋକ (ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀ)ଙ୍କ ମତ ଭାଜପା ନିକଟକୁ ଗଲା। ପଶ୍ଚିମବଙ୍ଗରେ ଆଇନ ଶୃଙ୍ଖଳା ପରିସ୍ଥିତି ଓ ଦୁର୍ନୀତି ବିଷୟ ଏନ୍ ?ଡିଏ ପକ୍ଷରୁ ଉଠାଯାଇଥିଲା। ମମତାଙ୍କ ତୃଣମୂଳ ଶାସନ ୧୫ ବର୍ଷ ରହିଲା। ଏହା ମଧ୍ୟରେ ଶେଷ ପର୍ଯ୍ୟାୟ ବେଳକୁ ଆଇନଶୃଙ୍ଖଳା ଓ ଶିକ୍ଷକ ନିଯୁକ୍ତି ଭଳି ବିଭିନ୍ନ ଦୁର୍ନୀତି ପ୍ରସଙ୍ଗ ଦେଖାଦେଲା, ଯାହା ତୃଣମୂଳ କଂଗ୍ରେସ ବିପକ୍ଷରେ ଗଲା। ତେଣେ ରାଜ୍ୟରେ ଏସ୍‌ଆଇଆର୍ ଯୋଗୁ ତୃଣମୂଳ ଦଳର ଭୋଟ ବ୍ୟାଙ୍କ ହ୍ରାସ ପାଇଲା। ମୁସ୍‌ଲିମ ଭୋଟ ସଂଗଠିତ ନ ରହି ବିଭାଜିତ ହୋଇଗଲା। ଶେଷ ପର୍ଯ୍ୟାୟ ଭୋଟ ସମୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାଜପା ସହ ସମତାଳରେ ପଶ୍ଚିମବଙ୍ଗରେ ଜଙ୍ଗଲରାଜ ଓ ଦୁର୍ନୀତି ବିଷୟ ଉଠାଇଥିଲେ, ଯାହା ଟିଏମ୍‌ସି ପାଇଁ କେତେକାଂଶରେ ମହଙ୍ଗା ପଡ଼ିଲା। ମୋଟାମୋଟି ଦେଖିବାକୁ ଗଲେ ରାଜ୍ୟରେ ଏହା ପରିବର୍ତ୍ତନର ଭୋଟ ରହିଲା। ଭୋଟ ଧ୍ରୁବୀକରଣ ଏପରି ହେଲା ତୃଣମୂଳ ଓ ଭାଜପାକୁ ବାଦ୍ ?ଦେଲେ ଅନ୍ୟ ସବୁ ଦଳ ମାତ୍ର ୬ଟି ପାଇଲେ।

ଆସାମରେ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଓ ନାଗରିକ ସଂଶୋଧନ ଆଇନ ୨୦୧୯ର କାର୍ଯ୍ୟକାରିତା ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା, ଯାହା ଏନ୍‌ଡିଏ ସପକ୍ଷରେ ଯାଇଛି। ମୁଖ୍ୟତଃ ୨୦୨୩ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଯୋଗୁ ଏନ୍‌ଡିଏର ସଫଳତା ମାତ୍ରା ବୃଦ୍ଧି ପାଇଲା। କାରଣ ସୀମା ପୁନଃ ନିର୍ଦ୍ଧାରଣ ଯୋଗୁ ମୁସ୍‌ଲିମ ସଂଖ୍ୟାଗରିଷ୍ଠ ବା ମୁସ୍‌ଲିମ ପ୍ରାଧାନ୍ୟ ନିର୍ବାଚନମଣ୍ଡଳୀ ସଂଖ୍ୟା ପ୍ରାୟ ୧୫ଟି ହ୍ରାସ ପାଇଥିଲା। ସାଧାରଣ ଭାବେ ମୁସ୍‌ଲିମ ଭୋଟ କଂଗ୍ରେସ ସପକ୍ଷରେ ଯାଇଥାଏ। ସୀମା ନିର୍ଦ୍ଧାରଣ କାରଣରୁ ମୁସ୍‌ଲିମ ଭୋଟ ବିଭିନ୍ନ ନିର୍ବାଚନମଣ୍ଡଳୀରେ ବିକ୍ଷିପ୍ତ ହେଲା, ହିନ୍ଦୁ ଭୋଟ ଏକତ୍ରୀକରଣ ହୋଇ ରହିଲା, ଯାହା ଏନ୍‌ଡିଏ ପାଇଁ ସହାୟକ ହେଲା। ଅନ୍ୟପକ୍ଷରେ ଦେଖିଲେ ହିମନ୍ତ ନାଗରିକ ସଂଶୋଧନ ଆଇନରେ ରାଜ୍ୟରୁ ଅନୁପ୍ରବେଶକାରୀ ମୁସ୍‌ଲିମଙ୍କୁ ବିତାଡ଼ିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ଯାହାକୁ ଅଲ୍ ଆସାମ ଷ୍ଟୁଡେଣ୍ଟ ୟୁନିୟନ (ଆସୁ) ବିରୋଧ କରିଥିଲା। ଏହାଦ୍ୱାରା ମୂଳ ଆସାମ ବାସିନ୍ଦାଙ୍କ ଭୋଟ ହିମନ୍ତଙ୍କ ସପକ୍ଷରେ ଗଲା ଏବଂ ଏନ୍‌ଡିଏ ଆସନ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଲା। ୧୨୬ ବିଧାନସଭା ଆସନ ବିଶିଷ୍ଟ ଆସାମରେ ୨୦୧୬ ଓ ୨୦୨୧ ବିଧାନସଭା ନିର୍ବାଚନରେ ଏନ୍ ?ଡିଏ ସମାନ ସଂଖ୍ୟକ ୬୦ଟି ଆସନ ଲାଭ କରିଥିଲା। ଏଥର ସଂଖ୍ୟା ୮୦ ଛୁଇଁଲା। ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ଆସାମର ବରିଷ୍ଠ କଂଗ୍ରେସ ନେତା ଭୂପେନ ବୋରହା ଭାଜପାରେ ଯୋଗଦେବା ଫଳରେ ଏନ୍‌ଡିଏର ବଳ ବୃଦ୍ଧି ପାଇଥିଲା। ଆସାମର ମତଦାନକୁ ଶାସନ ବ୍ୟବସ୍ଥା ସପକ୍ଷବାଦୀ ଭୋଟ ବୋଲି କୁହାଯାଇପାରେ।

ତାମିଲନାଡୁ ନିର୍ବାଚନ ଇତିହାସକୁ ଦେଖିଲେ ରାଜ୍ୟ ଭୋଟରଙ୍କ ଏକ ପରିବର୍ତ୍ତନ ମାନସିକତା ରହିଆସିଛି, ଯାହା ଚଳିତ ନିର୍ବାଚନରେ ପ୍ରତିଫଳିତ ହୋଇଛି। ରାଜ୍ୟବାସୀ ଚଳିତ ଥର ଦୁଇ ପାରମ୍ପରିକ ଦଳକୁ ଏଡ଼ାଇ ସମ୍ପୂର୍ଣ୍ଣ ଭାବେ ଏକ ନୂଆ ଦଳ ଟିଭିକେକୁ ପସନ୍ଦ କରିଛନ୍ତି। ଅଭିନେତାରୁ ରାଜନୀତିରେ ପ୍ରବେଶ କରି ଜୋସେଫ୍ ବିଜୟ ୨୦୨୪ ମସିହାରେ ଟିଭିକେ ଦଳ ପ୍ରତିଷ୍ଠା କରିଥିଲେ। ନୂଆ ଅଭିଳାଷ ରଖି ରାଜ୍ୟବାସୀ ବୋଧହୁଏ ଶାସକ ଡିଏମ୍‌କେ ଓ ଏଆଇଏଡିଏମ୍‌କେଠାରୁ ଦୂରେଇଯାଇଛନ୍ତି। ପ୍ରଥମ ଥର ପାଇଁ ନିର୍ବାଚନ ଲଢ଼ିଥିବା ଟିଭିକେ ରାଜ୍ୟର ୨୩୪ଟି ବିଧାନସଭା କ୍ଷେତ୍ର ମଧ୍ୟରୁ ୧୦୮ଟି ଆସନରେ ବିଜୟୀ ହୋଇଛି। ୮ ଗ୍ରାମ୍ ସୁନା ପ୍ରତିଶ୍ରୁତି ପାଇ ଅଧିକ ମହିଳା ଭୋଟର ଟିଭିକେ ପ୍ରତି ସମର୍ଥନ ଦେଇଥିବା ଜଣାପଡୁଛି। ଏଠାରେ ଡିଏମ୍‌କେ ୫୯ଟି ଓ ଏଆଇଏଡିଏମ୍‌କେ ୪୭ଟି ଆସନ ପାଇଛି। କଂଗ୍ରେସ ପୂର୍ବଥର ୧୮ଟି ଆସନ ପାଇଥିବାବେଳେ ଚଳିତ ଥର ଏହା ୫ଟିକୁ ହ୍ରାସ ପାଇଛି। ପିଏମ୍‌କେ, ସିପିଆଇ ଓ ଆଇୟୁଏମ୍‌ଏଲ୍ ୨ଟି ଲେଖାଏ ଆସନ ପାଇଛନ୍ତି। ଭାଜପା ରାଜ୍ୟରେ ଖାତା ଖୋଲିଛି। ଟିଭିକେ ମିଳିତ ସରକାର ଗଠନ କରିଛି। ତାମିଲନାଡୁରେ ମତଦାନ ଧାରାକୁ ଶାସକ ଦଳ ବିରୋଧୀ ବୋଲି କୁହାଯାଇ ନ ପାରେ, ଏହା ରାଜ୍ୟବାସୀଙ୍କ ପାରମ୍ପରିକ ବିଚାରଧାରା ବୋଲି କୁହାଯାଇପାରେ।

କେରଳରେ କ୍ରମାଗତ ୨ ଥର ଶାସନ କ୍ଷମତାରେ ରହିଥିବା ବାମପନ୍ଥୀ ନେତୃତ୍ୱାଧୀନ ଏଲ୍‌ଡିଏଫ୍ କ୍ଷମତାଚ୍ୟୁତ ହୋଇଛି। କଂଗ୍ରେସ ନେତୃତ୍ୱରେ ୟୁଡିଏଫ୍ ଶାସନକୁ ଫେରିଛି। ୧୪୦ ଆସନ ବିଶିଷ୍ଟ କେରଳରେ କଂଗ୍ରେସ ଓ ଏହାର ସହଯୋଗୀ ଦଳ ୧୦୨ଟି ଆସନ ଦଖଲ କରିଛନ୍ତି। ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ରାଜ୍ୟ ଇତିହାସରେ ପ୍ରଥମ ଥର ଭାଜପା ୩ଟି ଆସନ ଲାଭ କରିଛି। କେରଳର ଜନାଦେଶକୁ ଶାସକ ଦଳ ବିରୋଧୀ ବୋଲି କୁହାଯାଇପାରେ। କେରଳ ଏକ ଉପକୂଳବର୍ତ୍ତୀ ରାଜ୍ୟ। ରବର ଓ ମସଲା ଏଠାକାର ମୁଖ୍ୟ ଉପତ୍ାଦିତ ଫସଲ। କିନ୍ତୁ ଗତ କିଛି ବର୍ଷ ହେଲା ଚାଷୀ ଏହାର ଉଚିତ ମୂଲ୍ୟ ପାଇପାରୁ ନ ଥିଲେ କି ସରକାର ଏଗୁଡ଼ିକ ଠିକ୍ ସମୟରେ ମଧ୍ୟ କ୍ରୟ କରୁ ନ ଥିଲେ। ଫଳରେ ଚାଷୀ କ୍ଷତି ସହୁଥିଲେ। ବହୁ ସମ୍ପ୍ରଦାୟ ବିଶିଷ୍ଟ ଏହି ରାଜ୍ୟ ସାକ୍ଷର। କିନ୍ତୁ କାମଧନ୍ଦା ଅଭାବରୁ ରାଜ୍ୟରୁ ବହିର୍ଗମନ ବୃଦ୍ଧି ପାଇଲା। ଏ ସମସ୍ତ ଯୋଗୁ ଜନତାଙ୍କ ମନରେ ଏକ ସରକାର ବିରୋଧୀ ଅନ୍ତଃସ୍ରୋତ ରହିଲା, ଯାହା ଚଳିତ ନିର୍ବାଚନରେ ପ୍ରତିଫଳିତ ହୋଇଥିବା କୁହାଯାଇପାରେ। ଗତ ନଗରପାଳିକା ନିର୍ବାଚନରେ କଂଗ୍ରେସର ଏଠାରେ ଫଳାଫଳ ଭଲ ରହିଥିଲା। ସେବେଠାରୁ ଏଲ୍‌ଡିଏଫ୍ ପ୍ରତି ଅସନ୍ତୋଷ ବାରି ହେଉଥିଲା। କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ବିଧାନସଭା ଆସନ ସଂଖ୍ୟା ୩୦। ଏଠାରେ ଅଲ୍ ଇଣ୍ଡିଆ ଏନ୍‌ଆର୍ କଂଗ୍ରେସ (ଏଆଇଏନ୍‌ଆର୍‌ସି) ଓ ଭାଜପା ମଧ୍ୟରେ ମେଣ୍ଟ ହୋଇଥିଲା। ଅଲ୍ ଇଣ୍ଡିଆ ଏନ୍‌ଆର୍ କଂଗ୍ରେସ ୧୨ଟି ଆସନ ପାଇଥିବାବେଳେ ଭାଜପା ୪ଟି ଆସନ ଲାଭ କରିଛି। ପୂର୍ବ ନିର୍ବାଚନ ତୁଳନାରେ ଭାରତୀୟ ଜନତା ପାର୍ଟି ଏଠାରେ ୨ଟି ଆସନ ହରାଇଛି। ଏଆଇଏନ୍‌ଆର୍‌ସି ନେତୃତ୍ୱରେ ଏହି କେନ୍ଦ୍ରଶାସିତ ଅଞ୍ଚଳର ବିକାଶମୂଳକ କାର୍ଯ୍ୟ ଓ ସୁଶାସନ ସପକ୍ଷରେ ଜନାଦେଶ ପଡ଼ିଥିବା ମନେ ହେଉଛି।

# ବଙ୍ଗାଳ ପରେ ତାମିଲନାଡୁ : ଭାରତୀୟ ରାଜନୀତିର ନୂଆ ଯୁଦ୍ଧଭୂମି



ଲକି ସ୍ୱାଇଁ



ଭାରତୀୟ ରାଜନୀତି ଏବେ କେବଳ ସରକାର ଗଠନ କିମ୍ବା ସତ୍ତା ପରିବର୍ତ୍ତନର ଖେଳ ରହିନାହିଁ। ଆଜିର ନିର୍ବାଚନ ରାସ୍ତା, ବିଦ୍ୟୁତ୍, ପାଣି ଓ ଯୋଜନାକୁ ଅତିକ୍ରମ କରି ପରିଚୟ, ସଂସ୍କୃତି, ଭାଷା, ଆଞ୍ଚଳିକ ଗୌରବ ଏବଂ ରାଜନୈତିକ ଅସ୍ତିତ୍ୱର ମହାସଂଘର୍ଷରେ ପରିଣତ ହୋଇଯାଇଛି। ଏବଂ ଏହି ବଡ଼ ପରିବର୍ତ୍ତନର ସବୁଠୁ ଆକର୍ଷଣୀୟ ଉଦାହରଣ ଥିଲା ପଶ୍ଚିମବଙ୍ଗ। ଏବେ ତାମିଲନାଡୁ ମଧ୍ୟ ସେହିପରି ଏକ ଐତିହାସିକ ମୋଡ଼େର ଦୌଡୁଛି, ଯେଉଁଠାରେ ବଙ୍ଗାଳ ୨୦୧୧ ମସିହା ସମୟରେ ଥିଲା।

ବଙ୍ଗାଳ: 'ଉନ୍ନୟନ ଭୋଟ' ନୁହେଁ, 'ଅସ୍ତିତ୍ୱର ଭୋଟ'। ଏକ ସମୟରେ ବଙ୍ଗାଳର ସାଧାରଣ ଧାରଣା ଥିଲା "ଏଠାରେ ଭାଜପା କେବେ ମୂଳ ଗଡ଼ିପାରିବ ନାହିଁ।" କିନ୍ତୁ ଦଶକ ଭରି ଚାଲିଥିବା ସାଂସ୍କୃତିକ ଅନିରାପତ୍ତା, ସୀମା ତଡିପାର, ଜନସାଂଖ୍ୟିକ ଚିନ୍ତା ଏବଂ ହିନ୍ଦୁ ପରିଚୟ ରାଜନୀତି ଧୀରେ-ଧୀରେ ଏକ ନୂଆ ରାଜନୈତିକ ସଂଗଠନ ସୃଷ୍ଟି କଲା। ୨୦୨୧ ବିଧାନସଭା ନିର୍ବାଚନରେ ଭାଜପା ୭୭ଟି ଆସନ ଜିତି ମୁଖ୍ୟ ବିପକ୍ଷ ହୋଇଉଠିଲା।

ଏହା କେବଳ 'ଉନ୍ନୟନ ଭୋଟ' ନ ଥିଲା। ଅନେକ ଅଞ୍ଚଳରେ ଲୋକମାନେ ଏହାକୁ 'ଅସ୍ତିତ୍ୱର ଭୋଟ' ଭାବରେ ଦେଖିଥିଲେ।

ମାନେ ପ୍ରଶ୍ନ ଥିଲା: 'ଆମର ସାଂସ୍କୃତିକ ପରିଚୟ ସୁରକ୍ଷିତ ଅଛି କି ନାହିଁ ?' । ଏହି ରାଜନୈତିକ ମନୋବିଜ୍ଞାନ ହିଁ ବଙ୍ଗାଳର ରାଜନୀତିକୁ ପୂରା ବଦଳାଇଦେଲା। ତାମିଲନାଡୁରେ ଆରମ୍ଭ ହେଉଛି "ଦ୍ରାବିଡ଼ ପରବର୍ତ୍ତୀ ଯୁଗ" ?

ତାମିଲନାଡୁର ରାଜନୀତି ଦଶକ ଧରି ଦ୍ରାବିଡ଼ ଚିନ୍ତାଧାରା ଉପରେ ଭିତ୍ତିକରି ଚାଲିଆସୁଛି। ଡିଏମକେ ଓ ଏଆଇଏଡିଏମକେ ମିଶି ପ୍ରାୟ ୬୦ ବର୍ଷ ଧରି ରାଜ୍ୟର ସତ୍ତାକୁ ନିୟନ୍ତ୍ରଣ କରିଆସିଛନ୍ତି।

କିନ୍ତୁ ଏବେ ପ୍ରଥମଥର ପାଇଁ ଏହି ଏକଚାଟିଆ ପ୍ରଭାବ ଭାଙ୍ଗିବାର ସଙ୍କେତ ମିଳୁଛି। ଏଠାରେ ଲଢ଼ାଇ ହିନ୍ଦୁ ବନାମ ମୁସଲମାନ ବା ଖ୍ରୀଷ୍ଟିୟନର ସିଧାସଳଖ ରାଜନୀତି ନୁହେଁ।

ଏଠାରେ ଲଢ଼ାଇ ହେଉଛି: ଦ୍ରାବିଡ଼ ରାଜନୀତି ବନାମ ଦ୍ରାବିଡ଼ ପରବର୍ତ୍ତୀ ରାଜନୀତି। କଲ୍ୟାଣମୂଳକ ମଡେଲ୍ ବନାମ ଆକାଂକ୍ଷାମୂଳକ ଅର୍ଥନୀତି।

ଆଞ୍ଚଳିକ ଗୌରବ ବନାମ ଜାତୀୟ ଏକତା।

ପୁରୁଣା ରାଜନୈତିକ ଗଠନ ବନାମ ନୂଆ ପିଢ଼ୀର ରାଜନୈତିକ କଳ୍ପନା ଏବଂ ଏହି ଶୂନ୍ୟସ୍ଥାନ ଭିତରେ ସବୁଠୁ ବଡ଼ ନାମ ହେଲେ — ଯୋସେଫ ବିଜୟ ।

ବିଜୟ: ସିନେମାରୁ ସରକାର ପର୍ଯ୍ୟନ୍ତ

ତାମିଲ ସୁପରଷ୍ଟାର ବିଜୟଙ୍କର ରାଜନୀତିକ ପ୍ରବେଶକୁ ଆରମ୍ଭରେ ଅନେକ କେବଳ ଜଣେ ଅଭିନେତାଙ୍କ ପରୀକ୍ଷାମୂଳକ ପଦକ୍ଷେପ ଭାବିଥିଲେ।

କିନ୍ତୁ ୨୦୨୬ ତାମିଲନାଡୁ ନିର୍ବାଚନ ସେହି ଧାରଣାକୁ ଭାଙ୍ଗିଦେଲା।

ତାଙ୍କ ଦଳ ଟିଭିକେ ପ୍ରଥମ ନିର୍ବାଚନରେ ୧୦୮ଟି ଆସନ ଜିତି ସବୁଠୁ ବଡ଼ ଦଳ ଭାବେ ଉଭା ହୋଇଲା। ପରେ କଂଗ୍ରେସ, ବାମପନ୍ଥୀ ଦଳ ଓ ଅନ୍ୟାନ୍ୟ ଆଞ୍ଚଳିକ ସହଯୋଗୀଙ୍କ ସମର୍ଥନରେ ବିଜୟ ସରକାର ଗଠନର ସମୀକରଣକୁ ଛୁଇଁଲେ। କିନ୍ତୁ ତା'ପରେ ଯାହା ଘଟିଲା, ସେଥି ତାମିଲ ରାଜନୀତିର ପୁରୁଣା ସମୀକରଣକୁ ଭାଙ୍ଗିଦେଲା।

ଏଆଇଏଡିଏମକେ ଫାଟ : ତାମିଲ ରାଜନୀତିର "ଟର୍ଣ୍ଣିଂ ପଏଣ୍ଟ" ? ସମ୍ପ୍ରତି ଏଆଇଏଡିଏମକେ ଭିତରେ ବଡ଼ ଭାଙ୍ଗଣର ସଙ୍କେତ ଦେଖାଦେଇଛି।

ସି.ଭି. ଶଣ୍ମୁଗମ ଓ ଏସ୍.ପି. ୱେଲୁମାଣିଙ୍କ ନେତୃତ୍ୱରେ ପ୍ରାୟ ୩୦ରୁ ଅଧିକ ଏଆଇଏଡିଏମକେ ବିଧାୟକ ବିଜୟଙ୍କ ଟିଭିକେ ସରକାରକୁ ସମର୍ଥନ ଦେବାର ସଙ୍କେତ ଦେଇଛନ୍ତି। ଏହା କେବଳ ଜଣେ ଦଳର ଭିତରୁ ଦ୍ୱନ୍ଦ୍ୱ ନୁହେଁ।

ଏହା ସମ୍ଭବତଃ "ଜୟଲଲିତା ପରବର୍ତ୍ତୀ ଏଆଇଏଡିଏମକେ" ର ସବୁଠୁ ବଡ଼ ରାଜନୈତିକ ସଂକଟ।

ବର୍ଷକାଳ ଧରି ତାମିଲନାଡୁରେ ଡିଏମକେ ବନାମ ଏଆଇଏଡିଏମକେ ଦ୍ୱିମୁଖୀ ପ୍ରତିସ୍ପର୍ଦ୍ଧା ଥିଲା। କିନ୍ତୁ ଏବେ ପ୍ରଥମଥର ପାଇଁ ଏଆଇଏଡିଏମକେ ଭିତରେ ଏମିତି ଧାରଣା ବଢ଼ୁଛି:

"ଯଦି ରାଜନୀତିକ ଭବିଷ୍ୟତ୍ ବଞ୍ଚାଇବାକୁ ହେବ, ତେବେ ଟିଭିକେ ସହ ଯିବା ଛଡ଼ା ବିକଳ୍ପ ନାହିଁ।"

ଏହା ଦେଖାଉଛି ଯେ, ତାମିଲନାଡୁର ରାଜନୀତିକ କେନ୍ଦ୍ରବିନ୍ଦୁ ଧୀରେ-ଧୀରେ ଡିଏମକେ-ଏଆଇଏଡିଏମକେ ଠାରୁ ଟିଭିକେ ଦିଗକୁ ଅଗ୍ରସର ହେଉଛି ।

ଅନେକଙ୍କ ମତରେ, ଏହି ଘଟଣା ତାମିଲନାଡୁରେ "ଦ୍ରାବିଡ଼ ଦ୍ୱିଦଳୀୟ ଯୁଗ"ର ଶେଷର ଆରମ୍ଭ ହୋଇପାରେ।

କଂଗ୍ରେସ: ଚିନ୍ତାଧାରାଠାରୁ ଅଧିକ ଉଜ୍ଜୀବିତ ରହିବାର ଲଢ଼ାଇ ?

ଭାରତୀୟ ରାଜନୀତିରେ କଂଗ୍ରେସ ଏବେ ଏକ ଅଜଣା ପର୍ଯ୍ୟାୟ ଭିତରୁ ଯାଉଛି। ଦଳଟି ପ୍ରାୟ ପ୍ରତ୍ୟେକ ଆଞ୍ଚଳିକ ମୁହଁକୁ "ଜାତୀୟ ବିକଳ୍ପ" ଭାବେ ପ୍ରୋଜେକ୍ଟ କରିଆସୁଛି।
ଗତକାଲି ମମତା ବାନାର୍ଜୀ
ପରେ ନୀତିଶ କୁମାର
ଏବେ ବିଜୟ।

ଅନେକଙ୍କ ମତରେ କଂଗ୍ରେସର ସବୁଠୁ ବଡ଼ ଚ୍ୟାଲେଞ୍ଜ ଚିନ୍ତାଧାରା ନୁହେଁ; ଉଜ୍ଜୀବିତ ରହିବା।

ଦକ୍ଷିଣ ଭାରତରେ କଂଗ୍ରେସ ଏବେ ମିଳିତ ମୋର୍ଚ୍ଚା ଉପରେ ନିର୍ଭରଶୀଳ ଦଳ ହୋଇଯାଇଛି।

ଏବଂ ସେହି କାରଣରୁ ଦଳ ପ୍ରତ୍ୟେକ ନୂଆ ଆଞ୍ଚଳିକ ତାରକାଙ୍କୁ ଏକ କୌଶଳଗତ ନିବେଶ ଭାବେ ଦେଖୁଛି।

ଭାଜପାର "ଦୀର୍ଘମିଆଦି ଖେଳ": ନିର୍ବାଚନ ନୁହେଁ, ପରିବେଶ ତିଆରି ତାମିଲନାଡୁରେ ଭାଜପା ଏବେ ପର୍ଯ୍ୟନ୍ତ ବଡ଼ ନିର୍ବାଚନୀ ସଫଳତା ପାଇନାହିଁ। କିନ୍ତୁ ଦଳର ରଣନୀତି ଏବେ "ରାତିରେ ସତ୍ତା" ନୁହେଁ।

ଭାଜପା ବୁଝିସାରିଛି: ପ୍ରଥମେ ଦ୍ରାବିଡ଼ ଏକଚାଟିଆ ପ୍ରଭାବ ଭାଙ୍ଗିବ। ତାପରେ ମିଳିତ ରାଜନୀତି କମଜୋର ହେବ। ତାପରେ ପରିଚୟ ରାଜନୀତି ନୂଆ ରୂପରେ ଆସିବ। ତାପରେ ଭାଜପା ନିଜର ସ୍ଥାୟୀ ରାଜନୈତିକ ସ୍ଥାନ ସୃଷ୍ଟି କରିପାରିବ। ମାନେ ଭାଜପା ଏବେ ନିର୍ବାଚନ ନୁହେଁ। ରାଜନୈତିକ ପରିବେଶ ତିଆରି କରୁଛି। ଇଓଇଉଗକ ଭାଙ୍ଗଣ ଭାଜପା ପାଇଁ ମଧ୍ୟ ଏକ ନୂଆ ରାଜନୀତିକ ସୁଯୋଗ ଏବଂ ସମସ୍ୟା ଦୁହେଁ ସୃଷ୍ଟି କରିଛି, ଭାଜପା ଏହି ସମୟକୁ କିପରି ସୁଯୋଗରେ ପରିଣତ କରିବ, ତାହା ଦେଖିବାକୁ ବାକି ରହିଲା ନା ଭାଜପା ପାଇଁ ନୂଆ ଏକ ଚାଲେଞ୍ଜ ?

କାରଣ ଏବେ ପ୍ରଶ୍ନ ହେଉଛି — ତାମିଲନାଡୁରେ ଭାଜପା ନିଜେ ବିକଳ୍ପ ହେବ କି ନୂଆ ଗଠନର ସହଯୋଗୀ ହେବ ?

ଅନ୍ନାମାଲାଇଙ୍କୁ ନେଇ ବଢ଼ୁଛି ପ୍ରଶ୍ନ। ତାମିଲନାଡୁ ଭାଜପାରେ କେ. ଅନ୍ନାମାଲାଇ ଏକ ଆକ୍ରମକ ଏବଂ ମାଟିସହିତ ଜଡ଼ିତ ନେତା ଭାବେ ଉଭା ହୋଇଥିଲେ। କିନ୍ତୁ ଏବେ ପ୍ରଶ୍ନ ଉଠୁଛି: "ଯଦି ଭାଜପାକୁ ଶକ୍ତିଶାଳୀ ହେବାକୁ ଥିଲା, ତେବେ ଅନ୍ନାମାଲାଇଙ୍କୁ ପୂର୍ଣ୍ଣ ରୂପରେ ମାଟିର ରାଜନୀତି କରିବାକୁ କାହିଁକି ଦିଆଗଲା ନାହିଁ ?" ଅନେକଙ୍କ ମତ — ଅନ୍ନାମାଲାଇ ଭାଜପାର କାର୍ଯ୍ୟକର୍ତ୍ତା ଭିତ୍ତିକୁ ଦୃଢ଼ କରିଥିଲେ, କିନ୍ତୁ କେନ୍ଦ୍ରୀୟ ନେତୃତ୍ୱ ଏବେ ମଧ୍ୟ ତାମିଲନାଡୁ ରଣନୀତିକୁ ସତର୍କ ଭାବରେ ଦେଖୁଛନ୍ତି ।

ଦକ୍ଷିଣ ଭାରତ: ଭାରତର ସବୁଠୁ ବଡ଼ ରାଜନୈତିକ ପରୀକ୍ଷାଶାଳା। ଆଜି ଦକ୍ଷିଣ ଭାରତ ଭାରତୀୟ ରାଜନୀତିର ସବୁଠୁ ଅନିଶ୍ଚିତ ରାଜନୈତିକ କ୍ଷେତ୍ର ହୋଇଉଠିଛି। - ପଶ୍ଚିମ ବଙ୍ଗ ରେ ସାଂସ୍କୃତିକ ରାଜନୀତି ବିସ୍ଫୋରଣ ହୋଇଗଲା। ତାମିଲନାଡୁରେ ଦ୍ରାବିଡ଼ ପରବର୍ତ୍ତୀ ରାଜନୀତି ଆରମ୍ଭ ହେଉଛି। କେରଳରେ କଂଗ୍ରେସ ନେତୃତ୍ୱ ସଂକଟରେ ଅଛି। ତେଲେଙ୍ଗାନା ଓ କର୍ଣ୍ଣାଟକ ପରବର୍ତ୍ତୀ ରାଜନୈତିକ ପରୀକ୍ଷାଶାଳା ହୋଇପାରନ୍ତି । ଏଠାରେ ଜାତିଗତ ସମୀକରଣ, ସିନେମା ତାରକା, ଶିଳ୍ପ, ଭାଷା ରାଜନୀତି, ଜାତୀୟତାବାଦ ଏବଂ କଲ୍ୟାଣମୂଳକ ଅର୍ଥନୀତି — ସବୁକିଛି ଏକାସାଥିରେ ମିଶିଯାଇଛି।

ଆଗାମୀ ଯୁଦ୍ଧ: ଚାକିରି ବନାମ ରାଜନୀତି। ତାମିଲନାଡୁ ଆଜି ଭାରତର ସବୁଠୁ ଶିଳ୍ପୋନ୍ମୁଖ ରାଜ୍ୟମାନଙ୍କ ମଧ୍ୟରେ ଅଛି।

ଅଟୋମୋବାଇଲ୍, ଇଲେକ୍‌ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ଇଭି ଉତ୍ପାଦନ ଏବଂ ନବୀକରଣଶୀଳ ଉର୍ଜା କ୍ଷେତ୍ରରେ ଏହା ଦ୍ରୁତ ଗତିରେ ଆଗକୁ ବଢ଼ୁଛି।

ଯଦି ମୁଖ୍ୟମନ୍ତ୍ରୀ ବିଜୟ ବ୍ୟବହାରିକ ରାଜନୀତି କରନ୍ତି ଏବଂ କେନ୍ଦ୍ର ସହ ସହଯୋଗମୂଳକ ସମ୍ପର୍କ ରଖନ୍ତି, ତେବେ ଆସନ୍ତା ୧୦ ବର୍ଷରେ ତାମିଲନାଡୁ ଭାରତର ସବୁଠୁ ଶକ୍ତିଶାଳୀ ଶିଳ୍ପ ରାଜ୍ୟ ହୋଇପାରେ।

କିନ୍ତୁ ଯଦି ପୁଣି: - ଉତ୍ତର ବନାମ ଦକ୍ଷିଣ। - ହିନ୍ଦୀ ବନାମ ତାମିଲ। - କେନ୍ଦ୍ର ବନାମ ରାଜ୍ୟ। - ମାଗଣା ଯୋଜନା ବନାମ ଅର୍ଥନୀତି

ଭଳି ଧାରଣାରେ ରାଜନୀତି ଅଟକିଯାଏ, ତେବେ ନିବେଶ ପରିବେଶ ପ୍ରଭାବିତ ହେବାର ଆଶଙ୍କା ରହିଛି।

କାରଣ ଇତିହାସ ଦେଖାଇଛି — ଅନେକ ସମୟରେ ରାଜନୀତି ଜିତେଟ୍ଟ କିନ୍ତୁ ଚାକିରି ହାରିଯାଏ। ନିଷ୍କର୍ଷ: ଆସନ୍ତା ୧୦ ବର୍ଷ କାହିଁକି ହେବ ସବୁଠୁ ଅନିଶ୍ଚିତ ? ଭାରତୀୟ ରାଜନୀତି ଏବେ ଆଉ ସରଳ ରହିନାହିଁ।

ପ୍ରତ୍ୟେକ ରାଜ୍ୟ ଏବେ ନିଜର: - ସଭ୍ୟତାର କାହାଣୀ। - ପରିଚୟ ନେଇ ଚିନ୍ତା। - ସାଂସ୍କୃତିକ ସ୍ମୃତି। - ଆର୍ଥିକ ଆକାଂକ୍ଷା। - ଏବଂ ଶକ୍ତିର ଗଠନ। ସହିତ ଭିନ୍ନ ଦିଗକୁ ଗତି କରୁଛି। ଏବଂ ସମ୍ଭବତଃ ଏହି କାରଣରୁ ଆସନ୍ତା ୫-୧୦ ବର୍ଷ ଭାରତୀୟ ରାଜନୀତିର ସବୁଠୁ ଅନିଶ୍ଚିତ ଦଶକ ହେବାକୁ ଯାଉଛି। କାରଣ ଏବେ ଲଢ଼ାଇ କେବଳ କିଏ ସରକାର ଗଠନ କରିବ ସେଥିରେ ନୁହେଁ।

ଲଢ଼ାଇ ହେଉଛି — କିଏ ଭାରତର ପରବର୍ତ୍ତୀ ରାଜନୈତିକ କାହାଣୀ ଲେଖିବ।

**ରାଜନୈତିକ ସମୀକ୍ଷକ**
**ଭୁବନେଶ୍ୱର**

# ଗୋମାତାଙ୍କ ସୁରକ୍ଷା କେବଳ ଭାଷଣରେ ନୁହେଁ, କାର୍ଯ୍ୟକାରୀ ହେବା ଉଚିତ



ଶାନ୍ତନୁ ଶତପଥୀ



ଗୋମାତାଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ଭାରତ ସରକାର ଏବଂ ଓଡ଼ିଶା ସରକାର ଅନେକ ଆଇନଗତ ଅଧିକାର, ଯୋଜନା ଓ ପ୍ରୋତ୍ସାହନ ବ୍ୟବସ୍ଥା କରିଛନ୍ତି। ଏହା ସହିତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ନିଜର ଦାବି ଏବଂ ସେବା ମାଧ୍ୟମରେ କାର୍ଯ୍ୟ କରୁଛନ୍ତି। ଓଡ଼ିଶା ଗୋହତ୍ୟା ନିବାରଣ ଆଇନ, ୧୯୬୦ ଅନୁଯାୟୀ ରାଜ୍ୟରେ ଗୋହତ୍ୟା ସମ୍ପୂର୍ଣ୍ଣ ରୂପେ ନିଷେଧ। ସରକାର ଏହି ଆଇନକୁ ଆହୁରି କଡ଼ାକଡ଼ି କରିବା ସହ ବେଆଇନ ଚାଲାଣ ରୋକିବା ପାଇଁ ନୂତନ ସଂଶୋଧନ ବ୍ୟବସ୍ଥା ଉପରେ କାର୍ଯ୍ୟ କରୁଛନ୍ତି।

ଭାରତୀୟ ସମ୍ବିଧାନର ଧାରା ୪୮ ଅନୁଯାୟୀ, ଗୋବଂଶର ସୁରକ୍ଷା, ସଂରକ୍ଷଣ ଓ ପ୍ରଜନନର ଉନ୍ନତି ପାଇଁ ରାଷ୍ଟ୍ର ପଦକ୍ଷେପ ନେବ।ଜୀବଜନ୍ତୁ କ୍ରୁରତା, ପଶୁମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ରୋକିବା ପାଇଁ ପଶୁମାନଙ୍କ 'ପ୍ରତି ନିଷ୍ଠୁରତା ନିବାରଣ ଆଇନ' ଅଧୀନରେ ଆଇନଗତ ସୁରକ୍ଷା ପ୍ରଦାନ କରାଯାଇଛି। ଓଡ଼ିଶା ସରକାର ଗୋମାତା ଯୋଜନା ମାଧ୍ୟମରେ ପ୍ରାୟ ୩୪୨.୬୫ କୋଟିର ବଜେଟ୍ ସହ ଗୋପାଳକମାନଙ୍କ ଦ୍ୱାରଦେଶରେ ମାଗଣା ଚିକିତ୍ସା, ଟୀକାକରଣ ଏବଂ ରୋଗ ନିୟନ୍ତ୍ରଣ ସେବା ଯୋଗାଇ ଦେଉଛନ୍ତି। ରାଜ୍ୟରେ ବୁଲା ଗୋରୁଙ୍କ ସୁରକ୍ଷା ପାଇଁ ୨୦୦ରୁ ଅଧିକ ନୂଆ ଗୋଶାଳା ନିର୍ମାଣ ଯୋଜନା ରହିଛି। ଏଥିପାଇଁ ସରକାର ୯୦% ପର୍ଯ୍ୟନ୍ତ ସବସିଡି (ସର୍ବାଧିକ ୨୦ ଲକ୍ଷ ପର୍ଯ୍ୟନ୍ତ କ୍ୟାପିଟାଲ୍ ଗ୍ରାଣ୍ଟ) ପ୍ରଦାନ କରୁଛନ୍ତି। ଗୋଶାଳାରେ ଥିବା ଗୋରୁଙ୍କ ରକ୍ଷଣବେକ୍ଷଣ ପାଇଁ ସରକାର ଦୈନିକ ପିଛା ୫୪ ଟଙ୍କାର ଆହାର ସବସିଡି ଯୋଗାଉଛନ୍ତି। କେନ୍ଦ୍ର ସରକାରଙ୍କ ଏହି ମିଶନ ଅଧୀନରେ ଦେଶୀ ଗୋବଂଶର ପ୍ରଜନନ ବୃଦ୍ଧି ଏବଂ ସଂରକ୍ଷଣ ପାଇଁ ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି।

ଗୋରୁମାନଙ୍କ ଅକାଳ ମୃତ୍ୟୁ ଜନିତ କ୍ଷତିରୁ ଗୋପାଳକଙ୍କୁ ସୁରକ୍ଷା ଦେବା ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧୀନରେ ବୀମା ସୁବିଧା ପ୍ରଦାନ କରାଯାଉଛି। ଆବେଦନ ପ୍ରକ୍ରିୟାକୁ ସହଜ କରିବା ପାଇଁ ଗୋ ସୁଗୋମ ପୋର୍ଟାଲ କାର୍ଯ୍ୟ କରୁଛି।

ଓଡ଼ିଶା ଗୋସେବା ସମିତି ଭଳି ବିଭିନ୍ନ ସଂଗଠନ ରାଜ୍ୟର ସୀମାନ୍ତ ଅଞ୍ଚଳ ଦେଇ ହେଉଥିବା ବେଆଇନ ଗୋଚାଲାଣକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ଏବଂ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଆସୁଛନ୍ତି। ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ବା ପରିତ୍ୟକ୍ତ ଗୋରୁମାନଙ୍କୁ ଉଦ୍ଧାର କରି ସେମାନଙ୍କୁ ଚିକିତ୍ସା, ଜଳ ଓ ପୁଷ୍ଟିକର ଖାଦ୍ୟ ଯୋଗାଇବା ଦିଗରେ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି।

ଗୋମୁତ୍ର ଓ ଗୋବର ବ୍ୟବହାର କରି ବିଷମୁକ୍ତ ଜୈବିକ କୃଷି ପ୍ରଣାଳୀ ଆପଣାଇବା ପାଇଁ ଏହି ସଂଗଠନଗୁଡ଼ିକ ଚାଷୀମାନଙ୍କୁ ସଚେତନ କରୁଛନ୍ତି। ଜର୍ସି ବା ହାଇବ୍ରିଡ୍ ବଦଳରେ ସ୍ଥାନୀୟ କିସମର ଦେଶୀ ଗାଇ (ଏ-୨ କ୍ଷୀର ପ୍ରଦାନକାରୀ) ପାଳନକୁ ପ୍ରୋତ୍ସାହିତ କରିବା ପାଇଁ ସଂଗଠନଗୁଡ଼ିକ ସରକାରଙ୍କ ନିକଟରେ ସ୍ୱତନ୍ତ୍ର ସହାୟତା ଦାବି କରୁଛନ୍ତି। ଗୋମାତାଙ୍କ ସୁରକ୍ଷା, ସଂରକ୍ଷଣ ଏବଂ ସେମାନଙ୍କ ଅଧିକାର ପାଇଁ ବିଭିନ୍ନ ଗୋସେବା ସମିତି, ଧାର୍ମିକ ଅନୁଷ୍ଠାନ ଏବଂ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସରକାରଙ୍କ ନିକଟରେ ଦୀର୍ଘ ଦିନରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନ କରାଯାଇଛି। ସେଗୁଡ଼ିକ ମଧ୍ୟରେ ଗୋମାତାଙ୍କୁ 'ରାଷ୍ଟ୍ରମାତା' ଘୋଷଣା ଦାବି , ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଗୋମାତାଙ୍କ ପବିତ୍ରତାକୁ ଦୃଷ୍ଟିରେ ରଖି ସେମାନଙ୍କୁ ଦେଶର 'ରାଷ୍ଟ୍ରମାତା' ଘୋଷଣା କରିବାକୁ ସଂଗଠନଗୁଡ଼ିକ ଦାବି କରୁଛନ୍ତି।

ସମଗ୍ର ଭାରତ ବର୍ଷରେ ଗୋହତ୍ୟାକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରିବା ପାଇଁ ଏକ କଡ଼ା କେନ୍ଦ୍ରୀୟ ଆଇନ ପ୍ରଣୟନ କରିବାକୁ ଦାବି ହେଉଛି। ଓଡ଼ିଶାର ସୀମାନ୍ତ ଅଞ୍ଚଳ (ଯେପରିକି ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ସୀମା) ଦେଇ ହେଉଥିବା ବେଆଇନ ଗୋଚାଲାଣକୁ ରୋକିବା ପାଇଁ ସୀମାରେ ସ୍ୱତନ୍ତ୍ର ପୋଲିସ ଚେକ୍‌ପୋଷ୍ଟ ନିର୍ମାଣ ଦାବି କରାଯାଉଛି।

ଗୋ-ତସ୍କରୀ କିମ୍ବା ଗୋହତ୍ୟା ମାମଲାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଜାମିନବିହୀନ ଧାରା ଲଗାଇବା ସହ ସେମାନଙ୍କ ସମ୍ପତ୍ତି ବ୍ୟାଜ୍ୟାପ୍ତି କରିବାକୁ ଦାବି କରାଯାଉଛି।

ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଥିବା ସରକାରୀ ଗୋଚର ଜମିଗୁଡ଼ିକୁ ଚିହ୍ନଟ କରି ଜବରଦଖଲ ମୁକ୍ତ କରାଯାଉ। ସେହି ଜମିଗୁଡ଼ିକରେ କେବଳ ଗୋରୁଙ୍କ ପାଇଁ ଘାସ ଚାଷ କରାଯାଉ, ଯେପରି ସେମାନେ ଖାଦ୍ୟ ଅଭାବରୁ ପ୍ଲାଷ୍ଟିକ ବା ଆବର୍ଜନା ନଖାଆନ୍ତି।

କେବଳ ସହର ନୁହେଁ, ପ୍ରତି ବ୍ଲକ୍ ଏବଂ ବଡ଼ ପଞ୍ଚାୟତ ସ୍ତରରେ ସରକାରୀ ସହାୟତାରେ ଅତ୍ୟାଧୁନିକ ଗୋଶାଳା ନିର୍ମାଣ ହେଉ। ଜାତୀୟ ରାଜପଥ ଏବଂ ରାସ୍ତାଘାଟରେ ବୁଲୁଥିବା ଅସହାୟ, ବୃଦ୍ଧ ଓ ରୋଗାକ୍ରାନ୍ତ ଗୋରୁଙ୍କୁ ଉଦ୍ଧାର କରି ସେଠାରେ ରଖାଯାଉ। ବର୍ତ୍ତମାନ ମିଳୁଥିବା ଗୋ-ଆହାର ସବସିଡି (ଦୈନିକ ପିଛା ୫୪) ବହୁତ କମ୍ ଥିବାରୁ, ଏହାକୁ ଅତିକମରେ ୧୦୦ କୁ ବୃଦ୍ଧି କରିବାକୁ ଗୋଶାଳା ପରିଚାଳନା କମିଟିଗୁଡ଼ିକ ଦାବି କରୁଛନ୍ତି।

ବୃଦ୍ଧ କିମ୍ବା ଅଣ-ଦୁଗ୍ଧପ୍ରଦାୟୀ ଗୋରୁଙ୍କୁ ଗୋପାଳକମାନେ ଯେପରି ରାସ୍ତାରେ ନଛାଡ଼ନ୍ତି, ସେଥିପାଇଁ ସେମାନଙ୍କ ରକ୍ଷଣବେକ୍ଷଣ ନିମନ୍ତେ କୃଷକମାନଙ୍କୁ ସ୍ୱତନ୍ତ୍ର ପାଣ୍ଠି ଯୋଗାଇ ଦିଆଯାଉ। ଭାରତୀୟ ନସଲର ଦେଶୀ ଗାଇଙ୍କ (ଯେପରିକି ବିଞ୍ଝାରପୁରୀ, ଖରିଆର, ଗିର, ସାହିୱାଲ) ପ୍ରଜନନ ବୃଦ୍ଧି ପାଇଁ ସରକାର ଗବେଷଣାଗାର ଓ ମାଗଣା ପ୍ରଜନନ କେନ୍ଦ୍ର ଖୋଲନ୍ତୁ। ଗୋବର ଓ ଗୋମୂତ୍ରରୁ ଜୈବିକ ସାର ତଥା କୀଟନାଶକ ପ୍ରସ୍ତୁତ କରୁଥିବା ଉଦ୍ୟୋଗୀ ଏବଂ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ସବସିଡି ବ୍ୟବସ୍ଥା ହେଉ। ରାସ୍ତାରେ ଆହତ ହେଉଥିବା ଗୋରୁଙ୍କ ତୁରନ୍ତ ଚିକିତ୍ସା ପାଇଁ ପ୍ରତି ଜିଲ୍ଲାରେ ୨୪୭ କାର୍ଯ୍ୟକ୍ଷମ 'ଗୋ-ବଂଶ ଆମ୍ବୁଲାନ୍ସ' ସଂଖ୍ୟା ବଢ଼ାଯାଉ।

ଗୋ ସୁରକ୍ଷା କଥା କହୁଥିବା ସରକାର ଗୋମାତାଙ୍କ ରକ୍ଷା ପାଇଁ ପ୍ରକୃତ ଅର୍ଥରେ ପ୍ରତିଶ୍ରୁତିବଦ୍ଧ ହେବା ଆବଶ୍ୟକ। ୨୦୨୪ ରେ ଚୋକଡ଼ର ମୂଲ୍ୟ ୧୨୦୦ ଥିବା ବେଳେ ଆଜି ତାହା ୧୫୫୦ କୁ ପହଞ୍ଚିଛି। ସହର ଅଞ୍ଚଳରେ ଘାସର ଅଭାବ ଥିବା ସହ ଗୋମାତାଙ୍କ ଖାଦ୍ୟ ପାଇଁ ଘାସ ଚାଷ ମଧ୍ୟ ପ୍ରାୟ ନାହିଁ। ସହରରେ ରହୁଥିବା ଗୋପାଳକ କିମ୍ବା ଡାଏରି ପ୍ରଡକ୍ଟସ ବିକ୍ରି କରୁଥିବା ବ୍ୟବସାୟୀମାନେ କ୍ଷୀର ବିକ୍ରିରୁ ଯେତେକି ଆୟ କରୁଛନ୍ତି, ସେଥିରେ ଫାର୍ମ ଚଲାଇବା ବହୁତ କଷ୍ଟସାଧ ହୋଇପଡ଼ିଛି। ଏହାର ପରିଣାମରେ ଲୋକମାନେ ଧୀରେ ଧୀରେ ଉକ୍ଟଙ୍ଗ ରବକ୍ସଙ୍କସଭଶ ରୁ ବିମୁଖ ହେବା ଆରମ୍ଭ କରିଛନ୍ତି।

ସରକାର ଏହି ଗୁରୁତର ସମସ୍ୟା ପ୍ରତି ବିଶେଷ ଧ୍ୟାନ ଦେଇ — ଗୋଖାଦ୍ୟରେ ସବସିଡି, ଘାସ ଚାଷ ପ୍ରୋତ୍ସାହନ, ଛୋଟ ଡେରି ଫାର୍ମ ପାଇଁ ଆର୍ଥିକ ସହାୟତା, ଓ ଗୋପାଳକଙ୍କ ପାଇଁ ସୁରକ୍ଷା ଯୋଜନା । ତୁରନ୍ତ କାର୍ଯ୍ୟକାରୀ କରିବା ଦରକାର। ଗୋମାତାଙ୍କ ସୁରକ୍ଷା କେବଳ ଭାଷଣରେ ନୁହେଁ, ବରଂ ପ୍ରାୟୋଗିକ ପଦକ୍ଷେପରେ ଦେଖିବାକୁ ମିଳିବା ଉଚିତ।

**ଯୁବ ସମାଜସେବୀ**
**ଭୁବନେଶ୍ୱର**

# ନରସଂହାର କରୁଛନ୍ତି : ବଂଶ ବୁଡ଼େଇ ଦେବେ ହାତୀ !

ଅନୁଗୁଳ, ୧୬/୦୫ (ବିଜୟ କୁମାର ସ୍ୱାଇଁ) : ନରସଂହାର ରେ ମାତିଛନ୍ତି ଜଙ୍ଗଲି ହାତୀ । ଘର ଭିତରେ ପଶି ଲୋକଙ୍କୁ ମାରୁଛନ୍ତି । ରକ୍ତ ମୁଖା ହୋଇ ପଡିଛନ୍ତି ଜଙ୍ଗଲୀ ହାତୀ । ନିର୍ବିଘ୍ନ ରେ ଜନ ବସତି ଭିତରେ ପଶି ଆତଙ୍କ ଖେଳାଉଛନ୍ତି । ସହର ବଜାର ଠାରୁ ଗାଁ ସବୁଠି ହାତୀ ମାନଙ୍କ ପାଇଁ ଭୟର ବାତାବରଣ ସୃଷ୍ଟି ହୋଇଛି । ରାସ୍ତା ଉପରେ ନିର୍ଦ୍ୱନ୍ଦରେ ବୁଲୁଥିବା ହାରୀ ସମ୍ମୁଖରେ ପଡୁଥିବା ବ୍ୟକ୍ତିଙ୍କୁ ନିସ୍ତାର ନାହିଁ । ଏମିତିକି ଘରେ ଶୋଇଥିବା ବ୍ୟକ୍ତି କୁ ମଧ୍ୟ ହାତୀ ଛାଡୁ ନାହିଁ । ଶୁକ୍ରବାର ତା ୧୬/୦୪ରିଖରେ ଅନୁଗୁଳ ବନଖଣ୍ଡର ବନ୍ତଲା ବନାଂଚଳ ଅନ୍ତର୍ଗତ ତଳମୁଳ ଗ୍ରାମର ଆର୍ତ ଭୋଇ ଘରେ ଶୋଇଥିବା ଅବସ୍ଥାରେ ଜଙ୍ଗଲି ହାତୀ ଘର ଭିତରକୁ ପଶି ଥିଲା । ଫଳରେ ଘରର କାନ୍ଥ ଭାଙ୍ଗିବା ସହ ଘରେ ଶୋଇଥିବା ଆର୍ତ ଭୋଇର ଜୀବନ ନେଇଗଲା । ଏହି ଘଟଣାର ପୁର୍ବଦିନ ଅର୍ଥାତ ଗୁରୁବାର ସକାଳେ ଅନୁଗୁଳ ବନାଂଚଳ ଅନ୍ତର୍ଗତ କରତପଟା ସେକସନର କୁସୁମପାଟ ଠାରେ ପ୍ରମିଳା ସାହୁ ନାମକ ଜଣେ ମହିଳା ଙ୍କୁ ତାଙ୍କ ଘର ନିକଟରେ ହାତୀ ଆକ୍ରମଣ କରିଥିଲା ଫଳରେ ମହିଳା ଜଣଙ୍କ ମୃତ୍ୟୁ ହୋଇଛି । ଘଟଣା ଘଟିବା ସମୟରେ ହାତୀର ଗତିବିଧି ଉପରେ ନଜର ରଖିଥିବା ବନ କର୍ମଚାରୀ ମାନେ ଘଟଣା ସ୍ଥଳ ନିକଟରେ ଉପସ୍ଥିତ ଥିଲେ ମଧ୍ୟ ହାତୀର କରାଳ ରୁପ ପାଖରେ ହାର ମାନିଥିଲେ । ଏହି ଅଘଟଣର ପ୍ରାୟ ଆଠ ବର୍ଷ ପୁର୍ବରୁ ମୃତ ମହିଳା ଙ୍କ ଦେଢଶୁର ଗୋପ ସାହୁଙ୍କୁ ମଧ୍ୟ ହାତୀ ଆକ୍ରମଣ କରି ମାରି ଦେଇଛି । ଅନୁଗୁଳ ବନଖଣ୍ଡର ସର୍ବାଧିକ ହାତୀ ପ୍ରବଣ ବନ୍ତଲା ଓ କରତପଟା ଅଂଚଳରେ ହାତୀ ଦ୍ୱାରା ମୃତ୍ୟୁ ସଂଖ୍ୟା ଅଧିକ ଅଟେ । ବନଖଣ୍ଡ ଅନ୍ତର୍ଗତ ଛେଣ୍ଡିପଦା ଓ କଣିହାଁ ବନାଂଚଳରେ ଚଳିତ ବେର୍ଷର ଏ ପର୍ଯ୍ୟନ୍ତ ହାତୀ ଆକ୍ରମଣ ଜନୀତ ଅଘଟଣା ଦେଖିବାକୁ ମିଳିନାହିଁ । ପ୍ରାପ୍ତ ସୁଚନା ମୁତାବକ ଚଳିତ ବର୍ଷ ଜାନୁୟାରି ମାସରୁ ଏ ପର୍ଯ୍ୟନ୍ତ ଅନୁଗୁଳ ବନଖଣ୍ଡ ରେ ପ୍ରାୟ ଆଠ ଜଣଙ୍କ ପ୍ରାଣ ହାନୀ ହୋଇଛି । ସେଥି ମଧ୍ୟରୁ କରତପଟା ସେକସନ ଅଧିନରେ ମୋଟ ଚାରି ଜଣଙ୍କୁ ହାତୀ ଆକ୍ରମଣ କରି ମାରି ଥିବା ବେଳେ ବନ୍ତଲା ବନାଂଚଳରେ ମଧ୍ୟ ସେହି ସମାନ ସଂଖ୍ୟକ ବ୍ୟକ୍ତି ହାତୀ ଆକ୍ରମଣରେ ପ୍ରାଣ ହାରିଛନ୍ତି । ଉଲ୍ଲେଖନୀୟ ବିଷୟ ହେଲା ଗତ ତା ୯/ ୪ ରିଖରେ ବନ୍ତଲା ବନାଂଚଳର ପୋକୁତୁଙ୍ଗା ନିକଟରେ ହାତୀ ଅକ୍ରମଣ କରି ଜଣେ ମହିଳା ଓ ତାଙ୍କ ଶିଶୁ କନ୍ୟା କୁ ମାରି ଦେଇଥିଲା । ଘଟଣାର ଦୁଇ ସପ୍ତାହ ମଧ୍ୟରେ ଉକ୍ତ ମହିଳା ଙ୍କ କକା କୁ ଉକ୍ତ ବନାଂଚଳ ର ପୋକୁଣ୍ଡା ସେକସନ ଅଧିନ ଗଦେଇମୁଣ୍ଡା ଅଂଚଳରେ ମାରି ଦେଇଛି । ହାତୀର ଏପ୍ରକାର ନରସଂହାରରେ ଅନେକ ପରିବାର ଜନଶୁନ୍ୟ ହେବାର ଆଶଙ୍କା ଦେଖା ଦେଇଛି । ହାତୀ ଅକ୍ରମଣର ଶୀକାର ହେଉଥିବା ଅଧିକାଂଶ ବ୍ୟକ୍ତି ଜନଜାତିର ଅଟନ୍ତି । ଜଙ୍ଗଲି ହାତୀ ମାନଙ୍କ ନିକଟରୁ ସାଧାରଣ ଜନତା ଙ୍କୁ ସୁରକ୍ଷା ଦେବାକୁ ଅନେକ ବ୍ୟବସ୍ଥା ରହିଛି । ମାତ୍ର ସେସବୁ କୌଣସି କାରଣରୁ ଫେଲ ମାରିବା ପଛର କାରଣ ସରକାର ମାନିବାକୁ ପ୍ରସ୍ତୁତ ନୁହନ୍ତି । ହାତୀ ଗତିବିଧି ଉପରେ ନଜର ରଖୁଥିବା ଗଜ ବନ୍ଧୁ, ସ୍କ୍ୱାର୍ଡ ର ଅନେକ କର୍ମଚାରୀ ବନବିଭାଗର ଉପରିସ୍ଥ ଅଧିକାରୀଙ୍କ ଘରେ କାର୍ଯ୍ୟରତ ଅଛନ୍ତି । ଜଣେ ଜଣେ ଅଧିକାରୀଙ୍କ ଘରେ ଅଧା ଡଜନ କର୍ମଚାରୀ ନିଯୁକ୍ତ ଫଳରେ ତାଙ୍କ ସ୍ଥାନରେ କାର୍ଯ୍ୟ ବାଧାପ୍ରାପ୍ତ ହେବା ସ୍ୱାଭାବିକ । କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ନୁଆ ନୁଆ ଯୋଜନା ପ୍ରଣୟନ ପଛର ମୁଖ୍ୟ ଉଦ୍ଦେଶ୍ୟ ବାବୁ ମାନଙ୍କ ପକେଟ ଗରମ ପାଇଁ ଉପାୟ ଚିନ୍ତା କରାଯାଉଛି । କୋଟି କୋଟି ଟଙ୍କାର ଘର ତିଆରି କରିବା ଏବଂ ସେସବୁକୁ ନିଜ ବନ୍ଧୁ ପ୍ରିୟଜନ ଙ୍କ ମାଧ୍ୟମରେ କରିବା ପଛରେ ଅଧିକାରୀ ମାନଙ୍କ ସୁଚନ୍ତିତ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଶହ ଶହ କୋଟିର ଯୋଜନା ମଧ୍ୟରେ ସାଧାରଣ ଜନତା ଙ୍କ ଜୀବନର ସୁରକ୍ଷା ପାଇଁ କେହି ଚିନ୍ତିତ ନୁହନ୍ତି । ଘଟଣା ଘଟିଲେ କ୍ଷତି ପୁରଣ ରାଶି ଦେଇ ପିଡୀତଙ୍କ ପରିବାର ମାନଙ୍କୁ ସାନ୍ତ୍ୱନା ଦେଇ ଦେଲେ କାମ ଶେଷ । ପରିସ୍ଥିତି ଏମିତିହୋଇଛି ଯେ କ୍ଷତିପୁରଣ ରାଶି ମଧ୍ୟ ମିଳିବା ପାଇଁ ସମୟ ଗଡୁଛି । ସର୍ବାଧିକ ହାତୀ ପ୍ରବଣ ବନ୍ତଲା ଓ କରତପଟା ଅଂଚଳରେ ଅଂଚଳବାସୀଙ୍କୁ ସାମିଲ କରାଯାଇ ହାତୀ ଗତାୟତ ସ୍ଥାନରେ ସୋଲାର ବାଡ ନିର୍ମାଣ ପାଇଁ ଦାବୀ ହେଉଛି । ସୁରକ୍ଷା ପାଇଁ ନିୟୋଜୀତ କର୍ମଚାରୀଙ୍କ ସଂଖ୍ୟା ବଢାଯିବା ସହିତ ହାତୀ ଗତିବିଧି ଉପରେ ନଜର ରଖିବା ପାଇଁ ଅଧିକ ସଂଖ୍ୟକ ଗାଡି ମଧ୍ୟ ନିୟୋଜୀତ କରାଯିବା ଉପରେ ବିଭାଗ ଗୁରୁତ୍ୱ ଦେବାରେ ଅଣଦେଖା କଲେ ଅନେକ ପରିବାରର ବଂଶ ବୁଡିଯିବ ।



# ଖୁବଶୀଘ୍ର ଚାଲିବ ପୁରୀ-କୋରାପୁଟ ଏକ୍ସପ୍ରେସ

ଭୁବନେଶ୍ୱର, ୧୬/୦୫ (ଜେଏନଏସ) : ପୁରୀରୁ କୋରାପୁଟକୁ ଖୁବ୍ ଶୀଘ୍ର ଚାଲିବ ଏକ ନୂଆ ଏକ୍ସପ୍ରେସ୍ ଟ୍ରେନ। କେନ୍ଦ୍ର ରେଳ ମନ୍ତ୍ରଣାଳୟ ଏହାକୁ ଅନୁମୋଦନ ଦେଇଛନ୍ତି। ଏହି ନୂତନ ଟ୍ରେନ ଚଳାଚଳ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଦେଇଛନ୍ତି। ପୁରୀରୁ କୋରାପୁଟକୁ ଖୁବ୍ ଶୀଘ୍ର ଚାଲିବ ଏକ ନୂଆ ଏକ୍ସପ୍ରେସ୍ ଟ୍ରେନ। କେନ୍ଦ୍ର ରେଳ ମନ୍ତ୍ରଣାଳୟ ଏହାକୁ ଅନୁମୋଦନ ଦେଇଛନ୍ତି। ଏହି ନୂତନ ଟ୍ରେନ



ଚଳାଚଳ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଟ୍ରେନଟି ପୁରୀରୁ ସମ୍ବଲପୁର ଦେଇ କୋରାପୁଟ ଯିବ। ଏହି ନୂଆ ଟ୍ରେନ ଯୋଗୁଁ ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ରେଳ ଯୋଗାଯୋଗ ବ୍ୟବସ୍ଥା ଆହୁରି ସୁଦୃଢ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଏକ୍ସପ୍ରେସ ଚାଲିଲେ କୋରାପୁଟ ଓ ସମ୍ବଲପୁର ଅଞ୍ଚଳରୁ ପୁରୀକୁ ଅଧିକ ତୀର୍ଥଯାତ୍ରୀ ମଧ୍ୟ ଆସିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଟ୍ରେନ ସପ୍ତାହକୁ ତିନି ଥର ଚାଲିବ। ଟ୍ରେନ ନମ୍ବର ୧୮୪୦୭ ପୁରୀରୁ ସୋମବାର, ଗୁରୁବାର ଓ ଶନିବାର ଏବଂ ଟ୍ରେନ ନମ୍ବର ୧୮୪୦୮ କୋରାପୁଟରୁ ମଙ୍ଗଳବାର, ଶୁକ୍ରବାର ଓ ରବିବାର ଦିନ ବାହାରିବ। ଏହି ଟ୍ରେନରେ ୧୯ଟି ଷ୍ଟପେଜ୍ ରହିବ। ଏହି ଷ୍ଟପେଜ୍ ଗୁଡିକ ହେଲା- ଖୋର୍ଦ୍ଧା ରୋଡ, ଭୁବନେଶ୍ୱର, ନରାଜ-ମାର୍ଥାପୁର, ଢେଙ୍କାନାଳ, ତାଳଚେର ରୋଡ୍, ଅନୁଗୋଳ, ବଇଣ୍ଡା, ରେଢାଖୋଲ, ସମ୍ବଲପୁର, ବରଗଡ ରୋଡ୍, ବଲାଙ୍ଗିର, ଟିଟିଲାଗଡ, କେସିଙ୍ଗା, ମୁନିଗୁଡା, ରାୟଗଡା, ଟିକିରି, ଲକ୍ଷ୍ମୀପୁର ରୋଡ୍, କାକିକିରିଗୁମା ଓ ଦାମନଯୋଡି।

# ଲିକ ପ୍ରଶ୍ନପତ୍ର ଦେଇ ଯୌନ ଭୋକ ମେଣ୍ଟାଇବାକୁ ଚାହୁଁଥିବା ଅଧ୍ୟାପକ ଗିରଫ

ନୂଆଦିଲ୍ଲୀ, ୧୬/୦୫ : ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପରମଜିତ ସିଂହ। ବିଶ୍ୱ ବିଦ୍ୟାଳୟର ଜୁଲୋଜି ବିଭାଗରେ ସେ ସହାୟକ ପ୍ରଫେସର ଭାବେ କାମ କରନ୍ତି। ସୋଶିଆଲ ମିଡିଆରେ ତାଙ୍କ ଯୌନ ଭୋକର ଅଡିଓ ରେକର୍ଡିଂ ଭାଇରାଲ ହେବା ପରେ ପୋଲିସ୍ ତାଙ୍କୁ ଗିରଫ କରିଛି। ବିଶ୍ୱ ବିଦ୍ୟାଳୟର ପରୀକ୍ଷା ପୂର୍ବରୁ ଲିକ ପ୍ରଶ୍ନପତ୍ର ବଦଳରେ ନିଜର ଯୌନ ଭୋକ ମେଣ୍ଟାଇବାକୁ ଚାହୁଁଥିଲେ ଜଣେ ଅଧ୍ୟାପକ। ସେ ଜଣେ ଛାତ୍ରୀଙ୍କୁ ଲିକ ପ୍ରଶ୍ନପତ୍ର ବଦଳରେ ଯୌନ ସମ୍ପର୍କ ରଖିବାକୁ ପ୍ରସ୍ତାବ ଦେଉଥିଲେ। ଫୋନରେ ସେ ଛାତ୍ରୀଙ୍କ ପ୍ରତି ଆପତ୍ତିଜନକ ବ୍ୟବହାର କରିବା ସହ ତାଙ୍କୁ ପ୍ରଲୋଭିତ କରିବାକୁ ଚେଷ୍ଟା କରିଥିଲେ। ଏହା ଜଣାପଡ଼ିବା ପରେ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ଅଧ୍ୟାପକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପରମଜିତ ସିଂହ। ବିଶ୍ୱ ବିଦ୍ୟାଳୟର ଜୁଲୋଜି ବିଭାଗରେ ସେ ସହାୟକ ପ୍ରଫେସର ଭାବେ କାମ କରନ୍ତି। ସୋଶାଲ ମିଡିଆରେ ତାଙ୍କ ଯୌନ ଭୋକର ଅଡିଓ ରେକର୍ଡିଂ ଭାଇରାଲ ହେବା ପରେ ପୋଲିସ୍ ତାଙ୍କୁ ଗିରଫ କରିଛି। ଅଧ୍ୟାପକ ପରମଜିତ ସିଂହ ବିଏସସି ଶେଷ ବର୍ଷର ଜଣେ ଛାତ୍ରୀଙ୍କୁ ଖରାପ ବ୍ୟବହାର କରିଥିଲେ। ଭାଇରାଲ ହୋଇଥିବା ଅଡିଓ କ୍ଲିପରେ ସେ କହୁଛନ୍ତି ଯେ 'ଡାର୍ଲିଂ, ମୁଁ ତୁମ ପାଇଁ ପ୍ରଶ୍ନପତ୍ରର ବ୍ୟବସ୍ଥା କରିଛି। ପରୀକ୍ଷା ପୂର୍ବରୁ ଆସ। ମୁଁ ଏଠାରେ ତୁମକୁ ପ୍ରଶ୍ନପତ୍ର ଦେବି।' ଏହାପରେ ସେ ଛାତ୍ରୀଙ୍କୁ ଯୌନ ସମ୍ପର୍କ ରଖିବା ପାଇଁ ପ୍ରଲୋଭିତ କରୁଥିବାର ବିଭିନ୍ନ କଥା ସବୁ କହିଥିଲେ। ଛାତ୍ରୀ ଜଣଙ୍କ ଅଧ୍ୟାପକଙ୍କ ଠାରୁ ଅଶ୍ଳୀଳ କଥା ଶୁଣିବା ପରେ ପୂରା ଭାଙ୍ଗି ପଡ଼ିଥିଲେ। ସେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଏ ସମ୍ପକଆରେ ଅବଗତ କରାଇଥିଲେ। ଅଭିଯୋଗ ପାଇବା ପରେ ପରୀକ୍ଷା ନିୟନ୍ତ୍ରକ ବିଦ୍ୟାନନ୍ଦ ତ୍ରିପାଠୀ ପୋଲିସ୍‌କୁ ଅବଗତ କରାଇଥିଲେ। ଅଭିଯୋଗ ପରେ ହସନଗଞ୍ଜ ପୋଲିସ୍ ଷ୍ଟେସନରେ ଗୋଟିଏ ଏଫଆଇଆର ରୁଜୁ ହୋଇଥିଲା। ପୋଲିସ୍ ଏହାପରେ ଅଭିଯୁକ୍ତ ପ୍ରଫେସରଙ୍କୁ ଗିରଫ କରିଛି। ତେବେ ପ୍ରଫେସର ସିଂହ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ବିଶ୍ୱବିଦ୍ୟାଳୟରେ ଚାଲିଥିବା ଆଭ୍ୟନ୍ତରୀଣ ରାଜନୀତି ଯୋଗୁ ତାଙ୍କୁ ଜାଣିଶୁଣି ଟାର୍ଗେଟ କରାଯାଉଥିବା ସେ ସଫେଇ ଦେଇଛନ୍ତି। କୁଳପତି ଜେପି ସୈନି ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟିକୁ ଘଟଣାର ତଦନ୍ତ କରି ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରଶ୍ନପତ୍ର ଲିକ ଓ ପରୀକ୍ଷା ବାତିଲ ଯୋଗୁ ଜୀବନ ହାରିଲେ ଆଉ ଜଣେ ନିଟ୍ ଆଶାୟୀ

ନୂଆଦିଲ୍ଲୀ, ୧୬/୦୫ : ଡାକ୍ତରୀ ପାଠ ପଢ଼ିବାକୁ ଆଶା କରିଥିବା ଛାତ୍ର ଜଣଙ୍କ ପରୀକ୍ଷା ବାତିଲ ହେବାରୁ ଅତ୍ୟନ୍ତ ମାନସିକ ଚାପରେ ରହିଥିଲେ। ଚଳିତ ବର୍ଷ ତାଙ୍କ ପରୀକ୍ଷା ଭଲ ହୋଇଥିଲା ଓ ସେ ୬୫୦ ମାର୍କ ରଖିବେ ବୋଲି ଆଶା କରିଥିଲେ। ନିଟ୍ ୟୁଜି ୨୦୨୬ର ପ୍ରଶ୍ନପତ୍ର ଲିକ ସାମ୍ନାକୁ ଆସିବା ପରେ ଚଳିତ ବର୍ଷ ପରୀକ୍ଷାକୁ ବାତିଲ କରି ଦିଆଯାଇଛି। ଆସନ୍ତା ଜୁନ ୨୧ରେ ପୁଣି ମେ' ୩ରେ ପରୀକ୍ଷା ଦେଇଥିବା ପ୍ରାୟ ୨୨ ଲକ୍ଷ ପିଲାଙ୍କୁ ପରୀକ୍ଷା ଦେବାକୁ ପଡ଼ିବ। ତେବେ ପରୀକ୍ଷା ବାତିଲ ଯୋଗୁ ଏବେ ଜଣଙ୍କ ପରେ ଜଣେ ନିଟ୍ ଆଶାୟୀ ଆତ୍ମହତ୍ୟା ଭଳି ପଦକ୍ଷେପ ନେବାରେ ଲାଗିଛନ୍ତି। ଏହିକ୍ରମରେ ଆଉ ଜଣେ ଛାତ୍ର ରାଜସ୍ଥାନରେ ଆତ୍ମହତ୍ୟା କରିଛନ୍ତି। ଡାକ୍ତରୀ ପାଠ ପଢ଼ିବାକୁ ଆଶା କରିଥିବା ଛାତ୍ର ଜଣଙ୍କ ପରୀକ୍ଷା ବାତିଲ ହେବାରୁ ଅତ୍ୟନ୍ତ ମାନସିକ ଚାପରେ ରହିଥିଲେ। ଚଳିତ ବର୍ଷ ତାଙ୍କ ପରୀକ୍ଷା ଭଲ ହୋଇଥିଲା ଓ ସେ ୬୫୦ ମାର୍କ ରଖିବେ ବୋଲି ଆଶା କରିଥିଲେ। କିନ୍ତୁ ପ୍ରଶ୍ନପତ୍ର ଲିକ ଓ ପରୀକ୍ଷା ବାତିଲ ଖବର ତାଙ୍କୁ ମର୍ମାହତ କରିଥିଲା। ଏଥିପାଇଁ ସେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିବା ପରିବାର ଲୋକ ଲୁହ ଭିଜା ଆଖିରେ କହିଛନ୍ତି। ଆତ୍ମହତ୍ୟା କରିଥିବା ଛାତ୍ର ଜଣଙ୍କ ହେଲେ ପ୍ରଦୀପ ମହିଚ। ତାଙ୍କ ଘର ଝୁନ୍‌ଝୁନ ଜିଲ୍ଲାରେ। ସେ ନିଜର ଦୁଇ ଭଉଣୀଙ୍କ ସହ ଗତ ୩ ବର୍ଷ ହେଲା ସିକାରରେ ରହି ନିଟ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ସେ ଗୋଟିଏ ଘରୋଇ କୋଚିଂ ସେଣ୍ଟରରେ ପଢୁଥିଲେ। ପୋଲିସ୍ କହିଛି ଯେ ପ୍ରଦୀପ ନିଜ ରୁମରେ ଭଉଣୀଙ୍କ ଓଢ଼ଣୀ ବ୍ୟବହାର କରି ଫ୍ୟାନରେ ଝୁଲି ପଡ଼ିଛନ୍ତି। ଶୁକ୍ରବାର ମଧ୍ୟାହ୍ନରେ ପ୍ରଦୀପଙ୍କ ସାନ ଭଉଣୀ କୋଚିଂ ସେଣ୍ଟର ଯାଇଥିବା ବେଳେ ବଡ଼ ଭଉଣୀ ବାଥରୁମରେ ଥିଲେ। ଏହି ସମୟରେ ହିଁ ପ୍ରଦୀପ ଆତ୍ମହତ୍ୟା କରିଛନ୍ତି। ବଡ଼ ଭଉଣୀ ବାଥରୁମରୁ ଆସିବା ପରେ ପ୍ରଦୀପଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ସେ ତୁରନ୍ତ ଓଢ଼ଣୀଙ୍କୁ କଇଁଚିରେ କାଟି ପ୍ରଦୀପଙ୍କୁ ତଳକୁ ଆଣିଥିଲେ ଓ ଭଡ଼ାରେ ରହୁଥିବା ଘରର ମାଲିକଙ୍କୁ ଖବର ଦେଇଥିଲେ। ସ୍ଥାନୀୟ ଲୋକଙ୍କମାନେ ପ୍ରଦୀପଙ୍କୁ ଏସକେ ହସ୍ପିଟାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଦୀପ ମେ' ୩ରେ ଅନୁଷ୍ଠିତ ନିଟ ୟୁଜି ୨୦୨୬ ପରୀକ୍ଷା ଦେଇଥିଲେ। ପରୀକ୍ଷା ମଧ୍ୟ ତାଙ୍କର ଭଲ ହୋଇଥିଲା। ତାଙ୍କ ବାପା ରାଜେଶ କୁମାର ମେଘୱାଲ ପୋଲିସ୍‌କୁ କହିଛନ୍ତି ଯେ ପରୀକ୍ଷା ଶେଷ ହେବା ପରେ ପୁଅ ବେଶ ଖୁସି ରହିଥିଲା। ସେ ପ୍ରାୟ ୬୫୦ ମାର୍କ ରଖିବ ବୋଲି ଆଶା କରିଥିଲା। ସରକାରୀ ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ପୁଅ ପ୍ରସ୍ତୁତ ହେଉଥିବା ବେଳେ ପରୀକ୍ଷା ବାତିଲ ଖବର ଆସିଥିଲା। ଏଥିଯୋଗୁ ସେ ମାନସିକ ଭାବେ ପୂରା ଭାଙ୍ଗି ପଡ଼ିଥିଲା। ସେ ବେଶ କିଛି ଦିନ ହେବ ଚୁପ ଚାପ ରହୁଥିବା ବେଳେ ଏବେ ଏତେ ବଡ଼ ପଦକ୍ଷେପ ନେଇଥିବା ରାଜେଶ କହିଛନ୍ତି।

# ନାବାଳିକାଙ୍କୁ ଅପହରଣ ପରେ ପଣବନ୍ଦୀ କରି ମାସାଧିକ କାଳ ଗଣଦୁଷ୍କର୍ମ

ମଧ୍ୟପ୍ରଦେଶ, ୧୬/୦୫ : ଉଦ୍ଧାର ହୋଇଥିବା ପୀଡ଼ିତାଙ୍କ ମା'ଙ୍କ ଅଭିଯୋଗ ପରେ ପୋଲିସ୍ ଅପହରଣ, ପଣବନ୍ଦୀ ଓ ଗଣଦୁଷ୍କର୍ମ ମାମଲାରେ ୫ ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ୨ ଜଣ ମହିଳା ମଧ୍ୟ ରହିଛନ୍ତି। ତେବେ ଘଟଣାର ୬ଷ୍ଠ ଅଭିଯୁକ୍ତ ଏବେ ବି ଫେରାର ରହିଛନ୍ତି। ସାମ୍ନାକୁ ଆସିଛି ଅତ୍ୟନ୍ତ ବିଚଳିତ କରିବା ଭଳି ଘଟଣା। ପ୍ରଥମେ ପୋଲିସ୍ ଯେଉଁ ମାମଲାକୁ କେବଳ ଅପହରଣ ବୋଲି ଭାବୁଥିଲା, ତାହା ଏବେ ସାଂଘାତିକ ମୋଡ଼ ନେଇଛି। ଅପହୃତ ହୋଇଥିବା ନାବାଳିକାଙ୍କୁ ପଣବନ୍ଦୀ କରି ମାସାଧିକ କାଳ ଗଣଦୁଷ୍କର୍ମ କରାଯାଇଥିବା ପୋଲିସ୍ ଜାଣିବାକୁ ପାଇଛି। ଉଦ୍ଧାର ହୋଇଥିବା ପୀଡ଼ିତାଙ୍କ ମା'ଙ୍କ ଅଭିଯୋଗ ପରେ ପୋଲିସ୍ ଅପହରଣ, ପଣବନ୍ଦୀ ଓ ଗଣଦୁଷ୍କର୍ମ ମାମଲାରେ ୫ ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ୨ ଜଣ ମହିଳା ମଧ୍ୟ ରହିଛନ୍ତି। ତେବେ ଘଟଣାର ୬ଷ୍ଠ ଅଭିଯୁକ୍ତ ଏବେ ବି ଫେରାର ରହିଛନ୍ତି।



ଚଳିତ ବର୍ଷ ଜାନୁଆରୀ ମାସରେ ମଧ୍ୟପ୍ରଦେଶର ଗ୍ୱାଲିୟରରୁ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିଲା। ଅପହରଣ ପରେ ତାଙ୍କୁ ଅଭିଯୁକ୍ତମାନେ ବେଙ୍ଗାଲୁରୁ ନେଇ ଯାଇଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ମା' ଫେବୃଆରୀ ମାସରେ ପୋଲିସ୍‌ରେ ଅଭିଯୋଗ କରିଥିଲେ। ତାଙ୍କ ଝିଅଙ୍କୁ ପ୍ରଲୋଭିତ କରି କିଛି ଲୋକ ବେଙ୍ଗାଲୁରୁ ନେଇ ଯାଇଥିବା ସେ କହିଥିଲେ।

ଅଭିଯୋଗ ପରେ ପୋଲିସ୍ ନାବାଳିକାଙ୍କୁ ଖୋଜିବାକୁ ଲାଗିଥିଲା। ଶେଷରେ ବେଙ୍ଗାଲୁରୁରୁ ତାଙ୍କୁ ଉଦ୍ଧାର କରିଥିଲା। ତାଙ୍କୁ ପଣବନ୍ଦୀ କରି ରଖିଥିବା ଜଣେ ବ୍ୟକ୍ତିଙ୍କୁ ଘଟଣା ସ୍ଥଳରୁ ପୋଲିସ୍ ଗିରଫ କରିଥିଲା। ଉଦ୍ଧାର ପରେ ନାବାଳିକାଙ୍କୁ ପୋଲିସ ଗ୍ୱାଲିୟର ଆଣିଥିଲା। ଏଠାରେ ସେ ଗୋଟିଏ ଅସ୍ଥାୟୀ ଆଶ୍ରୟ ସ୍ଥଳରେ ରହିଥିଲେ। ପ୍ରାୟ ମାସେ କାଳ ସେ ସେଠାରେ ରହିବା ପରେ ପରିବାର ଲୋକଙ୍କ ପାଖକୁ ଯାଇଥିଲେ। ଘରେ କିଛି ଦିନ ରହିବା ପରେ ନାବାଳିକା ଜଣଙ୍କ ତାଙ୍କ ସହ ଘଟିଥିବା ବର୍ବରକାଣ୍ଡ ସମ୍ପର୍କରେ ମା'ଙ୍କୁ ଜଣାଇଥିଲେ। ଏହାପରେ ମା' ଜଣଙ୍କ ଗଣଦୁଷ୍କର୍ମ ନେଇ ପୋଲିସ୍‌ରେ ଆଉ ଗୋଟିଏ ଅଭିଯୋଗ ଦାଖଲ କରିଥିଲେ। ନାବାଳିକାଙ୍କ ମା' ଦାବି କରିଛନ୍ତି ଯେ ତାଙ୍କ ଝିଅଙ୍କୁ ବେଙ୍ଗାଲୁରୁରେ କେବଳ ପଣବନ୍ଦୀ କରି ରଖାଯାଇ ନଥିଲା, ବରଂ ତାଙ୍କୁ ସେଠାରେ ବାରମ୍ବାର ଗଣଦୁଷ୍କର୍ମ କରାଯାଇଥିଲା। ଦୁଇ ଜଣ ମହିଳା ପୂରା ଅପହରଣ ଓ ଯୌନ ଶୋଷଣ ଘଟଣାରେ ସାମିଲ ଥିବା ମଧ୍ୟ ସେ କହିଥିଲେ। ମା'ଙ୍କ ଅଭିଯୋଗ ପରେ ପୋଲିସ୍ ୪ ଜଣ ପୁରୁଷ ଓ ୨ ଜଣ ମହିଳାଙ୍କ ବିରୋଧରେ ଏଫଆଇଆର ରୁଜୁ କରିଥିଲା। କିଛି ଅଭିଯୁକ୍ତ ଅପହରଣରେ ସହାୟତା କରିଥିବା ବେଳେ ଆଉ କିଛି ପଣବନ୍ଦୀ ଓ ଦୁଷ୍କର୍ମ କରିଥିଲେ। ଏହାପରେ ପୋଲିସ୍ ୫ ଜଣଙ୍କୁ ଗିରଫ କରିଛି। କିନ୍ତୁ ୬ଷ୍ଠ ଅଭିଯୁକ୍ତ ଫେରାର ଥିବାରୁ ତାଙ୍କୁ ଧରିବାକୁ ପୋଲିସ୍ ଉଦ୍ୟମ ଜାରି ରଖିଛି।

# ଅଡୁଆରେ ମମତାଙ୍କ ପୁତୁରା, ରୁଜୁ ହେଲା ଏଫଆଇଆର୍

କଲିକତା, ୧୬/୦୫ : ବିଧାନନଗର ସାଇବର କ୍ରାଇମ ପୋଲିସ୍ ଷ୍ଟେସନ ପକ୍ଷରୁ ମେ' ୧୫ ତାରିଖ ଦିନ ୨.୪୫ରେ ଅଭିଷେକ ବାନାର୍ଜୀଙ୍କ ବିରୋଧରେ ଏଫଆଇଆରକୁ ବିଧିବଦ୍ଧ ଭାବେ ରୁଜୁ କରାଯାଇଛି। ଭାରତୀୟ ନ୍ୟାୟ ସଂହିତାର ଧାରା ୧୯୨, ୧୯୬, ୩୫୧(୨) ଓ ୫୩୫(୧)(ସି) ସମେତ ଲୋକପ୍ରତିନିଧି ଆଇନର ଧାରା ୧୨୩(୨) ଓ ୧୨୫ ଆଧାରରେ ମାମଲା ହୋଇଛି। ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକଙ୍କ ଅଡୁଆ ବଢ଼ିଛି। ଅଭିଷେକ ବାନାର୍ଜୀଙ୍କ ବିରୋଧରେ ରୁଜୁ ହୋଇଛି ଗୋଟିଏ ଏଫଆଇଆର। ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଚାର ବେଳେ ସେ ଉସକାଇବା ଭଳି ବୟାନ ଦେଇଥିବା ଅଭିଯୋଗ ହୋଇଛି। ଏହାକୁ ଆଧାର କରି ଏବେ ବେଙ୍ଗଲରେ ବିଜେପି ସରକାର ଆସିବା ପରେ ଅଭିଷେକଙ୍କ ବିରୋଧରେ ବିଧାନନଗର ସାଇବର କ୍ରାଇମ ପୁଲିସ୍ ? ଷ୍ଟେସନରେ ଏଫଆଇଆର ରୁଜୁ କରାଯାଇଛି। ଅଭିଷେକ ହେଉଛି ଟିଏମସିର ସାଧାରଣ ସମ୍ପାଦକ ତଥା ଡାଇମଣ୍ଡ ହାର୍ବରର ଲୋକସଭା ସାଂସଦ। ସାମାଜିକ କର୍ମୀ ରାଜୀବ ସରକାର ମେ' ୫ ତାରିଖରେ ଅଭିଷେକ ବାନାର୍ଜୀଙ୍କ ବିରୋଧରେ ଅଭିଯୋଗ କରିଥିଲେ। ମେ' ୪ରେ ବେଙ୍ଗଲ ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବାର ଦିନକ ପରେ ଏପରି ଅଭିଯୋଗ ଦାଖଲ କରାଯାଇଥିଲା। ରାଜୀବ ସରକାର ନିଜ ଅଭିଯୋଗରେ କହିଛନ୍ତି ଯେ ଅଭିଷେକ ବାନାର୍ଜୀ ଏପ୍ରିଲ ୨୭ରୁ ମେ' ୩ ମଧ୍ୟରେ ଆୟୋଜିତ ଏକାଧିକ ପ୍ରଚାର କାର୍ଯ୍ୟକ୍ରମରେ ଘୃଣା ଓ ବିଦ୍ୱେଷ ସୃଷ୍ଟି କରିବା ଭଳି ବୟାନ ଦେଇଥିଲେ। ଏପରି କି ଗୋଟିଏ ସଭାରେ ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଧମକ ମଧ୍ୟ ଦେଇଥିଲେ। ଏହାର ପ୍ରମାଣ ସ୍ୱରୂପ ରାଜୀବ ସରକାର କିଛି ଭାଷଣର ଲିଙ୍କ ମଧ୍ୟ ପୁଲିସ୍ ନିକଟରେ ଦାଖଲ କରିଛନ୍ତି। ଅଭିଯୋଗକୁ ଯାଞ୍ଚ କରିବା ପରେ ବିଧାନନଗର ସାଇବର କ୍ରାଇମ ପୁଲିସ୍ ଷ୍ଟେସନ ପକ୍ଷରୁ ମେ' ୧୫ ତାରିଖ ଦିନ ୨.୪୫ରେ ଅଭିଷେକ ବାନାର୍ଜୀଙ୍କ ବିରୋଧରେ ଏଫଆଇଆରକୁ ବିଧିବଦ୍ଧ ଭାବେ ରୁଜୁ କରାଯାଇଛି। ଭାରତୀୟ ନ୍ୟାୟ ସଂହିତାର ଧାରା ୧୯୨, ୧୯୬, ୩୫୧(୨) ଓ ୫୩୫(୧)(ସି) ସମେତ ଲୋକପ୍ରତିନିଧି ଆଇନର ଧାରା ୧୨୩(୨) ଓ ୧୨୫ ଆଧାରରେ ମାମଲା ହୋଇଛି। ଏଫଆଇଆରରେ କୁହାଯାଇଛି ଯେ ଭାଷଣଗୁଡ଼ିକରେ ଉସକାଇବା, ଧମକ ଦେବା ଓ ବିଦ୍ୱେଷ ସୃଷ୍ଟି କରିବା ଭଳି ବିଷୟବସ୍ତୁ ରହିଛି। ଏହାଦ୍ୱାରା ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ଓ ସାଂପ୍ରଦାୟିକ ସଦଭାବନା ବିଗିଡ଼ିବାର ଆଶଙ୍କା ରହିଛି। ଅଭିଯୁକ୍ତ ଜଣଙ୍କ ପ୍ରତିପକ୍ଷ ଦଳର କର୍ମୀଙ୍କ ବିରୋଧରେ ଆକ୍ରମଣାତ୍ମକ ଭାଷାର ପ୍ରୟୋଗ ସର୍ବସାଧାରଣରେ କରିଥିବା ଏଫଆଇଆରରେ କୁହାଯାଇଛି। ଏବେ ସବ ଇନସପେକ୍ଟର ସୋମନାଥ ସିଂହ ରୟ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ପାଇଛନ୍ତି। ସେ ଅଭିଷେକ ବାନାର୍ଜୀଙ୍କୁ ଥାନାକୁ ଡାକି ଜେରା କରିବାର ସମ୍ଭାବନା ରହିଛି।




# ଧରାପଡ଼ିଲେ ଆଦି-ଆରିକ୍ସ ବ୍ରଦର୍ସ : ଟାର୍ଗେଟ୍‌ରେ କଲେଜ ଛାତ୍ରୀ

ଭୁବନେଶ୍ୱର/ଜଗତସିଂହପୁର, ୧୬/୦୫ (ଜେଏନଏସ) : ରାଜ୍ୟରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଇନ୍‌ଷ୍ଟାଗ୍ରାମ୍ ଆଦି ସାମାଜିକ ଗଣମାଧ୍ୟମ ଓ ପ୍ରତ୍ୟକ୍ଷ ଭାବେ କଲେଜଛାତ୍ରୀଙ୍କୁ ନକଲି ପରିଚୟରେ ପ୍ରେମଜାଲରେ ଫସାଉଥିଲେ। ସେମାନଙ୍କ ସହ ଦୁଷ୍କର୍ମ କରି ଭିଡ଼ିଓ ଉତ୍ତୋଳନ କରି ବ୍ଲାକ୍‌ମେଲ୍ କରୁଥିଲେ। ଏଥିରୁ ମିଳୁଥିବା ଟଙ୍କାରେ ଦାମୀ ମୋବାଇଲ୍ ଓ ଗୋଆରେ ମଉଜ କରୁଥିଲେ। ଶେଷରେ ଜଣେ ପୀଡ଼ିତା କଲେଜ୍ ଛାତ୍ରୀଙ୍କ ସାହସ ଯୋଗୁଁ ଧରାପଡ଼ିଛନ୍ତି ଜଗତସିଂହପୁରର ଏହି ବ୍ୟସନାଭିଳାସୀ ଆଦି ଓରଫ ଆରିକ୍ସ ବ୍ରଦର୍ସ- ଜ୍ଞାନ ରଂଜନ ନାୟକ (୨୦) ଓ ବିଶ୍ୱ ରଞ୍ଜନ ନାୟକ (୨୪)।

ଆଜି ଏହି ଘଟଣା ସମ୍ପର୍କରେ ଜଗତସିଂହପୁର ଆରକ୍ଷୀ ଅଧୀକ୍ଷକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନାନୁସାରେ, ବଡ଼ ଭାଇ ବିଶ୍ୱରଂଜନ ଓ ଛୋଟଭାଇ ଜ୍ଞାନରଂଜନ ଜଗତସିଂପୁର ଜିଲ୍ଲା ଇଛାପୁରର ବାସିନ୍ଦା ଅଟନ୍ତି। ସେମାନେ ଭୁବନେଶ୍ୱର ଖଣ୍ଡଗିରି ନିକଟସ୍ଥ ସୌଭାଗ୍ୟନଗରରେ ଭଡ଼ାଘରେ ରହୁଥିଲେ। ୨୦୨୬ ମଇ ୧୪ରେ ଜଣେ ଅବିବାହିତ ଯୁବତି ଜଗତସିଂହପୁର ଥାନାରେ ଏକ ମାମଲା ରୁଜୁ କରିଥିଲେ। ଅଭିଯୋଗ ଭିତ୍ତିରେ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତରେ ଜଣାପଡ଼ିଥିଲା ଯେ, ସେମାନେ କଲେଜ୍ ଯାଉଥିବା ଛାତ୍ରୀଙ୍କୁ ଟାର୍ଗେଟ୍ କରୁଥିଲେ। ଜ୍ଞାନରଂଜନ ନିଜର ନାମକୁ ଗୋପନ ରଖି ଇନ୍‌ଷ୍ଟାଗ୍ରାମ୍‌ରେ ଆଦି ଆଟ୍ ଆରିକ୍ସ ବୋଲି ପରିଚୟ ଦେଉଥିଲା। ଉଭୟ ଭାଇ କଲେଜ ଛାତ୍ରୀଙ୍କୁ ପ୍ରେମଜାଲରେ ଫସାଇ ନିଜ ରୁମ୍‌କୁ ଡାକି ଦୁଷ୍କର୍ମ କରୁଥିଲେ। ଦୁଷ୍କର୍ମର ଭିଡ଼ିଓ ଓ ଫଟୋ ଉଠାଇ ଦୁଇ ଭାଇ ଛାତ୍ରୀମାନଙ୍କୁ ବ୍ଲାକ୍‌ମେଲ୍ କରୁଥିଲେ। ଏଭଳି ବ୍ଲାକ୍‌ମେଲ୍ କରି ପୁଣି ସେମାନଙ୍କୁ ଶାରୀରିକ ଓ ଆର୍ଥିକ ଶୋଷଣ କରୁଥିଲେ। ଏହି ଟଙ୍କାରେ ସେମାନେ ଗୋଆ ଆଦି ସ୍ଥାନ ଯାଇ ମଉଜମଜଲିସ କରୁଥିଲେ।

୨୦୧୪ରେ ପୀଡ଼ିତା ଯୁବତୀଙ୍କ ସହ ଜ୍ଞାନରଞ୍ଜନ ଇନ୍‌ଷ୍ଟାଗ୍ରାମ୍‌ରେ ପରିଚୟ ହୋଇଥିଲା। ପରେ ଯୁବତୀଙ୍କୁ ନେଇ ନିଜ ବଡ଼ଭାଇ ସହ ପରିଚୟ କରାଇଥିଲେ। ପରେ ଜ୍ଞାନରଞ୍ଜନ ଉକ୍ତ ପୀଡ଼ିତାଙ୍କୁ ଡେଲ୍‌ଟା ଛକରେ ଥିବା ନିଜ ଭଡ଼ାଘରକୁ ଡାକି ଦୁଷ୍କର୍ମ କରୁଥିଲେ। ଏଥିରେ ଯୁବତୀ ଜଣକ ୪ ମାସର ଗର୍ଭବତୀ ହୋଇଥିଲେ। ଏହି କଥା ଜ୍ଞାନରଞ୍ଜନ ନିଜର ବଡ଼ଭାଇ ବିଶ୍ୱରଞ୍ଜନଙ୍କୁ ଜଣାଇଥିଲେ। ଯୋଜନା ଅନୁସାରେ, ୨୦୨୫ ମଇମାସରେ ଜ୍ଞାନରଞ୍ଜନ ଉକ୍ତ ଯୁବତୀଙ୍କୁ ନେଇ କଟକ ଗଣେଶ ପାଲେସ୍ ନିକଟରେ ଥିବା ସିଡିଏ ସେକ୍ଟର-୯ରେ ରହୁଥିବା ବଡ଼ଭାଇଙ୍କ ଭଡ଼ାଘରକୁ ଯାଇଥିଲେ। ସେଠାରେ ଉଭୟ ଭାଇ ତାଙ୍କୁ ବଳପୂର୍ବକ ଗର୍ଭପାତ ଔଷଧ ଦେଇ ଗର୍ଭପାତ କରାଇଥିଲେ। ଘରେ ଅଟକ ରଖି ବାରମ୍ବାର ଦୁଷ୍କର୍ମ କରିଥିଲେ। ଏପରିକି ତାଙ୍କ ହାତକାଟି ହତ୍ୟା କରିବାକୁ ଯୋଜନା କରିଥିଲେ। ତେବେ ସୌଭାଗ୍ୟକ୍ରମେ ଦୁଇ ଭାଇ ଘରେ ଅନୁପସ୍ଥିତ ଥିବା ବେଳେ ପୀଡ଼ିତା ଯୁବତୀ ସେଠାରୁ ଖସି ଆସିଥିଲା। ଏହି କଥା ନିଜର ବାପାମା'ଙ୍କୁ କହିଥିଲା। କିନ୍ତୁ ଲଜ୍ଜା ଓ ସାମାଜିକ ଅପବାଦ ଭୟରେ ସେମାନେ ପୁଲିସକୁ ଜଣାଇନଥିଲେ। ଜ୍ଞାନ ରଂଜନଙ୍କ ମୋବାଇଲ୍ ବ୍ଲକ୍ କରିଦେଇଥିଲେ। ତେବେ ପୁଣିଥରେ ଜ୍ଞାନରଞ୍ଜନ ଉକ୍ତ ଯୁବତୀଙ୍କ ଗାଁରେ ପହଞ୍ଚି ଭୟଭୀତ କରାଇ ପୀଡ଼ିତା ଓ ତାଙ୍କ ଭଉଣୀଙ୍କ ଠାରୁ ୨ଲକ୍ଷ ଟଙ୍କା ଲୁଟିଥିଲେ। ପରେ ପୀଡ଼ିତା ଜଣକ ପାରାଦୀପର ଏକ କମ୍ପାନୀରେ ଚାକିରି ପାଇଥିଲେ। ସେଠାକୁ ଯାଇ ଉକ୍ତ ଯୁବତୀଙ୍କୁ ପୁଣି ନିର୍ଯାତନା ଓ ବ୍ଲାକ୍‌ମେଲ୍ କରିବା ଆରମ୍ଭ କରିଥିଲେ। ଯୁବତୀଜଣକ ଏଥିରେ ବିବ୍ରତ ହୋଇ ଜାନୁଆରି ୨୦୨୬ରେ ଚାକିରି ଛାଡ଼ିଦେଇଥିଲେ। ଶେଷରେ ଅନ୍ୟ ଉପାୟ ନପାଇ ପୀଡ଼ିତା ପୁଲିସ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗର ୨୪ ଘଣ୍ଟା ମଧ୍ୟରେ ପୁଲିସ ଉକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ ଧରିଥିଲେ।



ଜ୍ଞାନ ରଞ୍ଜନ ନିକଟରୁ ଆଇଫୋନ୍ ୧୫ ପ୍ରୋ ମ୍ୟାକ୍ସ (୧ଲକ୍ଷ ୩୦ହଜାର ଟଙ୍କା) ଓ ବିଶ୍ୱରଞ୍ଜନଙ୍କ ନିକଟରୁ ଏସ୍-୨୫ ସମ୍‌ସାଙ୍ଗ୍ ଅଲ୍‌ଟ୍ରା (୧ଲକ୍ଷ ୩୨ହଜାର ଟଙ୍କା) ଜବତ କରାଯାଇଛି। ମୋବାଇଲ୍ ଫୋନ୍‌ରୁ ଉକ୍ତ ପୀଡ଼ିତାଙ୍କ ସମେତ ଏକାଧିକ ଯୁବତୀଙ୍କ ଅଶ୍ଳୀଳ ଭିଡ଼ିଓ ଫଟୋକୁ ଉଦ୍ଧାର କରାଯାଇଛି। ଆଜି ପଚରାଉଚରା ଓ ଡାକ୍ତରୀ ପରୀକ୍ଷଣ ପରେ ଆସନ୍ତାକାଲି କୋର୍ଟରେ ହାଜର କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ରାଷ୍ଟ୍ରାୟତ୍ତ କମ୍ପାନୀର ତେଲ ଯୋଗାଣ ହ୍ରାସ : ଶତାଧିକ ପେଟ୍ରୋଲ ପମ୍ପରେ ତାଲା




ଭୁବନେଶ୍ୱର, ୧୬/୦୫ (ଜେଏନଏସ) : ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ହର୍ମୁଜ୍ ପ୍ରଣାଳୀରେ ତୈଳ ଯୋଗାଣ ପ୍ରଭାବିତ କାରଣରୁ ଭାରତରେ ଏବେ ପେଟ୍ରୋଲ, ଡିଜେଲ ଆଦି ଯୋଗାଣ ବାଧାପ୍ରାପ୍ତ ହୋଇଛି। ଜୀବାଶ୍ମ ଇନ୍ଧନ ଉପଯୋଗକୁ କମାଇବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିବେଦନ ପରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଗୁଡ଼ିକ ଯୋଗାଣ ମଧ୍ୟ ହ୍ରାସ କରିଛନ୍ତି। ଏହାର ପ୍ରଭାବରେ ରାଜ୍ୟର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲ ନଥିବାରୁ ତାଲା ଝୁଲୁଛି। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ ପମ୍ପଗୁଡ଼ିକୁ ଆବଶ୍ୟକ ମୁତାବକ ତୈଳ ବୋଝେଇ ଗାଡ଼ି ଛାଡୁ ନାହାନ୍ତି। ଫଳରେ ପେଟ୍ରୋଲ ପମ୍ପଗୁଡ଼ିକରେ ତୈଳ ପହଞ୍ଚି ପାରୁନାହିଁ। ରାଜ୍ୟର ବିଭିନ୍ନ ଅଞ୍ଚଳରେ ପେଟ୍ରୋଲ ଓ ଡିଜେଲ ପମ୍ପ ଓଳିଏ ଖୋଲିଲେ ଓଳିଏ ବନ୍ଦ ରହୁଛି। ପୁଣି ଯେଉଁ ଓଳିଏ ଖୋଲା ରହୁଛି କଟକଣାରେ ତୈଳ ବିକ୍ରି ହେଉଛି। ରାଉରକେଲା, ଖୋରଧା, କଳାହାଣ୍ଡି, ଗୁଣପୁର, ରାୟଗଡ଼ା, କୋରାପୁଟ ଜିଲାର ଲମତାପୁଟ, ନବରଙ୍ଗପୁର ଏବଂ ଭୁବନେଶ୍ୱରର କିଛି ପେଟ୍ରୋଲ ପମ୍ପ ବନ୍ଦ ରହିଥିବାବେଳେ ଆଉ କିଛି ପମ୍ପରେ କଟକଣାରେ ତୈଳ ବିକ୍ରି ଚାଲିଛି। ଗୁଣୁପୁର ଅଞ୍ଚଳରେ ୫ଟି ଏବଂ ରାୟଗଡ଼ାରେ ୮ଟି ପେଟ୍ରୋଲ ପମ୍ପ ବନ୍ଦ ରହିଛି। କେବଳ ସହରାଞ୍ଚଳ ନୁହେଁ ବରଂ ଗ୍ରାମାଞ୍ଚଳରେ ଥିବା ପମ୍ପ ମାଲିକ ତୈଳ ବିକ୍ରି ଉପରେ କଟକଣା ଲାଗୁ କରିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ କହୁଛି, ରାଜ୍ୟରେ ପେଟ୍ରୋଲ ଓ ଡିଜେଲ ମହଜୁଦ ରହିଛି। ତୈଳ ବିକ୍ରି ଉପରେ ସରକାରଙ୍କ ପକ୍ଷରୁ କୌଣସି କଟକଣା ଲାଗୁ ହୋଇନି। କିନ୍ତୁ ରାଜ୍ୟରେ ପେଟ୍ରୋଲ ପମ୍ପଗୁଡ଼ିକରେ କଟକଣା ଲାଗୁ କରାଯିବା ଦ୍ୱାରା ଚାଷୀ ଧାନ କଟା ମେସିନ ଏବଂ ଟ୍ରାକ୍ଟରରେ ତେଲ ପକାଇ ପାରୁନାହାନ୍ତି। ଏହାର ପ୍ରଭାବ ଚାଷ କାର୍ଯ୍ୟ ଉପରେ ପଡୁଥିବା ଚାଷୀ ଅଭିଯୋଗ କରୁଛନ୍ତି। ରାଉରକେଲାରେ ବାଇକ୍ ପିଛା ୨୦୦ ଟଙ୍କା ଏବଂ ୪ ଚକିଆ ଗାଡ଼ି ପିଛା ୧୦୦୦ଟଙ୍କା ପେଟ୍ରୋଲ ବିକ୍ରି କଟକଣା ଲାଗୁ ହୋଇଥିବା ଗ୍ରାହକ କହୁଛନ୍ତି। ବୁଧବାର ନବରଙ୍ଗପୁରରେ ବାଇକ୍ ପିଛା ୨୦୦ଟଙ୍କା ଏବଂ କାର୍ ପିଛା ୧୦୦୦ ଟଙ୍କା ପେଟ୍ରୋଲ ବିକ୍ରି ଚାଲିଥିଲା। ସେହିପରି ୩୦ ଲିଟର ପର୍ଯ୍ୟନ୍ତ ଡିଜେଲ ବିକ୍ରି ନେଇ କଟକଣା ଲାଗୁ ହୋଇଛି। ବର୍ତ୍ତମାନ ରବି ଋତୁ ଧାନ ବିକ୍ରି ଚାଲିଛି। ଚାଷୀମାନେ ମଣ୍ଡିକୁ ଧାନ ଆଣୁଛନ୍ତି। ଟ୍ରାକ୍ଟରରେ ଧାନ ବୁହାଯାଉଛି। କିନ୍ତୁ ଟ୍ରାକ୍ଟର ପାଇଁ ଆବଶ୍ୟକ ଡିଜେଲ ମିଳୁନାହିଁ। ତେଣୁ ଚାଷୀ ବହୁତ ହଇରାଣ ହେଉଛନ୍ତି। ଉତ୍କଳ ପେଟ୍ରୋଲିୟମ ମହାସଂଘ ସାଧାରଣ ସମ୍ପାଦକ ସଞ୍ଜୟ ଲାଠ୍ କହିଛନ୍ତି, ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ ପମ୍ପଗୁଡ଼ିକୁ ତେଲ ଯୋଗାଣରେ ପ୍ରଭାବିତ କରିଛନ୍ତି। ତେଣୁ ରାଜ୍ୟର ୧୦୦ରୁ ଊର୍ଦ୍ଧ୍ୱ ଟାଙ୍କିରେ ତେଲ ନାହିଁ। ତେଲ ବ୍ୟବହାର କମ୍ କରିବା ନିମନ୍ତେ ଯୋଗାଣକୁ କମ୍ କରିଥାଇ ପାରନ୍ତି ବୋଲି ସେ କହିଛନ୍ତି।

# ୧୯ ଯାଏଁ କାଳବୈଶାଖୀ ବର୍ଷା



ଭୁବନେଶ୍ୱର, ୧୬/୦୫ (ଜେଏନଏସ) : ରାଜ୍ୟରେ ଆଗକୁ ତାତି ବଢ଼ିପାରେ । ୨ଦିନରେ ଦିନ ତାପମାତ୍ରା ୨ରୁ ୩ ଡିଗ୍ରୀ ବଢ଼ିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଶୁକ୍ରବାର ଉତ୍ତର ଓଡ଼ିଶାର ବହୁ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବର୍ଷା ହୋଇପାରେ । ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ଯାଜପୁର, ଢେଙ୍କାନାଳରେ ଝଡ଼ ବର୍ଷା ଆଶଙ୍କା ଅଛି । ୪୦ରୁ ୫୦ କିମି ବେଗରେ ପବନ ବି ବହିପାରେ । ଉପକୂଳ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ମଧ୍ୟ ବର୍ଷା ଆଶଙ୍କା ଅଛି । ୧୬ ତାରିଖରେ ଉତ୍ତର ଓ ଦକ୍ଷିଣ ଓଡ଼ିଶାର ବିକ୍ଷିପ୍ତ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ।

୧୯ ତାରିଖ ଯାଏ ଉତ୍ତର ଓଡ଼ିଶାର ବହୁ ସ୍ଥାନରେ କାଳବୈଶାଖୀ ବର୍ଷା ହୋଇପାରେ । ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସ୍ୱଷ୍ଟଚିହ୍ନିତ ଲଘୁଚାପ ପ୍ରଭାବରେ ମୌସୁମୀ ଅଗ୍ରସର ହୋଇପାରେ । ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ସାଗର ଓ ଆଣ୍ଡାମାନ ନିକୋବର ଦୀପକୁ ମୌସୁମୀ ଅଗ୍ରସର ପାଇଁ ପାଗ ଅନୁକୂଳ ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଗୁରୁବାର ବଲାଙ୍ଗୀରରେ ୪୦.୩, ସମ୍ବଲପୁରରେ ୪୦.୨, ଝାରସୁଗୁଡ଼ାରେ ୩୯.୬, ନୂଆପଡ଼ା ଓ ଭବାନୀପାଟଣାରେ ୩୯.୫ ଡିଗ୍ରୀ ରେକର୍ଡ ହୋଇଛି ।

# ଉତ୍ସବ ନୁହେଁ, ସେବା ଓ ସଫଳତାର ବାର୍ତ୍ତା ନେଇ ଲୋକଙ୍କ ପାଖକୁ ଯାଅ- ମୁଖ୍ୟମନ୍ତ୍ରୀ, ରିପୋର୍ଟ କାର୍ଡ ଦେବେ ମନ୍ତ୍ରୀ



ଭୁବନେଶ୍ୱର, ୧୬/୦୫ (ଜେଏନଏସ) : ପଶ୍ଚିମଏସିଆର ସାମ୍ପ୍ରତିକ ଅସ୍ଥିରତା ଓ ଦେଶର ସଂକଟମୟ ପରିସ୍ଥିତିକୁ ଦୃଷ୍ଟିରେ ରଖି କୌଣସି ଆଡମ୍ବରପୂର୍ଣ୍ଣ ଉତ୍ସବ ନକରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ଏହି ଦୁଇ ବର୍ଷର ପାଳନ କେବଳ ଜନକଲ୍ୟାଣକାରୀ ଯୋଜନାର ସଫଳତା ପ୍ରସାର କରିବାର ଏକ ମାଧ୍ୟମ ହେବା ଉଚିତ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର ଆସନ୍ତା ଜୁନ୍ ୧୨ ତାରିଖରେ ସଫଳତାର ଦୁଇ ବର୍ଷ ପୂରଣ କରିବାକୁ ଯାଉଛନ୍ତି। ତେବେ ପଶ୍ଚିମଏସିଆର ସାମ୍ପ୍ରତିକ ଅସ୍ଥିରତା ଓ ଦେଶର ସଂକଟମୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏଥିପାଇଁ କୌଣସି ଆଡମ୍ବରପୂର୍ଣ୍ଣ ଉତ୍ସବ ନକରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଲୋକସେବା ଭବନରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ୱଷ୍ଟ କରିଛନ୍ତି ଯେ, ସରକାରଙ୍କ ଏହି ଦୁଇ ବର୍ଷର ପାଳନ କେବଳ ଜନକଲ୍ୟାଣକାରୀ ଯୋଜନାର ସଫଳତା ପ୍ରସାର କରିବାର ଏକ ମାଧ୍ୟମ ହେବା ଉଚିତ। ଆସନ୍ତା ଜୁନ୍ ୧୨ରୁ ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟ ଓ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ, ଯେଉଁଥିରେ ସରକାରଙ୍କ ଉପଲବ୍ଧିକୁ ସାଧାରଣ ଲୋକଙ୍କ ପାଖରେ ପହଂଚାଇବା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏହି ୧୦ ଦିନିଆ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ରୂପେ ଜନକୈନ୍ଦ୍ରିକ କରାଯିବ। ବିଶେଷକରି ସାମ୍ବାଦିକ ସମ୍ମିଳନୀ, ପୁସ୍ତିକା ପ୍ରକାଶନ ଏବଂ ସାମାଜିକ ଗଣମାଧ୍ୟମ ଜରିଆରେ ବିଭିନ୍ନ ବିଭାଗର ସଫଳତାର ସୂଚନା ଦେବାକୁ ମନ୍ତ୍ରୀମାନଙ୍କୁ ଉଗ ଗକ୍ଷବଭ ଉଷବକ୍ଷବଭ ଗବହକ୍ଷସ ପରାମର୍ଶ ଦେଇଛନ୍ତି। ଶକ୍ତି ଓଡ଼ିଶା, ସମୃଦ୍ଧ କୃଷି ଓଡ଼ିଶା, ସୁସ୍ଥ ଓଡ଼ିଶା ଭଳି ୭ଟି ସ୍ୱତନ୍ତ୍ର ଥିମକୁ ନେଇ ସରକାର ଲୋକଙ୍କ ନିକଟତର ହେବାକୁ ଯୋଜନା କରିଛନ୍ତି। ଏଥିସହିତ ୨୦୩୬ ମସିହା ପାଇଁ ସରକାରଙ୍କ ଦୂରଦୃଷ୍ଟି ସମ୍ପର୍କରେ ମଧ୍ୟ ଲୋକଙ୍କୁ ଅବଗତ କରାଯିବ। ସେହିପରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପାଳନ ଉତ୍ସବରେ ଅନାବଶ୍ୟକ ଖର୍ଚ୍ଚ ନକରି ସାଂକେତିକ ଓ ନିରାଡମ୍ବର ଭାବେ ପାଳନ କରାଯିବ। ଜୁନ୍ ୧୨ରୁ ୧୦ ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିବ। ଦୁଇ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟକୁ ଆସିବା ପାଇଁ ଆମେ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିବୁ, ସେ ସମୟ ସ୍ଥିର କଲେ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହେବ। ଏହାସହ ଜୁନ୍ ୧ରୁ ସମସ୍ତ ବିଭାଗର ରିପୋର୍ଟ କାର୍ଡ ପ୍ରକାଶ ପାଇବ। ମୁଖ୍ୟମନ୍ତ୍ରୀ ଏହାକୁ ଉନ୍ମୋଚନ କରିବା ପରେ ସମ୍ପୃକ୍ତ ବିଭାଗର ମନ୍ତ୍ରୀ ଓ ସଚିବମାନେ ସାମ୍ବାଦିକ ସମ୍ମିଳନୀ କରି ବିଭାଗୀୟ ସଫଳତା ସମ୍ପର୍କରେ ସୂଚନା ଦେବେ। ସରକାରଙ୍କ ସ୍ୱଚ୍ଛତା ଓ ସେବା ପ୍ରତି ରହିଥିବା ପ୍ରତିବଦ୍ଧତାକୁ ଏହି ରିପୋର୍ଟ କାର୍ଡ ପ୍ରତିଫଳିତ କରିବ ବୋଲି ସେ କହିଛନ୍ତି।

# ମିଛ ଚାକିରି - ସତ ଦରମା ଟଙ୍କା ହଡ଼ପ ଘଟଣାରେ ଜଣେ ଗିରଫ

କଟକ, ୧୬/୦୫ (ଜେଏନଏସ) : କଟକ ଡିଇଓଙ୍କ କାର୍ଯ୍ୟାଳୟରେ ୨୦୧୮ ଡିସେମ୍ବର ୩୧ ରୁ ୨୦୨୧ ଅକ୍ଟୋବର ୧୬ ମଧ୍ୟରେ ଦରମା ପ୍ରଦାନ ରେକର୍ଡରେ ଦେଖାଦେଇଥିବା ଅସଙ୍ଗତିକୁ ଭଲ ଭାବେ ଯାଞ୍ଚ କରିବା ପରେ ଓଡ଼ିଶା ଭିଜିଲାନ୍ସ ସୁବାସ ଚନ୍ଦ୍ର ସାହୁଙ୍କୁ ଗିରଫ କରିଛି। କଟକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ହୋଇଥିବା ବଡ଼ ଧରଣର ଆର୍ଥିକ ଅନିୟମିତତା ଘଟଣାରେ ଗୁରୁବାର ଜଣେ କର୍ମଚାରୀଙ୍କୁ ଗିରଫ କରିଛି ଭିଜିଲାନ୍ସ। ତାଙ୍କ ନାଁ ସୁବାସ ଚନ୍ଦ୍ର ସାହୁ। ସେ ବର୍ତ୍ତମାନ ନରାଜ ସ୍ଥିତ ସିଦ୍ଧେଶ୍ୱର ବିଦ୍ୟାମନ୍ଦିରରେ କାର୍ଯ୍ୟରତ ଅଛନ୍ତି। ସେ କଟକ ଡିଇଓ କାର୍ଯ୍ୟାଳୟରେ ଥିବା ବେଳେ ୫୧ ଲକ୍ଷ ୫୩ ହଜାର ୬୪୦ ଟଙ୍କାର ସରକାରୀ ପାଣ୍ଠି ହେରଫେର କରିଥିବା ଅଭିଯୋଗ ହୋଇଛି। କଟକ ଡିଇଓଙ୍କ କାର୍ଯ୍ୟାଳୟରେ ୨୦୧୮ ଡିସେମ୍ବର ୩୧ ରୁ ୨୦୨୧ ଅକ୍ଟୋବର ୧୬ ମଧ୍ୟରେ ଦରମା ପ୍ରଦାନ ରେକର୍ଡରେ ଦେଖା ଦେଇଥିବା ଅସଙ୍ଗତିକୁ ଭଲ ଭାବେ ଯାଞ୍ଚ କରିବା ପରେ ଓଡ଼ିଶା ଭିଜିଲାନ୍ସ ସୁବାସଚନ୍ଦ୍ର ସାହୁଙ୍କୁ ଗିରଫ କରିଛି।

ତଦନ୍ତରୁ ଜଣାପଡ଼ିଛି ଯେ, ସରକାରୀ ପୋର୍ଟାଲରେ ହେରଫେର କରି ଏହି ଜାଲିଆତି କରାଯାଇଥିଲା। ସୁବାସଚନ୍ଦ୍ର ସାହୁ କଟକ ଡିଇଓ କାର୍ଯ୍ୟାଳୟର ଆକାଉଣ୍ଟସ୍ ସେକ୍ସନରେ ଥିବା ବେଳେ ତାଙ୍କୁ ହ୍ୟୁମାନ ରିସୋର୍ସ ମ୍ୟାନେଜମେଣ୍ଟ ସିଷ୍ଟମ ଏବଂ ଇଣ୍ଟିଗ୍ରେଟେଡ୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟ ସିଷ୍ଟମର ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ସେହି ସମୟରେ ସେ ଡ୍ରଇଂ ଏବଂ ଡିସବର୍ସିଂ ଅଫିସରଙ୍କ ଗୋପନୀୟ ତଥ୍ୟ ଅନଧିକୃତ ଭାବେ ହାସଲ କରିଥିବା ଅଭିଯୋଗ ହୋଇଛି। ସେ ଜାଲିଆତି କରି ଏଚଆରଏମଏସ ପୋର୍ଟାଲରେ ଚାରି ଜଣ ବାହାର ବ୍ୟକ୍ତିଙ୍କ ନାମ ସରକାରୀ କର୍ମଚାରୀ ଭାବେ ଅନ୍ତର୍ଭୁକ୍ତ କରିଥିଲେ। ସେହି ଚାରିଜଣଙ୍କ ଆକାଉଣ୍ଟକୁ ଦରମା ବାବଦ ଟଙ୍କା ପଠାଯାଉଥିଲା ଏବଂ ଯେଉଁଦିନ ସେମାନଙ୍କ ଆକାଉଣ୍ଟକୁ ଟଙ୍କା ଆସୁଥିଲା, ସେହି ଦିନ ହିଁ ସମସ୍ତ ଅର୍ଥ ଶ୍ରୀ ସାହୁଙ୍କ ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରି ଦେଉଥିଲେ। ଏହି ସନ୍ଦର୍ଭରେ, ଦୁର୍ନୀତି ନିବାରଣ ଆଇନ ୨୦୧୮ ଅନୁଯାୟୀ କଟକ ଭିଜିଲାନ୍ସ ଥାନାରେ କେସ୍ ନମ୍ବର ୧୮/ ୨୦୨୬ ପଞ୍ଜିକୃତ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଆଜି ଭଦ୍ରକ କାଡ଼ା ଡିଭିଜନ ଯନ୍ତ୍ରୀ ବିଜୟ ମହାନ୍ତିଙ୍କ ଘରେ ଭିଜିଲାନ୍ସ ରେଡ କରିଛି।

# ଭିଜିଲାନ୍ସ ଜାଲରେ କନିଷ୍ଠ ଯନ୍ତ୍ରୀ : ୨ କୋଠା, ୭ ପ୍ଲଟ୍, ୧.୭୩ ଲକ୍ଷ ନଗଦ ଟଙ୍କା ସହ ସମ୍ପତ୍ତି ଠାବ

ଭୁବନେଶ୍ୱର, ୧୬/୦୫ (ଜେଏନଏସ) : ଯନ୍ତ୍ରୀଙ୍କର ୭ଟି ପ୍ଲଟ୍ ଠାବ କରିଛି ଭିଜିଲାନ୍ସ। ଏହି ପ୍ଲଟ୍ ଗୁଡ଼ିକ ମଧ୍ୟରୁ ଭଦ୍ରକ ସହରରେ ୨ଟି ଥିବା ବେଳେ ଗୋଟିଏ ଭୁବନେଶ୍ୱର ଉପକଣ୍ଠରେ, ୩ଟି ବସ୍ତା ସହରରେ ଓ ଗୋଟିଏ ରାସଗୋବିନ୍ଦପୁରର ଅମର୍ଦାରେ ରହିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୁରୁବାର ଭଦ୍ରକ କମାଣ୍ଡ ଏରିଆ ଡେଭେଲପମେଣ୍ଟ ଡିଭିଜନର କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ମହାନ୍ତିଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଭଦ୍ରକ ଗ୍ରାମାଞ୍ଚଳ ଥାନା ଆରଡ଼ି ଛକ ସ୍ଥିତ ତାଙ୍କ ବାସଭବନ ସହିତ ନରିପୁର ସ୍ଥିତ ଅଫିସ, ଭୁବନେଶ୍ୱର, କେନ୍ଦୁଝର ଓ ବାଲେଶ୍ୱରରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ତାଙ୍କର ୨ଟି କୋଠା, ୭ଟି ପ୍ଲଟ୍ ଓ ଅନ୍ୟାନ୍ୟ ସଂପତ୍ତି ଠାବ କରିଛି ଭିଜିଲାନ୍ସ। ଭଦ୍ରକ ସହରର ସମରାଇପୁରରେ କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ମହାନ୍ତିଙ୍କର ଏକ ତିନି ମହଲା କୋଠା ଅଛି। ଏହା ପ୍ରାୟ ୩ ହଜାର ୫୦୦ ବର୍ଗଫୁଟ ଜାଗାରେ ନିର୍ମାଣ ହୋଇଛି। ସେହିପରି ବାଲେଶ୍ୱର ଜିଲ୍ଲା ବସ୍ତାର ନରସିଙ୍ଗଡିହାରେ ତାଙ୍କର ଏକ ୨ ମହଲା କୋଠା ଅଛି। ଏହା ୨ ହଜାର ୬୦୦ ବର୍ଗଫୁଟ୍ ଜାଗାରେ ନିର୍ମିତ ହୋଇଛି। ଶ୍ରୀ ମହାନ୍ତିଙ୍କର ୭ଟି ପ୍ଲଟ୍ ଠାବ କରିଛି ଭିଜିଲାନ୍ସ। ଏହି ପ୍ଲଟ୍ ଗୁଡ଼ିକ ମଧ୍ୟରୁ ଭଦ୍ରକ ସହରରେ ୨ଟି ଥିବା ବେଳେ ଗୋଟିଏ ଭୁବନେଶ୍ୱର ଉପକଣ୍ଠରେ, ୩ଟି ବସ୍ତା ସହରରେ ଓ ଗୋଟିଏ ରାସଗୋବିନ୍ଦପୁରର ଅମର୍ଦାରେ ରହିଛି। ରେଡ୍ ବେଳେ ଶ୍ରୀ ମହାନ୍ତିଙ୍କ ଘରୁ ନଗଦ ୧ ଲକ୍ଷ ୭୩ ହଜାର ୧୮୦ ଟଙ୍କା ମିଳିଛି। ଏହା ବାଦ୍ ତାଙ୍କର ବ୍ୟାଙ୍କ, ଡାକ ଘର ଓ ଅନ୍ୟାନ୍ୟ ନିବେଶ ରହିଛି। ତାଙ୍କର ୩ଟି ଦୁଇ ଚକିଆ ଗାଡ଼ି ଅଛି। ଭିଜିଲାନ୍ସ ପକ୍ଷରୁ ଏହି ମାମଲାରେ ତଦନ୍ତ ଜାରି ରହିଛି।

# ୩ ବର୍ଷରୁ ଅଧିକ ରହିଲେ ବଦଳି

ଭୁବନେଶ୍ୱର, ୧୬/୦୫ (ଜେଏନଏସ) : ରାଜସ୍ୱ ପ୍ରଶାସନ ଅଧୀନରେ କାର୍ଯ୍ୟରତ କର୍ମଚାରୀ ଓ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ବଦଳି ଏବଂ ରୋଟେସନ୍ ପ୍ରକ୍ରିୟାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି। ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ବିଭାଗରେ କାର୍ଯ୍ୟରତ ସେକ୍ସନ୍ ଅଫିସର, ବରିଷ୍ଠ ରାଜସ୍ୱ ସହାୟକ, କନିଷ୍ଠ ରାଜସ୍ୱ ସହାୟକ ଏବଂ କ୍ଷେତ୍ରସ୍ତରରେ କାର୍ଯ୍ୟରତ ରାଜସ୍ୱ ସୁପରଭାଇଜର, ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ, ଅମିନ ପ୍ରମୁଖ କର୍ମଚାରୀ; ଯେଉଁମାନେ ଗୋଟିଏ କାର୍ଯ୍ୟାଳୟରେ ତିନିବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରତ ଅଛନ୍ତି, ସେମାନଙ୍କର ବଦଳି ଓ ରୋଟେସନ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳ, ଉପଜିଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ, ତହସିଲ କାର୍ଯ୍ୟାଳୟରେ ପ୍ରଶାସନିକ କାର୍ଯ୍ୟଦକ୍ଷତା, ସ୍ୱଚ୍ଛତା ଓ ପାରଦର୍ଶିତା ବଜାୟ ରଖିବା ଉଦ୍ଦେଶ୍ୟରେ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ସମସ୍ତ ଜିଲାପାଳଙ୍କୁ ଚଳିତ ବଦଳି ଋତୁ ମଧ୍ୟରେ ଅର୍ଥାତ ଜୁନ ୧୫ ସୁଦ୍ଧା ସମ୍ପୂର୍ଣ୍ଣ ବଦଳି ଓ ରୋଟେସନ୍ ପ୍ରକ୍ରିୟା ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତିନିବର୍ଷରୁ ଅଧିକ ସମୟ ଧରି ଗୋଟିଏ କାର୍ଯ୍ୟାଳୟ କିମ୍ବା ପ୍ରତିଷ୍ଠାନରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ବଦଳି ସରକାରଙ୍କ ପ୍ରଚଳିତ ନୀତି ଏବଂ ନିର୍ଦ୍ଦେଶାବଳୀ ଅନୁସାରେ ଅନୁପାଳନ ସୁନିଶ୍ଚିତ କରିବାକୁ କୁହାଯାଇଛି। ବଦଳି ପ୍ରକ୍ରିୟା ସମ୍ପନ୍ନ ହେବା ପରେ ବିସ୍ତୃତ ରିପୋର୍ଟ ତୁରନ୍ତ ବିଭାଗକୁ ପ୍ରେରଣ କରିବାକୁ ନିର୍ଦ୍ଦେଶ ରହିଛି।

# ସରକାରଙ୍କ ୨ ବର୍ଷ ପୂର୍ତ୍ତି : ନିରାଡ଼ମ୍ବର ପାଳନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ




ଭୁବନେଶ୍ୱର, ୧୬/୦୫ (ଜେଏନଏସ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଲୋକସେବା ଭବନରେ ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯେହେତୁ ବର୍ତ୍ତମାନ ପଶ୍ଚିମ-ଏସିଆ ପରିସ୍ଥିତି ଯୋଗୁ ସମଗ୍ର ଦେଶ ଏକ ସଂକଟମୟ ପରିସ୍ଥିତି ଦେଇ ଗତି କରୁଛି, ସେଥିପାଇଁ ଏହି ଉତ୍ସବକୁ ନିରାଡମ୍ବର ଭାବେ ପାଳନ କରାଯିବାପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବ୍ୟାପକ ଉତ୍ସବ ପାଳନ ବଦଳରେ ୨ ବର୍ଷର ଉପଲବ୍ଧି ଉପରେ ଅଧିକ ଫୋକସ କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସରକାରଙ୍କ ଏହି ଉପଲବ୍ଧି ହେଉଛି ଲୋକଙ୍କ ପାଇଁ, ତେଣୁ ଏହି ସଫଳତା ଯେପରି ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିବ ସେଥିପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିପାଇଁ ପ୍ରିଣ୍ଟ, ଇଲୋକ୍ଟ୍ରୋନିକ୍ସ, ସାମାଜିକ ଗଣମାଧ୍ୟମରେ ସରକାରଙ୍କ ଉପଲବ୍ଧିର ପ୍ରସାର ସହିତ ପୁସ୍ତିକା ପ୍ରକାଶନ କରାଯିବ। ଏଥିସହିତ କାର୍ଯ୍ୟକାରୀ ହୋଇଥିବା ପ୍ରତ୍ୟେକ ଜନକଲ୍ୟାଣକାରୀ ଯୋଜନା ମାଧ୍ୟମରେ ସାଧାରଣ ଲୋକ କିଭଳି ଉପକୃତ ହେଉଛନ୍ତି ତାର ଚିତ୍ର ସର୍ବସାଧାରଣକୁ ଆଣିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଆଗାମୀ ଜୁନ୍ ୧୨ ତାରିଖରେ ରାଜ୍ୟ ସରକାରଙ୍କର ୨ ବର୍ଷ ପୂର୍ତ୍ତି ପାଳନ କରାଯିବ। ଏଥିପାଇଁ ଜୁନ୍ ୧୨ରୁ ୨୧ ପର୍ଯ୍ୟନ୍ତ ଉଭୟ ରାଜ୍ୟ ଓ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ବିଭାଗର ସଫଳତାକୁ ସନ୍ନିବେଶିତ କରି ଶକ୍ତି ଓଡ଼ିଶା, ସମୃଦ୍ଧ କୃଷି ଓଡ଼ିଶା, ସୁସ୍ଥ ଓଡ଼ିଶା, ନିର୍ମାଣ ଓଡ଼ିଶା, ଉତ୍କର୍ଷ ଓଡ଼ିଶା, ଜନଶକ୍ତି ଓଡ଼ିଶା ଏବଂ କୌଶଳ ଓଡ଼ିଶା ଆଦି ୭ଟି ଥିମ୍‌ରେ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ । ଏଥିସହିତ ୨୦୨୬ରୁ ୨୦୩୬ ପର୍ଯ୍ୟନ୍ତ ସରକାରଙ୍କ ଲକ୍ଷ୍ୟ ଏବଂ ଆଭିମୁଖ୍ୟ ଗୁଡିକ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ରହିବ। ବିଭାଗୀୟ ମନ୍ତ୍ରୀମାନେ ୨ ବର୍ଷ ମଧ୍ୟରେ ନିଜ ନିଜ ବିଭାଗରେ ହାସଲ ହୋଇଥିବା ସଫଳତା ବିଷୟରେ ସାମ୍ବାଦିକ ସମ୍ମିଳନୀ କରିବା ସହିତ ବିଭାଗ ଗୁଡିକର ସଫଳତା ସମ୍ପର୍କିତ ଲିଫଲେଟ୍, ପୁସ୍ତିକା ପ୍ରକାଶନ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ମାଧ୍ୟମରେ ରାଜ୍ୟର ସମୃଦ୍ଧି ଓ ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ ଆମର ଯେଉଁ ଆଭିମୁଖ୍ୟ ରହିଛି, ତାହା ଲୋକଙ୍କ ପାଖରେ ପହଞ୍ଚାଇବାରେ ଆମେ ସଫଳ ହେବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଏବଂ ବିଭିନ୍ନ ବିଭାଗର ସଚିବସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ନିଗମ ଓ ବୋର୍ଡରେ ଥଇଥାନ ପାଇଁ କସରତ୍ ଆରମ୍ଭ ତଥ୍ୟ ମାଗିଲେ ସରକାର, ଜୋର ଧରିଲା ଲବି




ଭୁବନେଶ୍ୱର, ୧୬/୦୫ (ଜେଏନଏସ) : ସରକାରୀସ୍ତରରେ ପିଏସୟୁ ଗୁଡ଼ିକରେ ନିଯୁକ୍ତି ପାଇଁ ତତ୍ପରତା ପ୍ରକାଶ ପାଇବା ପରେ ରାଜନୀତିକ ମହଲରେ ଉଷ୍ମତା ବୃଦ୍ଧି ପାଇଛି। ପିଏସୟୁରେ ଥଇଥାନ ଆଶାୟୀମାନେ ନିଜର ଲବି ଜୋରଦାର କରିବାରେ ଲାଗିଥିବା ଦଳୀୟ ମହଲରୁ ଜଣାପଡ଼ିଛି। ରାଜ୍ୟ ବିଜେପିର ଆଗଧାଡ଼ିର ନେତା-କର୍ମୀମାନେ ଖୁବଶୀଘ୍ର ସରକାରୀ ପଦପଦବୀରେ ଥଇଥାନ ହେବେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର କସରତ ଆରମ୍ଭ କରିଛନ୍ତି। ଆସନ୍ତା ମାସରେ ମୋହନ ମାଝୀଙ୍କ ସରକାର ଦୁଇବର୍ଷ ପୂରଣ କରିବାକୁ ଯାଉଥିବାବେଳେ ଏହାପୂର୍ବରୁ ଦଳୀୟ ନେତାମାନଙ୍କୁ ବିଭିନ୍ନ ନିଗମ ଓ ବୋର୍ଡରେ ନିଯୁକ୍ତି ମିଳିବାର ସମ୍ଭାବନା ସୃଷ୍ଟି ହୋଇଛି।

ରାଜ୍ୟ ସରକାରଙ୍କ ସମସ୍ତ ୪୪ଟି ସରକାରୀ ଉଦ୍ୟୋଗ (ପିଏସୟୁ)କୁ ନିର୍ଦ୍ଧାରିତ ଫର୍ମାଟରେ ତଥ୍ୟ ମାଗିବା ପରେ ଶାସକ ବିଜେପିରେ ଆଶାୟୀମାନେ ନିଜର ଲବି ଜୋରଦାର କରିଥିବା ଜଣାପଡ଼ିଛି। ଗତମାସରେ ରାଜ୍ୟ ସରକାର ୨୩ଟି ଜିଲ୍ଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଭାବେ ୪୬ଜଣ ବିଜେପି ନେତାନେତ୍ରୀଙ୍କୁ ନିଯୁକ୍ତି ଦେଇଥିଲେ। ସୂଚନା ଅନୁସାରେ, ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ଦେବବ୍ରତ ମଲ୍ଲିକ ଗତ ଶୁକ୍ରବାର(ମଇ ୮ତାରିଖ) ସାଧାରଣ ଉଦ୍ୟୋଗ ସଚିବଙ୍କୁ ଚିଠି ଲେଖି ରାଜ୍ୟର ସମସ୍ତ ପିଏସୟୁରେ ନୂଆ ସରକାର ଆସିବା ପରେ ହୋଇଥିବା ନିଯୁକ୍ତି ଓ ଖାଲିଥିବା ପଦବୀର ସଦ୍ୟତମ ବିବରଣୀ ତୁରନ୍ତ ଇ-ମେଲ୍ ମାଧ୍ୟମରେ ପଠାଇବାକୁ କହିଥିଲେ । ସାଧାରଣ ପ୍ରଶାସନର ଏହି ଚିଠି ପାଇବା ପରେ ଗତ ସୋମବାର ରାଜ୍ୟ ସାଧାରଣ ଉଦ୍ୟୋଗ ବିଭାଗ ପକ୍ଷରୁ ସମସ୍ତ ୪୪ଟି ସରକାରୀ ଉଦ୍ୟୋଗ(ବୋର୍ଡ ଓ ନିଗମ ଆଦି)ର ପରିଚାଳନା ନିର୍ଦ୍ଦେଶକ ଓ ସିଇଓଙ୍କୁ ଆବଶ୍ୟକ ତଥ୍ୟ ଦେବାକୁ କୁହାଯାଇଛି। ୨୦୨୪ ଜୁନ୍ ୧୨ରେ ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର କ୍ଷମତାକୁ ଆସିଥିଲା।

ସାଧାରଣ ପ୍ରଶାସନ ବିଭାଗର ଚିଠି ଅନୁସାରେ, ୨୦୨୪ ଜୁନ୍ ୧୨ରୁ ୨୦୨୬ ଏପ୍ରିଲ ୩୦ତାରିଖ ମଧ୍ୟରେ କେଉଁ ପିଏସୟୁରେ କେତେ ଜଣଙ୍କୁ ନିଯୁକ୍ତି ଦିଆଯାଇଛି ଓ ଆଗାମୀ ଜୁନ୍ ୩୦ ତାରିଖ ସୁଦ୍ଧା କେଉଁ ସବୁ ପଦବୀରେ ନିଯୁକ୍ତି ଦିଆଯିବ ଏବଂ ଆଗାମୀ ଦିନରେ ଆଉ କେତେ ନିଯୁକ୍ତି ଦିଆଯିବାର ସମ୍ଭାବନା ରହିଛି ସେସବୁର ସମ୍ପୂର୍ଣ୍ଣ ରିପୋର୍ଟ ନିର୍ଦ୍ଧାରିତ ଫର୍ମାଟରେ ବିଭାଗକୁ ଇ-ମେଲରେ ଦେବାକୁ କୁହାଯାଇଛି। କେବଳ ସେତିକି ନୁହେଁ ପିଏସୟୁରେ ଖାଲି ପଡ଼ିଥିବା ପଦବୀ ଓ ମୋଟ୍ କର୍ମଚାରୀଙ୍କ ସଂଖ୍ୟା ମଧ୍ୟ ମଗାଯାଇଛି। ସମସ୍ତ ପିଏସୟୁ ଏହି ତଥ୍ୟ ଆଜିସୁଦ୍ଧା ଦେଇସାରିଥିବା ଜଣାପଡ଼ିଛି।

ସରକାରୀସ୍ତରରେ ପିଏସୟୁଗୁଡ଼ିକରେ ନିଯୁକ୍ତି ପାଇଁ ତତ୍ପରତା ପ୍ରକାଶ ପାଇବା ପରେ ରାଜନୀତିକ ମହଲରେ ଉଷ୍ମତା ବୃଦ୍ଧି ପାଇଛି। ପିଏସୟୁରେ ଥଇଥାନ ଆଶାୟୀମାନେ ନିଜର ଲବି ଜୋରଦାର କରିବାରେ ଲାଗିଥିବା ଦଳୀୟ ମହଲରୁ ଜଣାପଡ଼ିଛି। ଅବଶ୍ୟ ବୋର୍ଡ ଓ ନିଗମଗୁଡ଼ିକରେ ଖୁବଶୀଘ୍ର ନିଯୁକ୍ତି ଦିଆଯିବ ବୋଲି ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଓ ରାଜ୍ୟ ପ୍ରଭାରୀମାନେ ସଙ୍କେତ ଦେଇ ଆସୁଥିଲେ। ଦଳ ପକ୍ଷରୁ ଏହି ନେତାମାନଙ୍କ ତାଲିକା ଚୂଡ଼ାନ୍ତ ହୋଇଥିବାବେଳେ ଖୁବଶୀଘ୍ର ରାଜ୍ୟ ସରକାରଙ୍କ ବିଭିନ୍ନ ବୋର୍ଡ ଓ ନିଗମଗୁଡ଼ିକରେ ସେମାନଙ୍କୁ ଥଇଥାନ କରାଯିବ ବୋଲି ଜଣାପଡ଼ିଛି। ପଂଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେପି ସରକାର ଏହି ନିଯୁକ୍ତି ପ୍ରକ୍ରିୟାକୁ ବିଳମ୍ବ କରିବାକୁ ଚାହୁଁନଥିବା ସୂଚନା ମିଳିଛି। ବିଗତ ପ୍ରାୟ ଦୁଇବର୍ଷ ଧରି ସମସ୍ତ ସରକାରୀ ଉଦ୍ୟୋଗର ମୁଖ୍ୟ ଭାବେ ସରକାରୀ ଅଫିସରମାନେ କାର୍ଯ୍ୟରତ ଅଛନ୍ତି । ଉଲ୍ଲେଖଯୋଗ୍ୟ, ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବାର ପ୍ରାୟ ଦୁଇବର୍ଷ ବିତିବାକୁ ବସିଲାଣି କିନ୍ତୁ ସରକାରରେ କମସଂଖ୍ୟକ ଦଳୀୟ ନେତାମାନଙ୍କୁ ଥଇଥାନ କରାଯାଇଛି। ଗତ ଏପ୍ରିଲ ମାସରେ ଦଳର ୪୬ଜଣ ନେତାନେତ୍ରୀଙ୍କୁ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ(ଏସଡିସି)ରେ ମୋହନ ସରକାର ଥଇଥାନ କରିଥିଲେ। ନିତି ଆୟୋଗ ଢ଼ାଂଚାରେ ଗଠିତ 'ସିଟି ଓଡ଼ିଶା'ରେ ମଧ୍ୟ ରାଜନୀତିକ ନିଯୁକ୍ତି ହେବା ନେଇ ଦଳୀୟ ମହଲରେ ବିଚାରବିମର୍ଶ ଆରମ୍ଭ ହୋଇଥିବା ଜଣାପଡ଼ିଛି।

# ଧାନର ଏମଏସ୍‌ପି ୭୨ ଟଙ୍କା ବଢ଼ାଇଲେ କେନ୍ଦ୍ର ସରକାର



ଭୁବନେଶ୍ୱର, ୧୬/୦୫ (ଜେଏନଏସ) : ୨୦୨୬-୨୭ ଖରିଫ ଋତୁରେ ଚାଷୀମାନେ କ୍ୱିଣ୍ଟାଲ ପିଛା ଧାନରେ ୨,୪୪୧ ଟଙ୍କା ପାଇବେ। ଏହା ପୂର୍ବାପେକ୍ଷା ୭୨ ଟଙ୍କା ଅଧିକ। ସାଧାରଣ ଧାନ ପାଇଁ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୨୪୪୧ ଟଙ୍କା ଓ ଗ୍ରେଡ ଏ ଧାନ ପାଇଁ ୨୪୬୧ ଟଙ୍କା ମିଳିବ। ଆସନ୍ତା ଖରିଫ ଫସଲ ପାଇଁ ଆଜି କେନ୍ଦ୍ର ସରକାର ବିଭିନ୍ନ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସ୍‌ପି) ବୃଦ୍ଧି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା ଅର୍ଥନୀତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ ଆଜି ବିଭିନ୍ନ କୃଷି ଭିତ୍ତିକ ଦ୍ରବ୍ୟର ଏମଏସ୍‌ପି ବୃଦ୍ଧି ଉପରେ ମୋହର ମାରିଛନ୍ତି। ୨୦୨୬-୨୭ ଖରିଫ ଋତୁର ୧୪ଟି ଫସଲର ଏମଏସ୍‌ପିକୁ ବୃଦ୍ଧି କରାଯାଇଛି। କ୍ୟାବିନେଟ ନିଷ୍ପତ୍ତି ଅନୁସାରେ, ଧାନର ଏମଏସ୍‌ପି ୭୨ ଟଙ୍କା ବୃଦ୍ଧି ପାଇଛି। ଏଣିକି ଚାଷୀମାନେ ଧାନ କ୍ୱିଣ୍ଟାଲ ପିଛା ଅଧିକ ୭୨ ଟଙ୍କା ପାଇବେ। ସୂର୍ଯ୍ୟମୁଖୀ ମଞ୍ଜିର ଏମଏସ୍‌ପିକୁ କେନ୍ଦ୍ର ସରକାର ସବୁଠାରୁ ଅଧିକ ବୃଦ୍ଧି କରିଛନ୍ତି। ସୂର୍ଯ୍ୟମୁଖୀ ମଞ୍ଜିର ଏମଏସ୍‌ପି କ୍ୱିଣ୍ଟାଲ ପିଛା ୬୨୨ ଟଙ୍କା ବୃଦ୍ଧି ପାଇଥିବା ବେଳେ କଟନର ଏମଏସ୍‌ପି ୫୫୭ ଟଙ୍କା, ଆଳସର ଏମଏସ୍‌ପି ୫୧୫ ଟଙ୍କା ଓ ରାଶିର ଏମଏସପି କ୍ୱିଣ୍ଟାଲ ପିଛା ୫୦୦ ଟଙ୍କା ବୃଦ୍ଧି ହୋଇଛି। କେନ୍ଦ୍ର ସରକାରଙ୍କ କହିବା କଥା ଯେ ସଂଶୋଧିତ ଏମଏସପିକୁ ୨୦୧୮-୧୯ରେ ଘୋଷଣା ଅନୁସାରେ ଧାର୍ଯ୍ୟ କରାଯାଇଛି। ସର୍ବଭାରତୀୟ ସ୍ତରରେ ଉତ୍ପାଦନ ଖର୍ଚ୍ଚର ୧.୫ ଗୁଣ ସବୁବେଳେ ଏମଏସ୍‌ପି ରହିବ ବୋଲି ନିଷ୍ପତ୍ତି ହୋଇଥିଲା। ସେହି ଅନୁସାରେ ଏବେ ଏମଏସ୍‌ପିକୁ ବୃଦ୍ଧି କରାଯାଉଥିବା ସରକାର କହିଛନ୍ତି। ୨୦୨୬-୨୭ ଖରିଫ ଋତୁରେ ଚାଷୀମାନେ କ୍ୱିଣ୍ଟାଲ ପିଛା ଧାନରେ ୨,୪୪୧ ଟଙ୍କା ପାଇବେ। ଏହା ପୂର୍ବାପେକ୍ଷା ୭୨ ଟଙ୍କା ଅଧିକ। ସାଧାରଣ ଧାନ ପାଇଁ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୨୪୪୧ ଟଙ୍କା ଓ ଗ୍ରେଡ ଏ ଧାନ ପାଇଁ ୨୪୬୧ ଟଙ୍କା ମିଳିବ। ଏହା ଉତ୍ପାଦନ ଖର୍ଚ୍ଚ ତୁଳନାରେ ୫୦%ରୁ ଅଧିକ। ଚାଷୀଙ୍କୁ ମୋଟ ୨.୬୦ ଲକ୍ଷ କୋଟି ଟଙ୍କା ଦିଆଯିବ ଓ ସେମାନଙ୍କ ଠାରୁ ବାର୍ଷିକ ୮୨୪.୪୧ ଲକ୍ଷ ଟନ ଧାନ ସଂଗ୍ରହ କରାଯିବ ବୋଲି ସରକାରଙ୍କ ପକ୍ଷରୁ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ, ସୂର୍ଯ୍ୟମୁଖୀ ମଞ୍ଜି ବାବଦରେ ଚାଷୀମାନେ କ୍ୱିଣ୍ଟାଲ ପିଛା ୮,୩୪୩ ଟଙ୍କା ପାଇବେ, ଏହା ପୂର୍ବବର୍ଷ ତୁଳନାରେ ୬୨୨ ଟଙ୍କା ଅଧିକ। ସେହିପରି କଟନ(ମିଡିୟମ ଷ୍ଟାପ୍ଲେ) ପାଇଁ ୮,୨୬୭ ଟଙ୍କା ଓ ଲଙ୍ଗ ଷ୍ଟାପ୍ଲେ କଟନ ପାଇଁ ୮,୬୬୭ ଟଙ୍କା ମିଳିବ। ରାଶିର ଏମଏସ୍ ?ପି କ୍ୱିଣ୍ଟାଲ ପିଛା ୫୦୦ ଟଙ୍କା ବୃଦ୍ଧି ପାଇଥିବାରୁ ଚାଷୀମାନେ ଏଣିକି ୧୦,୩୪୬ ଟଙ୍କା ପାଇବେ।

## ପ୍ରକାଶ ପାଇଲା ସିବିଏସ୍‌ଇ ଦ୍ୱାଦଶ ରେଜଲ୍ଟ : ପାସ୍ ହାର ୩% କମିଲା



ଭୁବନେଶ୍ୱର, ୧୬/୦୫ (ଜେଏନଏସ) : ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ ହାର ଅଧିକ ରହିଛି। ଛାତ୍ରୀଙ୍କ ମୋଟ ପାସ୍ ହାର ୮୮.୮୬% ରହିଥିବା ବେଳେ ଛାତ୍ରଙ୍କ ପାସ ହାର ୮୨.୧୩% ରହିଛି। ଚଳିତ ବର୍ଷ ୧୭,୧୧୩ ଜଣ ପିଲା ୯୫%ରୁ ଅଧିକ ମାର୍କ ରଖିଛନ୍ତି। ପ୍ରକାଶ ପାଇଛି ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ରେଜଲ୍ଟ। ଚଳିତ ବର୍ଷ ପ୍ରାୟ ୧୮ ଲକ୍ଷ ଶିକ୍ଷାର୍ଥୀ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇଥିଲେ। ଏବେ ସେମାନେ results.cbse.nic.in, ଡିଜିଲକର୍ ଓ ଉମଙ୍ଗ ଆପ୍‌ରେ ନିଜର ରେଜଲ୍ଟ ଦେଖିପାରିବେ। ଚଳିତ ବର୍ଷ ପାସ ହାର ୮୫.୨୦% ରହିଛି। ଏହା ଗତବର୍ଷ ତୁଳନାରେ ୩.୧୯% କମ। ଗତବର୍ଷ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀର ପାସ ହାର ୮୮.୩୯% ରହିଥିଲା। ଅର୍ଥାତ ଏଥର ପାସ ହାର କମି ଯାଇଛି। ୨୦୨୬ରେ ପୁଣି ଥରେ ପୁଅଙ୍କୁ ପଛରେ ପକାଇଛନ୍ତି ଝିଅ। ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ ହାର ଅଧିକ ରହିଛି। ଛାତ୍ରୀଙ୍କ ମୋଟ ପାସ୍ ହାର ୮୮.୮୬% ରହିଥିବା ବେଳେ ଛାତ୍ରଙ୍କ ପାସ ହାର ୮୨.୧୩% ରହିଛି। ଚଳିତ ବର୍ଷ ୧୭,୧୧୩ ଜଣ ପିଲା ୯୫%ରୁ ଅଧିକ ମାର୍କ ରଖିଛନ୍ତି। ୯୦%ରୁ ଅଧିକ ମାର୍କ ରଖିଥିବା ପିଲାଙ୍କ ସଂଖ୍ୟା ୯୪,୦୨୮। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଯେ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇଥିବା ସମସ୍ତ ତୃତୀୟ ଲିଙ୍ଗ ଶିକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଅର୍ଥାତ ସେମାନଙ୍କ ପାସ ହାର ୧୦୦% ରହିଛି। ରିଜନ ସ୍ତରରେ ପରୀକ୍ଷା ରେଜଲ୍ଟକୁ ବିଚାର କଲେ ସବୁ ଥର ଭଳି ଏଥର ମଧ୍ୟ ତ୍ରିବେନ୍ଦ୍ରମ ୧ନଂରେ ରହିଛି। ଏହି ରିଜନରେ ପାସ୍ ହାର ରେକର୍ଡ ୯୫,୬୨% ରହିଛି। ଏହା ପଛକୁ ଚେନ୍ନାଇରେ ପାସ ହାର ୯୩.୮୪%, ବେଙ୍ଗାଲୁରୁରେ ୯୩.୧୯%, ଦିଲ୍ଲୀ ୱେଷ୍ଟରେ ୯୨.୩୪%, ଦିଲ୍ଲୀ ଇଷ୍ଟରରେ ୯୧.୭୩% ପିଲା ପାସ୍ କରିଛନ୍ତି। ସବୁଠାରୁ କମ ପିଲା ପାସ କରିଥିବା ରିଜନ ହେଉଛି ପ୍ରୟାଗରାଜ। ଏଠାରେ ପାସ ହାର ମାତ୍ର ୭୨.୪୩% ରହିଛି। ସେହିପରି ଭୁବନେଶ୍ୱର ରିଜନରେ ପାସ ହାର ୮୧.୭୧% ରହିଥିବା ବେଳେ ଲକ୍ଷ୍ନୌରେ ପାସ ହାର ହେଉଛି ୮୫୧.୦୧%। ବିଦେଶ ସ୍କୁଲରେ ପାସ ହାର ଯଥେଷ୍ଟ ହ୍ରାସ ପାଇଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ବିଦେଶ ସ୍କୁଲରେ ପାସ ହାର ଅତ୍ୟନ୍ତ ନିରାଶ କରିଛି। ୨୦୨୫ରେ ବିଦେଶ ସ୍କୁଲରେ ପାସ ହାର ୯୫.୦୧% ରହିଥିଲା। କିନ୍ତୁ ଚଳିତ ବର୍ଷ ପାସ ହାର ୯୦.୫୦%କୁ ଖସି ଆସିଛି। ବିଦେଶ ସ୍କୁଲର ୨୪,୦୪୭ ଜଣ ଶିକ୍ଷାର୍ଥୀ ପରୀକ୍ଷା ଦେବାକୁ ପଞ୍ଜିକରଣ କରିଥିଲେ। ଏମାନଙ୍କ ମଧ୍ୟରୁ ୨୪,୦୦୯ ଜଣ ପରୀକ୍ଷା ଦେଇଥିଲେ। ଏବେ ୨୧,୭୨୮ ଜଣ ପିଲା ପାସ କରିଛନ୍ତି। ଅର୍ଥାତ ପାସ ହାର ୯୦.୫୦% ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଦେଶରେ ଅଘୋଷିତ...

ସୁରକ୍ଷା ପାଇଁ ଏକ ଶୃଙ୍ଖଳିତ ଏବଂ ଦୃଢ଼ ନେତୃତ୍ୱ ବୋଲି ଦର୍ଶାଉଛନ୍ତି। ସାମ୍ପ୍ରତିକ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ କାର୍-ପୁଲିଂ କରିବା ଏବଂ ସରକାରୀ ଗାଡ଼ିର ବ୍ୟବହାର କମାଇବା ପାଇଁ ପରାମର୍ଶ ଦେଇଛନ୍ତି, ଯାହା କିଛି ମାତ୍ରାରେ ବିଜୁ ବାବୁଙ୍କ ସେହି ପୁରୁଣା ସରଳ ଓ ମିତବ୍ୟୟୀ ଚିନ୍ତାଧାରା ସହ ମେଳ ଖାଉଛି। ଅତୀତର ଜରୁରୀକାଳୀନ ପରିସ୍ଥିତି ସମୟରେ ବିଜୁ ବାବୁଙ୍କର ସେହି ସାଇକେଲ ଚଳାଇବାର ସାଧାରଣ ଶୈଳୀ ଜନସାଧାରଣଙ୍କ ସ୍ୱରକୁ ପ୍ରତିଫଳିତ କରୁଥିଲା। ଆଜିର ବଦଳୁଥିବା ଅର୍ଥନୀତି ଏବଂ ମୋଦୀ ଶାସନ କାଳରେ, ସେହି ସରଳ ଜୀବନଯାପନ ଏବଂ ପ୍ରତିବାଦର ପ୍ରତୀକ ଆଜିର ଯୁବପିଢ଼ି ପାଇଁ ଏକ ବଡ଼ ଶିକ୍ଷା ଓ ପ୍ରେରଣା ହୋଇ ରହିଛି।

ସରକାରଙ୍କ ନୀତିକୁ ସମାଲୋଚନା କରୁଥିବା ସାମ୍ବାଦିକ, ସାମାଜିକ କର୍ମୀ ଏବଂ ବୁଦ୍ଧିଜୀବୀମାନଙ୍କୁ ବିଭିନ୍ନ ଆଇନଗତ ମାମଲାରେ ଛନ୍ଦି ଦିଆଯାଉଥିବା କୁହାଯାଉଛି। ବିରୋଧୀଙ୍କ ବିନା ଆଲୋଚନାରେ କିମ୍ବା ବହୁ ସଂଖ୍ୟାରେ ସାଂସଦମାନଙ୍କୁ ନିଲମ୍ବିତ କରି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ କରାଯାଉଥିବାରୁ ଏହାକୁ ୧୯୭୫ର ଜରୁରୀକାଳୀନ ପରିସ୍ଥିତି ସହ ତୁଳନା କରାଯାଉଛି। ଖାଉଟି ସାମଗ୍ରୀ, ଔଷଧ ଏବଂ ନିତ୍ୟବ୍ୟବହାର୍ଯ୍ୟ ଜିନିଷର ଅହେତୁକ ମୂଲ୍ୟବୃଦ୍ଧି ସାଧାରଣ ଜନତାଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି। ବେକାରୀ ସମସ୍ୟା: ଦେଶରେ ଶିକ୍ଷିତ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗର ଅଭାବ ଏବଂ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଗୁଡ଼ିକ ବନ୍ଦ ହେବା କାରଣରୁ ରୋଜଗାର ହ୍ରାସ ପାଇଛି। ସରକାରୀ ସ୍ତରରେ ଦେଶର ଋଣ ପରିମାଣ ବଢ଼ୁଥିବା ବେଳେ ଧନୀ ଓ ଗରିବଙ୍କ ମଧ୍ୟରେ ଥିବା ଆର୍ଥିକ ବ୍ୟବଧାନ ଆହୁରି ସଂକୁଚିତ ହେବା ପରିବର୍ତ୍ତେ ବୃଦ୍ଧି ପାଉଛି। ସରକାରଙ୍କ ମତରେ ଭାରତ ବର୍ତ୍ତମାନ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବଢ଼ୁଥିବା ପ୍ରମୁଖ ଅର୍ଥନୀତି ଏବଂ ବିଶ୍ୱର ୫ମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ସରକାରୀ ନିଷ୍ପତ୍ତିଗୁଡ଼ିକୁ ଏକଛତ୍ରବାଦୀ ନୁହେଁ, ବରଂ ଦେଶର ସୁରକ୍ଷା, ଦୁର୍ନୀତି ନିବାରଣ ଏବଂ ଶୃଙ୍ଖଳିତ ଶାସନ ପାଇଁ କଡ଼ା ପଦକ୍ଷେପ ବୋଲି ଦର୍ଶାଯାଉଛି।

ଓଡ଼ିଶାର ଏବଂ ସମଗ୍ର ଦେଶର କିଛି ପ୍ରମୁଖ ତଥ୍ୟ, ଯାହା ବର୍ତ୍ତମାନର ଆର୍ଥିକ ଏବଂ ରାଜନୈତିକ ସ୍ଥିତିକୁ ସ୍ପଷ୍ଟ କରୁଛି। ଖାଦ୍ୟ ସାମଗ୍ରୀ (ବିଶେଷ କରି ପନିପରିବା, ଡାଲି ଓ ମସଲା) ର ମୂଲ୍ୟ ବୃଦ୍ଧି ଯୋଗୁଁ ସାଧାରଣ ଖାଉଟି ସୀମିତ ବଜେଟ୍ ମଧ୍ୟରେ ଚଳିବା କଷ୍ଟକର ହେଉଛି ଦେଶର ଶିକ୍ଷିତ ଯୁବପିଢ଼ିଙ୍କ ମଧ୍ୟରେ ନିଯୁକ୍ତିର ସୁଯୋଗ କମ୍ ଥିବାରୁ ଏହା ଅର୍ଥନୀତି ପାଇଁ ଏକ ବଡ଼ ଆହ୍ୱାନ ସାଜିଛି। ଅନ୍ୟପଟେ, ବିଶ୍ୱ ସ୍ତରୀୟ ମାନ୍ଦାବସ୍ଥା ସତ୍ତ୍ୱେ ଭାରତର ସାମଗ୍ରିକ ଘରୋଇ ଉତ୍ପାଦ ଅଭିବୃଦ୍ଧି ହାର ପ୍ରାୟ ୬.୫% ରୁ ୭% ମଧ୍ୟରେ ରହି ବିଶ୍ୱରେ ସବୁଠାରୁ ଦ୍ରୁତ ଅଗ୍ରଗତି କରୁଥିବା ବୃହତ୍ ଅର୍ଥନୀତି ହୋଇ ରହିଛି। 'ଅଘୋଷିତ ଜରୁରୀକାଳୀନ ପରିସ୍ଥିତି'ର ଚର୍ଚ୍ଚା କାହିଁକି ହେଉଛି। ବିରୋଧୀ ଦଳର ବହୁ ପ୍ରମୁଖ ନେତା ଓ ମୁଖ୍ୟମନ୍ତ୍ରୀମାନଙ୍କ ଉପରେ ଇଡ଼ି ଏବଂ ସିବିଆଇର ଚଢ଼ାଉ ଓ ଗିରଫଦାରୀ ଯୋଗୁଁ ରାଜନୈତିକ ପରିବେଶ ସରଗରମ ରହିଛି। ସାମାଜିକ ଗଣମାଧ୍ୟମ ଏବଂ ସ୍ୱାଧୀନ ଡିଜିଟାଲ୍ ଚ୍ୟାନେଲଗୁଡ଼ିକ ଉପରେ ନୂତନ ନିୟମାବଳୀ ଜରିଆରେ ସରକାରୀ ନିୟନ୍ତ୍ରଣ ବଢ଼ୁଥିବା ଅଭିଯୋଗ ହେଉଛି। ଓଡ଼ିଶାରେ ବର୍ତ୍ତମାନ ବିଜେପି ସରକାର କାର୍ଯ୍ୟ କରୁଥିବା ବେଳେ ବିଜେଡି ବିରୋଧୀ ଆସନରେ ଅଛି। ଏହା ଦ୍ୱାରା ରାଜ୍ୟରେ କେନ୍ଦ୍ରୀୟ ନୀତିର ପ୍ରଭାବ ଅଧିକ ସ୍ପଷ୍ଟ ଦେଖାଯାଉଛି। ଓଡ଼ିଶାରେ ଖଣିଜ ଭିତ୍ତିକ ଶିଳ୍ପର ଅଭିବୃଦ୍ଧି ଘଟୁଥିଲେ ମଧ୍ୟ ଗ୍ରାମାଞ୍ଚଳରେ ରୋଜଗାର ବଢ଼ାଇବା ଏବଂ କୃଷି ଭିତ୍ତିକ ସଙ୍କଟ ଦୂର କରିବା ଏବେ ମଧ୍ୟ ଏକ ବଡ଼ ଦାୟିତ୍ୱ।

### ପମ୍ପ ଆଗରେ ଲମ୍ବା...

କରାଯାଇଛି। ଯଦି ଏହି ସମସ୍ୟା ଆଉ ଦୁଇ ଦିନ ଲାଗି ରହେ, ତେବେ ବଜାରକୁ ପନିପରିବା ଏବଂ ଜରୁରୀ ସାମଗ୍ରୀ ଆସିବା ବନ୍ଦ ହୋଇଯିବ, ଯାହା ଦ୍ୱାରା ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ଦ୍ୱିଗୁଣିତ ହେବାର ଆଶଙ୍କା ରହିଛି।

୪୮ ଘଣ୍ଟା ସମୟ ମାଗିଲେ ମୁଖ୍ୟମନ୍ତ୍ରୀ। ରାଜ୍ୟରେ କଳାବଜାରୀକୁ ରୋକିବା ଏବଂ ଯୋଗାଣ ପ୍ରକ୍ରିୟାକୁ ସ୍ୱାଭାବିକ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି। ଖାଦ୍ୟ ଓ ଯୋଗାଣ ବିଭାଗକୁ ପେଟ୍ରୋଲ ପମ୍ପଗୁଡ଼ିକ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଆଶ୍ୱାସନା ଦେଇ କହିଛନ୍ତି, 'ରାଜ୍ୟରେ ତୈଳର କୌଣସି ଅଭାବ ନାହିଁ। ଆତଙ୍କିତ ହୋଇ ଅଧିକ ତେଲ ଗଚ୍ଛିତ କରନ୍ତୁ ନାହିଁ। ସ୍ଥିତିକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆଣିବା ପାଇଁ ଆମକୁ ୪୮ ଘଣ୍ଟାର ସମୟ ଦିଅନ୍ତୁ।

### ନିୟନ୍ତ୍ରଣ ବାହାରେ...

ମାନସିକ ପରିବର୍ତ୍ତନ କରିପାରନ୍ତି। ରାଜ୍ୟର ଆଇନଶୃଙ୍ଖଳା ଦିଗରେ ନୂଆ ପରିବର୍ତ୍ତନ ଆସିବ ବୋଲି କୁହାଯାଉଛି। ତେଣୁ 'ଲୋକଙ୍କ ସରକାର' 'ଲୋକ ପୋଲିସ' ପ୍ରତି ଗ୍ରାମରେ ମୁତୟନ କଲେ ମୋହନ ସରକାରଙ୍କ ପ୍ରତି ଲୋକଙ୍କ ଆସ୍ଥା ବିଶ୍ୱାସ ବୃଦ୍ଧି ପାଇବ ବୋଲି ବିଚାର କରାଯାଉଛି।

## ମୋହନ ସରକାରଙ୍କ ସଫଳତା ବନାମ ବିଫଳତା



ଭୁବନେଶ୍ୱର, ୧୬/୦୫ (ଜେଏନଏସ) : ସରକାରଙ୍କ ବର୍ଷ ପୂରାଣି ଲାଗି ଅନେକ ଯୋଜନା। ରିପୋର୍ଟ କାର୍ଡଠାରୁ ନେଇ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ। ହେଲେ ବିରୋଧୀ ଏହାକୁ ଭିନ୍ନ ଆଖିରେ ଦେଖିଛନ୍ତି। ରଙ୍ଗବୋଳା ସରକାର କହି କଟାକ୍ଷ କରିବା ସହ ସରକାରଙ୍କ ବିଫଳତା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଯୋଜନା କରିଛନ୍ତି ବିରୋଧୀ। ଜୁନ ୧୨ରେ ମୋହନ ସରକାରଙ୍କୁ ପୂରୁଛି ବର୍ଷେ। ଏହି ବର୍ଷ ବାର୍ଷିକ ଉତ୍ସବକୁ ଧୁମଧାମରେ ପାଳିବାକୁ ସରକାର ଯୋଜନା କରିଛନ୍ତି। ସରକାରଙ୍କ ସଫଳତାର ପ୍ରଚାର ପ୍ରସାର ଲାଗି ପ୍ରସ୍ତୁତ ହୋଇଛି ବ୍ଲୁପ୍ରିଣ୍ଟ। ଏହିଦିନ ମୋହନ ସରକାର ନିଜ ରିପୋର୍ଟ କାର୍ଡ ଉପସ୍ଥାପନ କରିବେ। ସହରଠୁ ଆରମ୍ଭ କରି ପଞ୍ଚାୟତସ୍ତରରେ ଲୋକେ ଜାଣିବେ ସରକାରଙ୍କ ସଫଳତାର କାହାଣୀ। ଠିକ୍ ସେହିଦିନ ସରକାରଙ୍କୁ କାଉଣ୍ଟର କରି ବିଜେଡି ପାଳିବ ବିଫଳତାର ଏକ ବର୍ଷ। ପ୍ରତିଶ୍ରୁତି ଦେଇ ବିଜେପି ପାଳନିଥିବା କଥା ସବୁ ଲୋକଙ୍କୁ ଗଣାଇବ ଦଳ। ଶପଥ ନେବା ଦିନଠାରୁ ଲୋକଙ୍କ ସରକାର, ଲୋକଙ୍କ ମୁଖ୍ୟମନ୍ତ୍ରୀ ହେବାକୁ ଚେଷ୍ଟା କରୁଥିବା ମୋହନ ସରକାର କେମିତି ଫେଲ୍ ମାରିଛନ୍ତି ସେ ପ୍ରସଙ୍ଗ ଉଠାଇବ ବିଜେଡି। ତା' ସହ ପୂର୍ବ ସରକାର ଠରୁ ଏ ସରକାର କେମିତି ଭିନ୍ନ ତାହା ରାଜ୍ୟବାସୀଙ୍କୁ ଜଣାଇବାକୁ ଜୋରଦାର ପ୍ରସ୍ତୁତି ହେଉଛନ୍ତି ବିରୋଧୀ। ସେପଟେ ସହର ସାରା ଛାଇଯାଇଛି ପୋଷ୍ଟର। ସବୁ ପୋଷ୍ଟରରେ କଂଗ୍ରେସ ଓ ବିଜେଡିକୁ ଭୀଷଣ ଟାର୍ଗେଟ। ଓବିସି ସଂରକ୍ଷଣ ନେଇ ବିଜୁ, ଜାନକୀ ଓ ନବୀନଙ୍କ ସମୟରେ କିଛି ହୋଇନଥିଲା ବୋଲି ଏଥିରେ ଲେଖାଯାଇଛି। କିନ୍ତୁ ଏ ପୋଷ୍ଟର କାହିଁକି ଓ କାହା ସ୍ୱାର୍ଥରେ ଲଗାଯାଇଛି ? କାହାପାଖେ ଖବର ନାହିଁ। ତେବେ କଂଗ୍ରେସ କହିଛି, ଏ ସରକାର ରଙ୍ଗବୋଳା ସରକାର; ଯୋଜନା ନାଁ ବଦଳାଇବାରେ ସୀମିତ। ନୂଆ ସରକାରର ବର୍ଷ ପୂର୍ତ୍ତି ସମାରୋହରେ ଯୋଗ ଦେଇପାରନ୍ତି ପ୍ରଧାନମନ୍ତ୍ରୀ। ରିପୋର୍ଟ କାର୍ଡ ଧରି ରାଜ୍ୟର ୧ କୋଟି ପରିବାର ପାଖରେ ପହଞ୍ଚିବେ ସରକାର। ଜୁନ ୧୨ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ବର୍ଷ ପୂର୍ତ୍ତିର ଟ୍ୟାଗଲାଇନ ହେବ 'ଲୋକଙ୍କ ସରକାର, ଲୋକଙ୍କ ମୁଖ୍ୟମନ୍ତ୍ରୀ'।

## ତାମିଲନାଡୁ ନିର୍ବାଚନରେ ଜାଲିଆତି! ଭୋଟ ଦେଇଥିବା ୨୫ ବିଦେଶୀ ନାଗରିକ ଗିରଫ

ତାମିଲନାଡୁ, ୧୬/୦୫ : ବେଆଇନ ଭାବେ ଭୋଟିଂ କରି ଗିରଫ ହୋଇଥିବା ୨୫ ଜଣଙ୍କ ମଧ୍ୟରେ ଶ୍ରୀଲଙ୍କା, ବ୍ରିଟେନ, ଇଣ୍ଡୋନେସିଆ ଓ କାନାଡା ନାଗରିକ ରହିଛନ୍ତି। ଏମାନଙ୍କୁ ଚେନ୍ନାଇ ଓ ମଦୁରାଇ ଏୟାରପୋର୍ଟରୁ ଗିରଫ କରାଯାଇଛି। ତାମିଲନାଡୁ ବିଧାନସଭା ନିର୍ବାଚନରେ ଜାଲିଆତି। ନିର୍ବାଚନରେ ଭୋଟ ଦେଇଛନ୍ତି ବିଦେଶୀ ନାଗରିକ। ନିକଟରେ ଶେଷ ହୋଇଥିବା ତାମିଲନାଡୁ ବିଧାନସଭା ନିର୍ବାଚନରେ ବେଆଇନ ଭାବେ ଭୋଟିଂ କରିଥିବା ୨୫ ଜଣ ବିଦେଶୀ ନାଗରିକ ଧରାପଡ଼ିବା ପରେ ହଇଚଇ ସୃଷ୍ଟି ହୋଇଛି।

ବେଆଇନ ଭାବେ ଭୋଟିଂ କରି ଗିରଫ ହୋଇଥିବା ୨୫ ଜଣଙ୍କ ମଧ୍ୟରେ ଶ୍ରୀଲଙ୍କା, ବ୍ରିଟେନ, ଇଣ୍ଡୋନେସିଆ ଓ କାନାଡା ନାଗରିକ ରହିଛନ୍ତି। ଏମାନଙ୍କୁ ଚେନ୍ନାଇ ଓ ମଦୁରାଇ ଏୟାରପୋର୍ଟରୁ ଗିରଫ କରାଯାଇଛି। ନିର୍ବାଚନ ସରିବା ପରେ ଏମାନେ ବିଦେଶ ଯାତ୍ରା କରିବାକୁ ଉଦ୍ୟମ କରୁଥିବା ବେଳେ ଧରାପଡ଼ିଛନ୍ତି।

ଅଭିଯୁକ୍ତମାନଙ୍କ ପାଖରେ ବିଦେଶୀ ପାସପୋର୍ଟ ରହିଥିବା ବେଳେ ଏମାନଙ୍କୁ ପ୍ରଥମେ ଇମିଗ୍ରେସନ ଅଧିକାରୀମାନେ ଅଟକାଇଥିଲେ। ଏହାପରେ ସ୍ଥାନୀୟ ପୁଲିସ ସମସ୍ତଙ୍କୁ ଗିରଫ କରିଛି। ଏହି ବିଦେଶୀ ନାଗରିକମାନେ ବେଆଇନ ଭାବେ ଭୋଟିଂ କରିଥିବା ପ୍ରମାଣ ସେମାନଙ୍କ ମଝି ଅଙ୍ଗୁଳିରେ ଲାଗିଥିବା କାଳୀ ହିଁ ପ୍ରମାଣିତ କରିଛି। ଭୋଟିଂ ଦେଉଥିବା ଲୋକଙ୍କ ଅଙ୍ଗୁଳିରେ କାଳୀ ଲଗା ଯାଇଥାଏ। ଗିରଫ ହୋଇଥିବା ବିଦେଶୀ ନାଗରିକଙ୍କ ଅଙ୍ଗୁଳିରେ ମଧ୍ୟ ସମାନ ଚିହ୍ନ ରହିଛି। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା, ଲୋକ ପ୍ରତିନିଧି ଆଇନ ଓ ଅନ୍ୟାନ୍ୟ ଆଇନ ଅନୁସାରେ ପ୍ରକ୍ରିୟା ଆରମ୍ଭ କରାଯାଇଛି। ତଦନ୍ତକାରୀ ଅଧିକାରୀଙ୍କ କହିବା କଥା ଯେ ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଅଧିକାଂଶ ଶ୍ରୀଲଙ୍କା ନାଗରିକ ରହିଛନ୍ତି। ସେମାନଙ୍କ ପାଖରେ ବିଦେଶୀ ପାସପୋର୍ଟ ରହିଥିବା ବେଳେ କେହି ବି ଭାରତୀୟ ନାଗରିକ ନୁହନ୍ତି। ତଥାପି ସେମାନେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ରହିଥିଲେ ଓ ନିଜ ପ୍ରାଞ୍ଚାଇଜ କଥାରେ ବେଆଇନ ଭାବେ ତାମିଲନାଡୁ ବିଧାନସଭା ନିର୍ବାଚନରେ ଭୋଟିଂ କରିଥିଲେ। ପୋଲିସ୍ ଏବେ ସନ୍ଦେହ କରୁଛି ଯେ ନିର୍ବାଚନ ସମୟରେ ରାଜ୍ୟକୁ ଆସିଥିବା ଆହୁରି ଅନେକ ବିଦେଶୀ ନାଗରିକ ଏପରି ଭୋଟିଂ କରିଛନ୍ତି ଓ ଏବେ ବି ଯାଞ୍ଚ ଭୟରେ ଭାରତରେ ହିଁ ରହିଛନ୍ତି। କିଛି ବିଦେଶୀ ନାଗରିକୁ ନିର୍ବାଚନରେ ଭୋଟିଂ କରିବା ପରେ ଦେଶ ଛାଡ଼ିବାକୁ ଚେଷ୍ଟା କରୁଥିବା ପ୍ରଥମେ ଗୁଇନ୍ଦା ରିପୋର୍ଟ ମିଳିଥିଲା।

ଏହାପରେ ଚେନ୍ନାଇ, ମଦୁରାଇ ଓ ଅନ୍ୟ ଏୟାରପୋର୍ଟରେ ଯାଞ୍ଚ ଆରମ୍ଭ ହୋଇଥିଲା। ଏହି ସମୟରେ ହିଁ ୨୫ ଜଣ ବିଦେଶୀ ନାଗରିକଙ୍କୁ ଧରା ଯାଇଥିବା ପୋଲିସ୍ ପକ୍ଷରୁ କୁହାଯାଇଛି। ପୋଲିସ୍ କହିଛି ଯେ ଚେନ୍ନାଇରୁ ଅଧିକାଂଶ ଗିରଫଦାରୀ ହୋଇଛି। ସେହିପରି କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀରେ ଭୋଟିଂ କରିଥିବା ୨ ଜଣ ବିଦେଶୀ ନାଗରିକଙ୍କୁ ଗିରଫ କରାଯାଇଛି। ତାମିଲନାଡୁରେ ଏପ୍ରିଲ ୨୩ ଓ ପୁଡୁଚେରୀରେ ଏପ୍ରିଲ ୯ରେ ଭୋଟିଂ ହୋଇଥିଲା।

## ମହଙ୍ଗା ହେବ ବିଜୁଳି ବିଲ୍ !

ନୂଆଦିଲ୍ଲୀ, ୧୬/୦୫ : ବଢ଼ି ଚାଲିଛି ଜିନିଷର ଦରଦାମ୍। ଅମୂଲ, କ୍ଷୀର, ପେଟ୍ରୋଲ, ଡିଜେଲ ପରେ ଏବେ ବିଜୁଳି ବିଲ୍ ମହଙ୍ଗା ହେବ ବୋଲି ଆଲୋଚନା ଜୋର ଧରିଛି। ମଧ୍ୟପ୍ରାଚ୍ୟ ସଙ୍କଟ ବିଶ୍ୱର ଅନେକ ଦେଶକୁ ପ୍ରଭାବିତ କରିଛି ଏବଂ ଭାରତ ମଧ୍ୟ ଏହାର ବ୍ୟତିକ୍ରମ ନୁହେଁ। ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ପରେ ବିଶ୍ୱ ଏକ ଶକ୍ତି ସଙ୍କଟର ସମ୍ମୁଖୀନ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନାଗରିକମାନଙ୍କୁ ଆମଦାନୀ ସାମଗ୍ରୀର ବ୍ୟବହାର ସୀମିତ କରିବାକୁ ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ପରେ, କ୍ଷୀର, ପେଟ୍ରୋଲ, ଡିଜେଲ ଏବଂ ସିଏନସିର ମୂଲ୍ୟ ବୃଦ୍ଧି ପାଇଛି। ମୁଦ୍ରାସ୍ଫୀତିର ଏହି ଯୁଗରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ପରେ, ଲୋକମାନେ ବୈଦ୍ୟୁତିକ ଯାନବାହନ ଆଡକୁ ମୁହାଁଇଛନ୍ତି। ଏହି ସମୟରେ, ଗ୍ରୀଷ୍ମ ଋତୁରେ ବିଦ୍ୟୁତ୍ ବ୍ୟବହାର ବହୁତ ବୃଦ୍ଧି ପାଏ। ତେଣୁ ଏହା କହିବା ନିରାପଦ ଯେ ଭବିଷ୍ୟତରେ ବିଦ୍ୟୁତ୍ ବ୍ୟବହାର ବୃଦ୍ଧି ପାଇବ ଏବଂ ସରକାର ଏହି ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇପାରନ୍ତି। ବିଦ୍ୟୁତ୍ ମହଙ୍ଗା ହେବ କି ନାହିଁ ତାହା ଭବିଷ୍ୟତର କଥା। କିନ୍ତୁ ଏହା ହେବା ପୂର୍ବରୁ, ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ଉପାୟ ବିଷୟରେ ଜାଣନ୍ତୁ ଯାହା ଆପଣଙ୍କର ବିଦ୍ୟୁତ୍ ବିଲକୁ ଯଥେଷ୍ଟ ହ୍ରାସ କରିପାରିବ। ଏହି ଉପାୟଗୁଡ଼ିକ ବିଶେଷ ଭାବରେ ଗ୍ରୀଷ୍ମ ଋତୁରେ ଉପଯୋଗୀ ହେବ, ଯେତେବେଳେ ପରିବାରଗୁଡ଼ିକ ସର୍ବାଧିକ ବିଦ୍ୟୁତ୍ ବ୍ୟବହାର କରନ୍ତି। ଅଧିକାଂଶ ଲୋକ ତୁରନ୍ତ ଥଣ୍ଡା ପାଇବା ପାଇଁ ସେମାନଙ୍କର ଏସି ତାପମାତ୍ରାକୁ ୧୬-୧୮ ଡିଗ୍ରୀ ସେଲସିୟସରେ ସ୍ଥିର କରନ୍ତି, ଯାହା ଅତ୍ୟନ୍ତ ଶକ୍ତି-ସର୍ବାଧିକ। ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି ଅନୁଯାୟୀ, ୨୪ ଡିଗ୍ରୀ ସେଲସିୟସ ହେଉଛି ମଣିଷ ପାଇଁ ସବୁଠାରୁ ଆରାମଦାୟକ ତାପମାତ୍ରା। ପ୍ରତ୍ୟେକ ଡିଗ୍ରୀ ବୃଦ୍ଧି ପ୍ରାୟ ୬ ପ୍ରତିଶତ ବିଦ୍ୟୁତ୍ ସଞ୍ଚୟ କରିପାରିବ। ଯଦି ସମଗ୍ର ପରିବାର ଏହି ଅଭ୍ୟାସ ଗ୍ରହଣ କରନ୍ତି, ତେବେ ସେମାନେ ସହଜରେ ସେମାନଙ୍କର ମାସିକ ବିଲ୍ ଉପରେ ଶହ ଶହ ଟଙ୍କା ସଞ୍ଚୟ କରିପାରିବେ। ଏସି ଚାଲୁଥିବା ସମୟରେ ସିଲିଂ ଫ୍ୟାନ୍ କୁ କମ୍ ଗତିରେ ଚଲାଇବା ଦ୍ୱାରା ସମଗ୍ର କୋଠରୀରେ ଥଣ୍ଡା ପବନ ସମାନ ଭାବରେ ପରିଚାଳିତ ହୁଏ। ଏହା କମ୍ପ୍ରେସର ଉପରେ ଭାର ହ୍ରାସ କରେ ଏବଂ କୋଠରୀକୁ ଶୀଘ୍ର ଥଣ୍ଡା କରେ।

## ୧୭ - ୨୩ ମଇ'୨୦୨୬ ଶକ୍ତି ଏ ସପ୍ତାହର



ମେଘା
ହରୋସକୋପିଷ୍ଟ ଏବଂ ଫରଚ୍ୟୁନ ଟେଲର
(ବୈଦିକ ଆଷ୍ଟ୍ରୋଲୋଜି)
ମୋ: ୯୦୭୮୧୬୩୩୭୭

ମେଷରାଶି: ଏହା ଆପଣଙ୍କୁ ନୂତନ ଶକ୍ତି ଦେବ ଯାହା ଆପଣଙ୍କୁ ବ୍ୟକ୍ତିଗତ ଭାବରେ ଆପଣଙ୍କ କର୍ତ୍ତବ୍ୟ ସମ୍ପାଦନ କରିବାରେ ସାହାଯ୍ୟ କରିବ, କିନ୍ତୁ ବୃତ୍ତିଗତ ଭାବରେ ଆପଣ କିଛି ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଆପଣ ପରାମର୍ଶଦାତା ଆପଣଙ୍କୁ ମାର୍ଗଦର୍ଶନ କରିବେ। ଆର୍ଥିକ ଲାଭ ହେବ ଯାହା ଆପଣଙ୍କୁ ନିବେଶ କରିବାରେ ସାହାଯ୍ୟ କରିବ। ଏହି ସପ୍ତାହରେ ପିଲାମାନେ ଆପଣଙ୍କ ଚିନ୍ତାର କାରଣ ହୋଇପାରନ୍ତି। କ୍ରୋଧରେ କିଛି ନ କହିବାକୁ ଚେଷ୍ଟା କରନ୍ତୁ।

ବୃଷ ରାଶି: ବୃତ୍ତିଗତ ଦୃଷ୍ଟିରୁ ଭଲ ରହିବ କିନ୍ତୁ ଯଦି ଆପଣ ଆପଣଙ୍କର ଆର୍ଥିକ ସ୍ଥିତିକୁ ଚତୁରତାର ସହିତ ବ୍ୟବହାର କରୁନାହାଁନ୍ତି, ତେବେ ବେଳେବେଳେ ଆପଣଙ୍କୁ କିଛି ବାଧା ଆସିପାରେ। ଆପଣ କିଛି ଏପରି ନିବେଶ କରିବାକୁ ଯାଉଛନ୍ତି ଯାହା ଲାଭଦାୟକ ହେବ। ଆପଣଙ୍କ ଅନୁପସ୍ଥିତି ଯୋଗୁଁ ସମ୍ପର୍କ ଖରାପ ହୋଇପାରେ ଏବଂ ଏହା ଆପଣଙ୍କ ଚାକିରି ଯୋଗୁଁ ହୋଇପାରେ କିମ୍ବା ସାଧାରଣତଃ ଆପଣ ପୂର୍ବ ମତଭେଦ ଯୋଗୁଁ ସାଥୀଙ୍କୁ ଏଡ଼ାଇ ଯାଉଛନ୍ତି।

ମିଥୁନ ରାଶି: ଆପଣ ଆପଣଙ୍କ ସାଥୀଙ୍କୁ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନରେ ସାହାଯ୍ୟ କରିବେ। ଯାହା ଆବଶ୍ୟକ ତାହା ଆପଣ କରିବେ। ଇଚ୍ଛାଶକ୍ତିର ଅଭାବ ଆପଣଙ୍କୁ ସାଧାରଣ ଅପେକ୍ଷା ଅଧିକ କିଛି ସଂରକ୍ଷଣ କରିବାକୁ ବାଧ୍ୟ କରିବ। ଆପଣ ଏହି ସପ୍ତାହରେ ନିଜକୁ ପ୍ରକାଶ କରିବାରେ ସଫଳ ହେବେ। ପିଲାମାନଙ୍କ ସହିତ ସମ୍ପର୍କ ଭଲ ରହିବ। ଛାତ୍ରମାନଙ୍କର ପ୍ରଦର୍ଶନ ଆଶାଠାରୁ ଦୂରେଇ ରହିବ। ଆର୍ଥିକ ନିବେଶକୁ ଏଡାଇବା ଉଚିତ।

କର୍କଟ ରାଶି: ବ୍ୟକ୍ତିଗତ ଜୀବନରେ କିଛି ଉତ୍ଥାନ-ପତନ ହୋଇପାରେ କିନ୍ତୁ ଆପଣ ଜୀବନସାଥୀ କିମ୍ବା ସାଥୀଙ୍କ ସହିତ ଏକ ଭଲ ସମ୍ପର୍କ ବଜାୟ ରଖିପାରିବେ। ଆର୍ଥିକ ଦୃଷ୍ଟିରୁ ଆପଣ ଏହି ସପ୍ତାହରେ କିଛି କ୍ଷତି କିମ୍ବା ଠକେଇର ସମ୍ମୁଖୀନ ହୋଇପାରନ୍ତି। ବୃତ୍ତିଗତ ଦୃଷ୍ଟିରୁ ଆପଣଙ୍କୁ କୌଣସି ଅସୁବିଧାରୁ ରକ୍ଷା ପାଇବା ପାଇଁ ଆପଣଙ୍କ ବରିଷ୍ଠଙ୍କ କଥା ଶୁଣିବାକୁ ପଡିବ। ଆପଣ ଏହି ସପ୍ତାହରେ ଭଲ ସ୍ୱାସ୍ଥ୍ୟ ଉପଭୋଗ କରିବେ। ଛାତ୍ରମାନଙ୍କର ପ୍ରଦର୍ଶନ ଭଲ ରହିବ ଏବଂ ଏହା ଆପଣଙ୍କୁ ପୁରସ୍କୃତ କରିବ।

ସିଂହ ରାଶି: ଆପଣଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା କଷ୍ଟକର ହେବ କାରଣ ଆପଣ ସହଜରେ ପ୍ରତାରିତ ହୋଇପାରନ୍ତି। ସାଥୀ କିମ୍ବା ଜୀବନସାଥୀଙ୍କ ସହିତ କିଛି ବିଶ୍ୱାସ ସମସ୍ୟା ରହିବ। ସୁସ୍ଥ ରହିବେ ଏବଂ ପୂର୍ବ ଅସୁସ୍ଥତାରୁ ଶୀଘ୍ର ଆରୋଗ୍ୟ ହେବ। ଆର୍ଥିକ ଦୃଷ୍ଟିରୁ ଆପଣ ସୁରକ୍ଷିତ ରହିବାର ମନୋଭାବ ରହିବେ ଏବଂ ଆପଣଙ୍କ ପାଇଁ ଖର୍ଚ୍ଚ କରିବା କଷ୍ଟକର ହେବ। ଯେଉଁମାନେ ଉଚ୍ଚଶିକ୍ଷା କରୁଥିଲେ, କିଛି ଅସୁବିଧା ହେବ।

କନ୍ୟା ରାଶି: ଆପଣଙ୍କ ପାଇଁ ବ୍ୟକ୍ତିଗତ ଭାବରେ ସ୍ୱାକ୍ଷର କରିବା କଷ୍ଟକର କାରଣ ଆପଣଙ୍କୁ କୌଣସି ପ୍ରଭାବଶାଳୀ ବ୍ୟକ୍ତି ଅଣଦେଖା କରିବେ। ଆପଣଙ୍କର ସ୍ୱାସ୍ଥ୍ୟ ଭଲ ରହିବ। ଆର୍ଥିକ କ୍ଷତି ହୋଇପାରେ। କାହା ସହିତ ଘନିଷ୍ଠତା ହେତୁ ଆପଣଙ୍କ ଜୀବନସାଥୀ ଆପଣଙ୍କୁ ଅବିଶ୍ୱାସ କରିପାରନ୍ତି। କଥାବାର୍ତ୍ତା କମ୍ ଏବଂ ଯୁକ୍ତିତର୍କ ଅଧିକ ହେବ ଯାହା ଅସ୍ଥାୟୀ ବିଚ୍ଛେଦକୁ ନେଇପାରେ। ଛାତ୍ରମାନେ ଆଶାଠାରୁ ଭଲ ପ୍ରଦର୍ଶନ କରିବେ।

ତୁଳା ରାଶି: ଆପଣ କିଛି ନିବେଶ କରନ୍ତୁ ଯାହା ଆପଣଙ୍କୁ ଭବିଷ୍ୟତରେ ଲାଭ ଦେବ। ଅହଂକାର ସମସ୍ୟା ଯୋଗୁଁ ସାଥୀଙ୍କ ସହ ସମ୍ପର୍କ ଖରାପ ହୋଇପାରେ। ଆପଣଙ୍କ ସାଥୀ ଅନୁଭବ କରିବେ ଯେ ଆପଣ ପ୍ରଭୁତ୍ୱ କରୁଛନ୍ତି। ବୃତ୍ତିଗତ ଭାବରେ ଆପଣ ଦୀର୍ଘକାଳୀନ ଭାବରେ ଭଲ କରିବେ, ଆପଣ କଠିନ ପରିଶ୍ରମ ଏବଂ ପ୍ରୟାସର ଫଳାଫଳ ପାଇବେ। ଛାତ୍ରମାନେ କଠିନ ପରିଶ୍ରମର ସମ୍ମୁଖୀନ ହେବେ ଯାହା ଆପଣଙ୍କ ଆଶା ଅନୁଯାୟୀ ଫଳ ଦେବ ନାହିଁ।

ବିଛା ରାଶି: ଯଦି ଆପଣ ବିଦେଶରେ ରହୁନାହାଁନ୍ତି, ତେବେ ଆପଣଙ୍କର ଶିକ୍ଷାଗତ ଜୀବନ କଷ୍ଟକର ହେବ। ସ୍ୱାସ୍ଥ୍ୟ ମଧ୍ୟମ ସ୍ତରରେ ଭଲ ରହିବ ଏବଂ ପୂର୍ବ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ମିଳିବ। ବ୍ୟକ୍ତିଗତ ଜୀବନ ଉତ୍ଥାନ-ପତନରେ ପରିପୂର୍ଣ୍ଣ ରହିବ। ପୈତୃକ ସମ୍ପତ୍ତି ସହିତ ଜଡିତ ଜୀବନସାଥୀଙ୍କ ସହ ମତଭେଦ ହୋଇପାରେ। ହଠାତ୍ ଉଚ୍ଚ କର୍ତ୍ତୃପକ୍ଷଙ୍କ ଯାଞ୍ଚ ଯୋଗୁଁ ବୃତ୍ତିଗତ ଜୀବନ କଷ୍ଟକର ହୋଇଯିବ।

ଧନୁ ରାଶି: ଜୀବନସାଥୀଙ୍କ ସହ ମତଭେଦ ଆପଣଙ୍କ ଜୀବନକୁ କଷ୍ଟକର କରିଦେବ। ଆପଣଙ୍କ ପଡ଼ୋଶୀ ଆପଣଙ୍କ ସହିତ କିଛି ସମସ୍ୟା ସୃଷ୍ଟି କରିବେ। ଆପଣଙ୍କ ସ୍ୱାସ୍ଥ୍ୟକୁ କିଛି ଧ୍ୟାନ ଦେବା ଆବଶ୍ୟକ ତେଣୁ ଆବଶ୍ୟକ ହେଲେ ନିଜକୁ ଯାଞ୍ଚ କରନ୍ତୁ। ଛାତ୍ର କିଛି ନିରାଶାର ସମ୍ମୁଖୀନ ହେବେ। ବୃତ୍ତିଗତ ଭାବରେ ଆମେ ଆପଣଙ୍କ କଠିନ ପରିଶ୍ରମ କରୁ କିନ୍ତୁ ଅନ୍ୟ କେହି ଆପଣଙ୍କ ପ୍ରୟାସକୁ ନଷ୍ଟ କରିଦେବ। ଖର୍ଚ୍ଚ ବୃଦ୍ଧି ପାଇବ ବୋଲି ଆର୍ଥିକ ସମସ୍ୟା ଆପଣଙ୍କ ଚିନ୍ତାର କାରଣ ହେବ।

ମକର ରାଶି: ମକର ଆପଣଙ୍କୁ ନିଜର ଖାଦ୍ୟ ଖାଇବା ଅଭ୍ୟାସକୁ ନିୟନ୍ତ୍ରଣ କରିବାକୁ ପଡିବ। ଭାଇଭଉଣୀ କିମ୍ବା ପଡ଼ୋଶୀଙ୍କ ସହ ଝଗଡ଼ା ଆପଣଙ୍କୁ ସପ୍ତାହ ସାରା ହଇରାଣ କରିପାରେ। ଏହି ସପ୍ତାହରେ ଛାତ୍ରମାନଙ୍କର ପ୍ରଦର୍ଶନ ସେତେ ଭଲ ହେବ ନାହିଁ। ବୃତ୍ତିଗତ ପ୍ରତିବଦ୍ଧତା ଯୋଗୁଁ ଆପଣଙ୍କ ବ୍ୟକ୍ତିଗତ ଜୀବନ କ୍ଷତିଗ୍ରସ୍ତ ହେବ ଏପରିକି ପିଲାମାନେ ମଧ୍ୟ ଏହା ବିଷୟରେ ଅଭିଯୋଗ କରିବେ। ଯଦିଓ ବୃତ୍ତିଗତ ପ୍ରଦର୍ଶନ ମଧ୍ୟମ ଧରଣର ଭଲ ରହିବ।

କୁମ୍ଭ ରାଶି: ଆପଣଙ୍କର ନକାରାତ୍ମକ ଚିନ୍ତାଧାରା ନିୟନ୍ତ୍ରଣ କରନ୍ତୁ। ଆପଣ ଆପଣଙ୍କ ସାଥୀଙ୍କ ବିଶ୍ୱସ୍ତତା ଉପରେ ସନ୍ଦେହ କରିବେ। ବ୍ୟକ୍ତିଗତ ଭାବରେ, ଆପଣ ଏପରି କିଛି କରିବେ ଯାହା ଉପଯୋଗୀ ନୁହେଁ। ଆପଣଙ୍କର ସ୍ୱାସ୍ଥ୍ୟ ଭଲ ରହିବ କିନ୍ତୁ ବେଳେବେଳେ ମୁଣ୍ଡବିନ୍ଧା ହୋଇପାରେ। ଆର୍ଥିକ ସୁରକ୍ଷା ଆପଣଙ୍କୁ ହଇରାଣ କରିବ। ବୃତ୍ତିଗତ ଭାବରେ ଆପଣ ବ୍ୟକ୍ତିଗତ ଜୀବନର ଅସ୍ଥିରତା ଯୋଗୁଁ ଧ୍ୟାନ ଦେଇପାରିବେ ନାହିଁ।

ମୀନ ରାଶି: ଆପଣଙ୍କୁ ଆପଣଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡିବ। ଏହି ସପ୍ତାହରେ ଦୁର୍ବଳତା ହେତୁ ଆପଣ ମୁଣ୍ଡ ବୁଲାଇବାକୁ ଅନୁଭବ କରିପାରନ୍ତି। ଋଣ ସମ୍ବନ୍ଧୀୟ ସମସ୍ୟା ହୋଇପାରେ ଯାହା ଦ୍ୱାରା ଏହାକୁ ସମୟ ମଧ୍ୟରେ ପରିଶୋଧ କରିବାକୁ ପଡିବ। ଆପଣଙ୍କ ମାଆଙ୍କ ସହ ସମ୍ପର୍କ କ୍ଷତିଗ୍ରସ୍ତ ହୋଇପାରେ। ଆପଣଙ୍କ ଜୀବନସାଥୀ କିମ୍ବା ସାଥୀ ପରିବାରର ଅନ୍ୟ ସଦସ୍ୟଙ୍କ ଦ୍ୱାରା ପକ୍ଷପାତିତା ପାଇପାରନ୍ତି ଏବଂ ସେ ପରିବାର ପ୍ରତି ଦାୟିତ୍ୱକୁ ଅବହେଳା କରିବେ। ଛାତ୍ରମାନେ ମଧ୍ୟମ ଧରଣରପ୍ରଦର୍ଶନ କରିବେ।

## ପ୍ରମୁଖ ଖବର ଏ ସପ୍ତାହର

- ଉପାନ୍ତ ଅଞ୍ଚଳ ପାଇଁ ଆଉ ୨୦ଟି ନୂଆ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଗାଡ଼ିର ଶୁଭାରମ୍ଭ।
- ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ଟିକାକରଣ କାର୍ଯ୍ୟକ୍ରମ 'ଇନ୍ଦ୍ରଧନୁଷ'ର ନୂତନ ପର୍ଯ୍ୟାୟ ଆରମ୍ଭ।
- ଗ୍ରୀଷ୍ମ ଛୁଟି ଯୋଗୁଁ ରକ୍ତ ଅଭାବ ଦେଖାଦେଉଥିବାରୁ ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ।
- ପୁରୀ ଓ କୋଣାର୍କ ବେଳାଭୂମିରେ ବ୍ୟାପକ ସଫେଇ ଅଭିଯାନ ହାତକୁ ନିଆଯାଇଛି।
- କେନ୍ଦ୍ରାପଡ଼ା ଭିତରକନିକାରେ କୁମ୍ଭୀର ଗଣନା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ।
- ସହରାଞ୍ଚଳରେ ସବୁଜିମା ବଢ଼ାଇବା ପାଇଁ 'ନଗର ବନ' ଯୋଜନାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ।
- ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆଜିଠାରୁ ତିନି ଦିନିଆ ଓଡ଼ିଶୀ ନୃତ୍ୟ ମହୋତ୍ସବ।
- ସମ୍ବଲପୁରରେ ଜିଲ୍ଲାସ୍ତରୀୟ ପୁସ୍ତକ ମେଳାରେ ପାଠକଙ୍କ ପ୍ରବଳ ଭିଡ଼।
- ଯାଜପୁରର କିଛି ପ୍ରାଚୀନ ମନ୍ଦିରର ପୁନରୁଦ୍ଧାର ପାଇଁ ଇଏସଓ ପକ୍ଷରୁ ସର୍ଭେ କରାଯାଇଛି।
- ବାଲେଶ୍ୱରରେ ନୂତନ ଫ୍ଲାଏଓଭର ନିର୍ମାଣ ପାଇଁ ବୈଷୟିକ ମଞ୍ଜୁରୀ ମିଳିଛି।
- କଳାହାଣ୍ଡିରେ କପା ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ବୀମା ଯୋଜନାର ଶୁଭାରମ୍ଭ।
- ବାରିପଦାରେ ଆନ୍ତର୍ଜାତୀୟ ସ୍ତରର ଏକ ଷ୍ଟାଡିୟମ ନିର୍ମାଣ ପାଇଁ ଜମି ଚିହ୍ନଟ।

# ଐତିହାସିକ ନିଷ୍ପତ୍ତି : ପୁରୁଷ ଦଳର କୋଚ୍ ହେଲେ ମହିଳା କ୍ରିକେଟର

ନୂଆଦିଲ୍ଲୀ, ୧୬/୦୫ : ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ଇଂଲଣ୍ଡ କ୍ରିକେଟ ବୋର୍ଡ ଏକ ଐତିହାସିକ ନିଷ୍ପତ୍ତି ନେଇଛି। ଇଂଲଣ୍ଡର ପୂର୍ବତନ ମହିଳା ଉଇକେଟକିପର ସାରା ଟେଲରଙ୍କୁ ପୁରୁଷ ଦଳର ଫିଲ୍ଡିଂ କୋଚ ଭାବେ ନିଯୁକ୍ତ କରାଯାଇଛି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ୪ ଜୁନରୁ ଆରମ୍ଭ ହେବାକୁ ଥିବା ଟେଷ୍ଟ ସିରିଜ ପାଇଁ ସାରା ଟେଲରଙ୍କୁ ଏହି ବଡ଼ ଦାୟିତ୍ୱ ମିଳିଛି। କ୍ରିକେଟ ଇତିହାସରେ ଏହା ଏକ ବିରଳ ଘଟଣା, ଯେଉଁଠି ଜଣେ ମହିଳା ଖେଳାଳି ପୁରୁଷ ଦଳକୁ ପ୍ରଶିକ୍ଷଣ ଦେବେ। ସାରା ଟେଲରଙ୍କ ଗୌରବମୟ କ୍ୟାରିୟର ଦେଖିଲେ ସେ ଇଂଲଣ୍ଡ ମହିଳା ଦଳକୁ ଦୁଇଟି ଦିନିକିଆ ବିଶ୍ୱକପ ଏବଂ ଗୋଟିଏ ଟି-୨୦ ବିଶ୍ୱକପ ଜିତାଇବାରେ



ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ତିନିଥର ଆସେସ ସିରିଜ ବିଜେତା ଦଳର ସଦସ୍ୟା ରହିଛନ୍ତି। ସେ ଦୁଇଥର (୨୦୧୨, ୨୦୧୩) ଟି-୨୦ କ୍ରିକେଟର ଅଫ ଦି ଇୟର ଏବଂ ଥରେ (୨୦୧୪) ଦିନିକିଆ କ୍ରିକେଟର ଅଫ ଦି ଇୟର ଭାବେ ନିର୍ବାଚିତ ହୋଇଛନ୍ତି। ସାରାଙ୍କ ନାମରେ ମାତ୍ର ୯ ଦିନ ମଧ୍ୟରେ କ୍ରିକେଟର ତିନୋଟି ଯାକ ଫର୍ମାଟ (ଟେଷ୍ଟ, ଦିନିକିଆ ଏବଂ ଟି-୨୦) ରେ ଡେବ୍ୟୁ କରିବାର ବିଶ୍ୱ ରେକର୍ଡ ରହିଛି। ପୁରୁଷ କିମ୍ବା ମହିଳା କ୍ରିକେଟରେ ଏପର୍ଯ୍ୟନ୍ତ କେହି ଏହି ରେକର୍ଡ ଭାଙ୍ଗି ପାରିନାହାନ୍ତି। ୨୦୧୯ ମସିହାରେ ସେ ହଠାତ ଅବସର ଘୋଷଣା କରିଥିଲେ। ସେ ସେହି ସମୟରେ ମାନସିକ ଚିନ୍ତା ବା 'ଏଙ୍କଜାଇଟି' (ଉଦ୍ବେଗ-ଉତ୍କଣ୍ଠା) ସମସ୍ୟା ଦେଇ ଗତି କରୁଥିଲେ। ସେ ନିଜ କ୍ୟାରିୟରରେ ଦିନିକିଆରେ ୪୦୫୬ ରନ୍ ଏବଂ ଟି-୨୦ରେ ୨୧୭୭ ରନ୍ ସଂଗ୍ରହ କରିଛନ୍ତି। ଏହା ସହିତ ଉଇକେଟ ପଛରେ ୧୦୦ରୁ ଅଧିକ କ୍ୟାଚ୍ ମଧ୍ୟ ଧରିଛନ୍ତି।

# ସାଉଦି ଆରବର ପ୍ରଥମ ଟ୍ୱେଣ୍ଟି-୨୦ ଲିଗ୍ 'ଡ୍ୟୁନ୍ସ'

ଜେଦା, ୧୬/୦୫ : ବିଶ୍ୱରେ ଟ୍ୱେଣ୍ଟି-୨୦ ଲିଗ୍ କ୍ରିକେଟ୍‌ର ଲୋକପ୍ରିୟତା ବଢିଚାଲିଥିବା ବେଳେ ଏ କ୍ଷେତ୍ରରେ ସାଉଦି ଆରବ ପ୍ରବେଶ କରିଛି। ଆସନ୍ତା ଅକ୍ଟୋବର ମାସରେ ଅନୁଷ୍ଠିତ ହେବ ସାଉଦିର ପ୍ରଥମ ଟ୍ୱେଣ୍ଟି-୨୦ ଲିଗ୍ 'ଡ୍ୟୁନ୍ସ'। ଏହି ଲିଗ୍‌ର ପ୍ରାରମ୍ଭିକ ସଂସ୍କରଣରେ ୬ଟି ଦଳ ଖେଳିବେ। ମ୍ୟାଚ୍‌ଗୁଡ଼ିକ ସାଉଦି ଆରବର ରାଜଧାନୀ ଜେଦା ନିକଟସ୍ଥ ତାଇଫ୍‌ରେ ଖେଳାଯିବ। ସାଉଦି ଆରବ କ୍ରିକେଟ୍ ମହାସଂଘ ପକ୍ଷରୁ ଏହି ଲିଗ୍‌ର ପରିଚାଳନା ଦାୟିତ୍ୱ ସାଉଥ୍ ଏସିଆନ୍ ନେଟୱର୍କକୁ ପ୍ରଦାନ କରାଯାଇଛି। ପୂର୍ବତନ ଭାରତୀୟ ଅଲ୍‌ରାଉଣ୍ଡର ଯୁବରାଜ ସିଂଙ୍କୁ ଏହି ଲିଗ୍‌ର 'ଆମ୍ବାସାଡର' ନିଯୁକ୍ତ କରାଯାଇଛି। ସେ ମଧ୍ୟ ଏହାର ପରିଚାଳନାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାର ସମ୍ଭାବନା ରହିଛି। ସାଉଦି ଆରବରେ କ୍ରିକେଟ୍ ଲିଗ୍ ଆରମ୍ଭ ହେବାକୁ ବେଶ ଗୁରୁତ୍ୱ ଦିଆଯାଉଛି, କାରଣ ଏହି ଦେଶ ନିଜକୁ ଏକ କ୍ରୀଡ଼ା ମହାଶକ୍ତିଭାବେ ଉପସ୍ଥାପିତ କରିବାକୁ ଉଦ୍ୟମ କରୁଛି। ଏହା ପୂର୍ବରୁ ସାଉଦି ଆରବ ଫୁଟ୍‌ବଲ୍ ଲିଗ୍ କ୍ଷେତ୍ରରେ ପ୍ରବେଶ କରି ଏକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା। ସାଉଦି ପ୍ରୋ ଲିଗ୍ ଏବେ ବିଶ୍ୱର ପ୍ରମୁଖ ଫୁଟ୍‌ବଲ୍ ତାରକାଙ୍କୁ ଆକୃଷ୍ଟ କରିପାରିଛି। ସେମାନଙ୍କ ମଧ୍ୟରେ ଅଛନ୍ତି କ୍ରିଷ୍ଟିଆନୋ ରୋନାଲ୍‌ଡୋ, ନେମାର, କରିମ୍ ବେଞ୍ଜେମା ଓ ଏନ୍‌ଗୋଲୋ କାଣ୍ଟେ। ଏସବୁ ଫୁଟ୍‌ବଲ୍ ତାରକା ମୁଖ୍ୟତଃ ୟୁରୋପୀୟ ଲିଗ୍‌ରେ ଖେଳିବାକୁ ପସନ୍ଦ କରୁଥିବା ବେଳେ ସାଉଦି ସେମାନଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଥିଲା। ଏବେ କ୍ରିକେଟ୍‌ରେ ସାଉଦିର ପ୍ରବେଶ ଲିଗ୍ କ୍ରିକେଟ୍‌ରେ ବଡ଼ ପରିବର୍ତ୍ତନ ଆଣିବାକୁ ସାମର୍ଥ୍ୟ ରଖୁଛି।



# ଇଟିପିଏଲ୍‌ର 'ଡବଲିନ୍ ଗାର୍ଡିଅନ୍ସ' ଦଳକୁ କିଣିଲେ ଦ୍ରାବିଡ

ନୂଆଦିଲ୍ଲୀ, ୧୬/୦୫ : ନୂଆକରି ଆରମ୍ଭ ହେବାକୁ ଯାଉଥିବା ୟୁରୋପିଆନ୍ ଟ୍ୱେଣ୍ଟି-୨୦ ପ୍ରିମିୟର୍ ଲିଗ୍ (ଇଟିପିଏଲ୍)ର 'ଡବଲିନ୍ ଗାର୍ଡିଅନ୍ସ' ଦଳକୁ କିଣି ନେଇଛନ୍ତି ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ଓ ପ୍ରଶିକ୍ଷକ ରାହୁଲ ଦ୍ରାବିଡ। ତା' ସହିତ ଏହି ଲିଗ୍ ୟୁରୋପରେ କ୍ରିକେଟର ବିକାଶ ଦିଗରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଦୃଢ଼ ଆଶା ପୋଷଣ କରିଛନ୍ତି । ପୂର୍ବତନ ଭାରତୀୟ ଖେଳାଳି ଆର. ଅଶ୍ୱିନ ଦ୍ରାବିଡଙ୍କ ଦଳର ଅଧିନାୟକ ହେବେ। ଇଟିପିଏଲ୍ ହେଉଛି



କ୍ରିକେଟ୍ ଆୟରଲ୍ୟାଣ୍ଡ, କ୍ରିକେଟ୍ ସ୍କଟଲ୍ୟାଣ୍ଡ ଏବଂ ରୟାଲ୍ ଡଚ୍ କ୍ରିକେଟ୍ ଆସୋସିଏସନ୍ ସହଯୋଗରେ ଆରମ୍ଭ ହୋଇଥିବା ଏକ ଲିଗ୍। ଏଥିରେ ଛଅଟି ଅଂଶଗ୍ରହଣକାରୀ ଦଳ ହେଉଛି ଡବଲିନ୍, ବେଲଫାଷ୍ଟ, ଏଡିନବର୍ଗ, ଗ୍ଲାସଗୋ, ରୋଟରଡାମ୍ ଏବଂ ଆମଷ୍ଟରଡାମ୍। ଏହି ଲିଗ୍ ଅଗଷ୍ଟରେ ଆରମ୍ଭ ହୋଇ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ। ୟୁରୋପରେ ଫୁଟବଲ୍ ପ୍ରମୁଖ ଖେଳ । ଏଣୁ ସେଠାରେ କ୍ରିକେଟ୍‌ର ପ୍ରସାରର ପାଇଁ ପର୍ଯ୍ୟନ୍ତ ସୁଯୋଗ ରହିଛି। ଏହି ଲିଗର ଦଳର ମାଲିକ ହୋଇ ମୁଁ ଅତ୍ୟନ୍ତ ଆନନ୍ଦିତ ବୋଲି ବାଲି ଦ୍ରାବିଡ଼ ନିଜ ପ୍ରତିକ୍ରିୟାରେ କହିଛନ୍ତି। ବଲିଉଡ୍ ଅଭିନେତା ଅଭିଷେକ ବଚ୍ଚନ ମଧ୍ୟ ଇଟିପିଏଲର ଏକ ଦଳ କିଣିଛନ୍ତି। ଏହି ଏହି ଲିଗକୁ ନେଦରଲାଣ୍ଡ, ଆୟର୍ଲାଣ୍ଡ ଓ ସ୍କଟଲାଣ୍ଡ କ୍ରିକେଟ୍ ବୋର୍ଡ ସମର୍ଥନ କରୁଛନ୍ତି। ସେହିଭଳି ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ଷ୍ଟିଭ୍ ୱ', ଦକ୍ଷିଣ ଆଫ୍ରିକାର ବିସ୍ଫୋରକ ବ୍ୟାଟର୍ ଫାଫ୍ ଡୁ'ପ୍ଲେସିସ୍, ଜଣ୍ଟି ରୋଡସ୍, ହେନରିକ୍ କ୍ଲାହେଁ ଏବଂ ୱେଷ୍ଟଇଣ୍ଡିଜର ପୂର୍ବତନ ବିସ୍ଫୋରକ ଓପନର କ୍ରିସ୍ ଗେଲ୍ ମଧ୍ୟ ଏହି ଲିଗ୍‌ର ଅଂଶଧନ କିଣିଛନ୍ତି କିମ୍ବା ଭିନ୍ନ ଭିନ୍ନ ଦଳର ମାଲିକ ଅଛନ୍ତି।

# ଇତିହାସ ରଚିଲେ ବିରାଟ କୋହଲି

ମୁମ୍ବାଇ, ୧୬/୦୫ : ବିରାଟ କୋହଲି ଏକ ଚମତ୍କାର ଶତକ ହାସଲ କରି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ବିଜୟୀ କରାଇଥିଲେ। ଏହି ଶତକ ସହିତ କୋହଲି ଇତିହାସ ସୃଷ୍ଟି କରିଥିଲେ। ଟି-୨୦ କ୍ରିକେଟ୍‌ରେ ସର୍ବାଧିକ ଶତକ ସହିତ ଭାରତୀୟ ବ୍ୟାଟ୍ସମ୍ୟାନ ହୋଇଥିଲେ। ରାୟପୁରର ସହିଦ ବୀର ନାରାୟଣ ସିଂହ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କୋଲକାତା ନାଇଟ ରାଇଡର୍ସ ୧୯୨ ରନ କରିଥିଲା। ଲକ୍ଷ୍ୟ ପିଛା କରି, ଜାକବ ବେଥେଲ ୧୫ ରନ୍‌ରେ ଆଉଟ ହୋଇଥିଲେ। ବିରାଟ କୋହଲି ଏବଂ ଦେବଦତ୍ତ ପାଡିକ୍କଲ ଦ୍ୱିତୀୟ ଉଇକେଟ ପାଇଁ ୯୨ ରନ୍‌ର ଭାଗୀଦାରି କରିଥିଲେ। ପଡିକ୍କଲ ୩୯ ରନ୍‌ରେ ଆଉଟ ହୋଇଥିଲେ, କିନ୍ତୁ କୋହଲି ତାଙ୍କର ପ୍ରାଧାନ୍ୟ ଜାରି ରଖିଥିଲେ। ସେ ତାଙ୍କର ୯ମ ଆଇପିଏଲ ଶତକ ହାସଲ କରିଥିଲେ। ବିରାଟ କୋହଲି ଏବେ ଟି-୨୦ କ୍ରିକେଟ୍‌ରେ ଭାରତ ପାଇଁ ସର୍ବାଧିକ ଶତକ ହାସଲ କରିଥିବା ବ୍ୟାଟ୍ସମ୍ୟାନ ହୋଇଛନ୍ତି। ସେ ୨୦୨୨ରେ ଆଫଗାନିସ୍ତାନ ବିପକ୍ଷରେ ଆସିଥିବା ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଗୋଟିଏ ଶତକ ହାସଲ କରିଛନ୍ତି। ଏହା ସହିତ ସେ ଆଇପିଏଲ୍‌ରେ ୯ଟି ଶତକ ହାସଲ କରିଛନ୍ତି। ଅଭିଷେକ ଶର୍ମା ଟି-୨୦ କ୍ରିକେଟ୍‌ରେ ସର୍ବାଧିକ ଶତକ ସହିତ ଭାରତୀୟଙ୍କ ତାଲିକାରେ ଦ୍ୱିତୀୟ



ସ୍ଥାନରେ ଅଛନ୍ତି, ସେ ୯ଟି ଶତକ ହାସଲ କରିଛନ୍ତି। ମୋଟାମୋଟି ଭାବରେ, କ୍ରିସ ଗେଲ ଟି-୨୦ କ୍ରିକେଟରେ ସର୍ବାଧିକ ଶତକ ମାରିବାର ରେକର୍ଡ ରଖିଛନ୍ତି, ଯାହା କୋହଲିଙ୍କଠାରୁ ୧୨ଟି ଅଧିକ। ଗେଲ ତାଙ୍କ ଟି-୨୦ କ୍ୟାରିୟରରେ ୨୨ଟି ଶତକ ମାରିଛନ୍ତି। ବାବର ଆଜମ ୧୩ଟି ଶତକ ସହିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ବିରାଟ କୋହଲି ଏବଂ ଡେଭିଡ ୱାର୍ନର ପ୍ରତ୍ୟେକ ୧୦ଟି ଶତକ କରିଛନ୍ତି। ବିରାଟଙ୍କ ଟି-୨୦ କ୍ୟାରିୟରରେ ସେ ୪୨୬ଟି ମ୍ୟାଚରେ ୪୦୯ ଇନିଂସରେ ୧୪,୦୨୭ ରନ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ତାଙ୍କର ସର୍ବଶ୍ରେଷ୍ଠ ଇନିଂସ ହେଉଛି ୧୨୨। ତାଙ୍କ ୧୦ଟି ଶତକ ବ୍ୟତୀତ, ସେ ୧୦୮ଟି ଅର୍ଦ୍ଧଶତକ ମାରିଛନ୍ତି। ସେ ଟି-୨୦ରେ ୧,୨୬୩ଟି ଚୌକା ଏବଂ ୪୫୩ଟି ଛକା ମାରିଛନ୍ତି।

# ପଞ୍ଜାବ ପାଇଁ ତିଲକ ସାଜିଲେ କଣ୍ଟା,୬ ୱିକେଟରେ ପଞ୍ଜାବକୁ ପରାସ୍ତ କଲା ମୁମ୍ବାଇ

ନୂଆଦିଲ୍ଲୀ, ୧୬/୦୫ : ପଞ୍ଜାବର ଲଗାତର ପରାଜୟ। ପଞ୍ଜାବ ପାଇଁ ତିଲକ ସାଜିଲେ କଣ୍ଟା। ୬ ୱିକେଟରେ ପଞ୍ଜାବକୁ ପରାସ୍ତ କଲା ମୁମ୍ବାଇ। ପଞ୍ଜାବ ଓ ମୁମ୍ବାଇ ମଧ୍ୟରେ ମହା ମୁକାବିଲା ଦେଖିବାକୁ ମିଳିଛି।ଗୁରୁବାର ଏହି ଆଜିର ମ୍ୟାଚରେ ଟସ୍ ଜିତି ମୁମ୍ବାଇ ବୋଲିଂ ନିଷ୍ପତ୍ତି ନେଇଥିଲା । ପଞ୍ଜାବକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ୨୦୧ ରନକୁ ପିଛା କରି ମୁମ୍ବାଇ ଭଲ ପ୍ରଦର୍ଶନ ଆରମ୍ଭ କରିଥିଲା । ଦୁଇ ଓପନର ରୋହିତ ଶର୍ମା ୨୫ ଏବଂ ରିକଲଟନ ୪୮ ରନ କରିଥିଲେ । ପରେ ନମନଧିର ୯ ଏବଂ ରଦରଫର୍ଡ ୨୦ ରନ କରିଥିଲେ । ମାତ୍ର ପରେ ତିଲକ ବର୍ମା ବିସ୍ଫୋରକ ପାଳି ଖେଳିଥିଲେ ଦଳର ଦୁଇ ଓପନର ଦମଦାର ଆରମ୍ଭ କରିଥିଲେ । ୩୩ ବଲରୁ ୭୫ ରନର ପାଳି ଖେଳିଲେ ତିଲକ। ୱିଲ୍ ଜ୍ୟାକ୍ସ ୧୦ ବଲରୁ ୨୫ ରନ କରିଥିବା ବେଳେ ବିଜୟ କରାଇବାରେ ବଡ଼ ଭୂମିକା ମଧ୍ୟ ଗ୍ରହଣ କରିଛନ୍ତି। ପଞ୍ଜାବ ପାଇଁ ପ୍ରାରମ୍ଭିକ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟ ଏବଂ ପ୍ରଭସିମରନ ସିଂହ



ପ୍ରଥମ ୱିକେଟ୍ ପାଇଁ ୫୦ ରନ୍ ସଂଗ୍ରହ କରିଥିଲେ। ଏଥିରେ ପ୍ରିୟାଂଶଙ୍କ ବ୍ୟକ୍ତିଗତ ସ୍କୋର ୨୨ ରନ୍ ଥିଲା। ସେ ୧୭ଟି ବଲ୍ ଖେଳି ୪ଟି ଚୌକା ମାରିଥିଲେ।। ମୁମ୍ବାଇର ଦ୍ୱିତୀୟ ଶିକାର ହୋଇଥିଲେ ପ୍ରଭସିମରନ ସିଂହ। କିନ୍ତୁ ସେ ଆଉଟ୍ ହେବା ପୂର୍ବରୁ କୋପର କନୋଲିଙ୍କ ସହିତ ୫୭ ରନ୍ ଭାଗିଦାରୀ କରିଥିଲେ। ପ୍ରଭସିମନର ବ୍ୟକ୍ତିଗତ ଭାବେ ମଧ୍ୟ ୫୭ ରନ୍ ସଂଗ୍ରହ କରିଥିଲେ। ସେ ୩୨ଟି ବଲ୍ ଖେଳି ୬ଟି ଚୌକା ଏବଂ ୪ଟି ଛକା ମାରିଥିଲେ। ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଅମରଜୋଇ ୩୮ ରନ କରିଥିଲେ । ସେପଟେ ମୁମ୍ବାଇ ପକ୍ଷରୁ ଦୀପକ ଚହର ୨, ବୋସ ଏବଂ ରାଜ ଗୋଟିଏ ଲେଖାଏଁ ୱିକେଟରେ ସନ୍ତୁଷ୍ଟ ହୋଇଛନ୍ତି।

# ପଦ ହରାଇବେ ୩ ଆଇପିଏଲ୍ କ୍ୟାପଟେନ୍!

ମୁମ୍ବାଇ, ୧୬/୦୫ : କ୍ରମାଗତ ୨ଟି ସିଜିନରେ ଏହି ୩ ଖେଳାଳି ନେତୃତ୍ୱ ନେଉଥିଲେ ହେଁ ଆଶା ଅନୁସାରେ ପ୍ରଦର୍ଶନ କରିପାରି ନାହାନ୍ତି। ଉଭୟ ନେତୃତ୍ୱ ଓ ବ୍ୟକ୍ତିଗତ ପ୍ରଦର୍ଶନ ଦୃଷ୍ଟିକୋଣରୁ ଏମାନଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚଳିତ ଆଇପିଏଲ ଶେଷ ହେବା ପରେ ପଦରୁ ବିଦା ହେବେ ୩ଟି ଟିମର କ୍ୟାପ୍‌ଟେନ। ସେମାନଙ୍କୁ ରିଲିଜ କରିବାକୁ ଏବେ ଠାରୁ ଫ୍ରାଞ୍ଚାଇଜ ପକ୍ଷରୁ ନିଷ୍ପତ୍ତି ନିଆଯାଇ ସାରିଥିବା ଜଣାପଡ଼ିଛି। ୨୦୨୬ ଆଇପିଏଲରେ ଦଳର ନୈରାଶ୍ୟଜନକ ପ୍ରଦର୍ଶନକୁ ଯୋଗୁ ୩ ବରିଷ୍ଠ ଖେଳାଳିଙ୍କୁ କ୍ୟାପ୍‌ଟେନ ପଦ ହରାଇବାକୁ ପଡ଼ିବ। ତାଲିକାରେ ଅକ୍ଷର ପଟେଲ, ଅଜିଙ୍କ୍ୟ ରାହାଣେ ଓ ଆଇପିଏଲ ଇତିହାସର ସବୁଠାରୁ ଦାମୀ ଖେଳାଳି ଋଷଭ ପନ୍ତ ରହିଛନ୍ତି। କ୍ରମାଗତ ୨ଟି ସିଜିନରେ ଏହି ୩ ଖେଳାଳି ନେତୃତ୍ୱ ନେଉଥିଲେ ହେଁ ଆଶା ଅନୁସାରେ ପ୍ରଦର୍ଶନ କରିପାରି ନାହାନ୍ତି। ଉଭୟ ନେତୃତ୍ୱ ଓ ବ୍ୟକ୍ତିଗତ ପ୍ରଦର୍ଶନ ଦୃଷ୍ଟିକୋଣରୁ ଏମାନଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅକ୍ଷର ପଟଲେ ଦିଲ୍ଲୀ କ୍ୟାପିଟାଲ୍ସର ନେତୃତ୍ୱ ନେଉଥିବା ବେଳେ ପନ୍ତ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ଅଧିନାୟକ। ସେହିପରି କୋଲକାତା ନାଇଟ ରାଇଡର୍ସର କ୍ୟାପ୍‌ଟେନ ହେଉଛନ୍ତି ଲକ୍ଷ୍ନୌ। ବର୍ତ୍ତମାନ ସୁଦ୍ଧା ଏହି ଦଳ ମଧ୍ୟରୁ ବିଧିବଦ୍ଧ ଭାବେ ଲକ୍ଷ୍ନୌ ଚଳିତ ଆଇପିଏଲ ପ୍ଲେ ଅଫରୁ ବାଦ ପଡ଼ିଛି। କୋଲକାତା ଓ ଦିଲ୍ଲୀର ପ୍ଲେ ଅଫ ଆଶା ମଧ୍ୟ ସେତେଟା ନାହିଁ। ତେଣୁ ଆଇପିଏଲ ପରେ ଏହି ୩ ଜଣଙ୍କ ପଦ୍ମ କଟିବାର ଯଥେଷ୍ଟ ସମ୍ଭାବନା ରହିଛି। କ୍ୟାପ୍‌ଟେନ ହିସାବରେ ଅକ୍ଷର ପଟେଲଙ୍କ ସଂଖ୍ୟା ଭିନ୍ନ କିଛି କହୁଛି। ସେ ୯ଟି ଇନିଂସରେ କେବଳ ୧୦୦ ରନ କରିଛନ୍ତି ଓ ତାଙ୍କ ଷ୍ଟ୍ରାଇକ ରେଟ ୧୧୨.୫୦ ରହିଛି। ସେ ପଞ୍ଜାବ ବିପକ୍ଷ ଶେଷ ମ୍ୟାଚ୍‌ରେ ୫୬ ରନ କରିଥିଲେ। ବାକି ୮ଟି ଇନିଂସରେ ତାଙ୍କ ବ୍ୟାଟରୁ ବାହାରିଛି ୪୪ ରନ। ସେ ୫ ନମ୍ବରରେ ବ୍ୟାଟିଂ କରି ମଧ୍ୟ ଫେଲ ମାରିଛନ୍ତି। ୧୨ଟି ମ୍ୟାଚରେ ଅକ୍ଷର ୩୬ ଓଭର ବୋଲିଂ କରିଛନ୍ତି। ତାଙ୍କ ୱିକେଟ ସଂଖ୍ୟା ୧୦ ରହିଛି। ତେଣୁ ଆସନ୍ତା ବର୍ଷ ସେ ଦିଲ୍ଲୀର କମାଣ ସମ୍ଭାଳିବା ସମ୍ଭାବନା କମ। ଋଷଭ ପନ୍ତଙ୍କୁ ଲକ୍ଷ୍ନୌ ରେକର୍ଡ ୨୮ କୋଟି ଟଙ୍କାରେ କିଣିଥିଲା। କିନ୍ତୁ ସେ ୧୩୮ ଷ୍ଟ୍ରାଇକରେ କେବଳ ୨୫୧ ରନ କରିଛନ୍ତି। ୧୧ ମ୍ୟାଚ୍‌ରୁ ତାଙ୍କ ବ୍ୟାଟରୁ ଦେଖିବାକୁ ମିଳିଛି କେବଳ ୯ଟି ଛକା। ନିଜର ବ୍ୟାଟିଂ ପାଇଁ ଜଣାଶୁଣା ପନ୍ତ ଚଳିତ ବର୍ଷ ଆଦୌ ଲୟରେ ଥିବା ଭଳି ଲାଗୁନି। ତେଣୁ ଲକ୍ଷ୍ନୌ ତାଙ୍କୁ କ୍ୟାପ୍‌ଟେନ ପଦରୁ ହଟାଇ ପାରେ। କୋଲକାତାର ଅଧିନାୟକ ରାହାଣେଙ୍କ ସ୍ଥିତି ମଧ୍ୟ ସେମିତି କିଛି। ରାହାଣେ ଚଳିତ ସିଜନରେ ୨୩୭ ରନ କରିଛନ୍ତି। ତାଙ୍କ ଷ୍ଟ୍ରାଇକ ରେଟ ମାତ୍ର ୧୩୩। ସେ ଦଳ ପାଇଁ ଓପନ କରୁଥିଲେ ହେଁ ଆଦୌ ରନ କରିବାକୁ ସକ୍ଷମ ହେଉ ନାହାନ୍ତି। ରାହାଣେ ଧୀମା ବ୍ୟାଟିଂ କରୁଥିବାରୁ ଦଳ ଉପରେ ଏହାର ଚାପ ମଧ୍ୟ ବଢ଼ିବାରେ ଲାଗିଛି। ଅକ୍ଷର ଓ ପନ୍ତ କ୍ୟାପ୍‌ଟେନ ପଦ ହରାଇବାକୁ ଯାଉଥିଲେ ହେଁ ଖେଳାଳି ଭାବେ ସେମାନଙ୍କ ଚାହିଦା ବେଶ ଅଧିକ ରହିଛି। ହେଲେ ରାହାଣେଙ୍କ ସ୍ଥିତି ଭିନ୍ନ। ୩୭ ବର୍ଷୀୟ ରାହାଣେଙ୍କୁ ଯଦି କେକେଆର ଛାଡ଼ି ଦେବ, ତା'ହେଲେ ଆଉ କୌଣସି ଫ୍ରାଞ୍ଚାଇଜ ତାଙ୍କୁ ନେଇ ନ ପାରନ୍ତି। ପରବର୍ତ୍ତୀ ମିନି ଅକ୍ସନରେ ରାହାଣେ ଅନସୋଲ୍ଡ ରହିବାର ମଧ୍ୟ ଯଥେଷ୍ଟ ଆଶଙ୍କା ରହିଛି।

# ପନ୍ତଙ୍କ ଉପରେ ୧୨ ଲକ୍ଷର ଜରିମାନା

ଲକ୍ଷ୍ନୌ, ୧୬/୦୫ : ଶୁକ୍ରବାରର ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗସ୍ ବିପକ୍ଷରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୭ ୱିକେଟ୍‌ରେ ବିଜୟ ହାସଲ କରିଥିଲେ ବି ଏହାର ଅଧିନାୟକ ଋଷଭ ପନ୍ତଙ୍କ ଉପରେ ଜରିମାନା ଲଗାଯାଇଛି। ତାଙ୍କ ମ୍ୟାଚ୍ ପାଉଣାରୁ ୧୨ ଲକ୍ଷ ଟଙ୍କା କଟାଯିବ। ଧୀମା ଓଭରହାର ପାଇଁ ତାଙ୍କ ଉପରେଏହି ଦଣ୍ଡବିଧାନ କରାଯାଇଛି। ଆଇପିଏଲ୍ ଆଚରଣବିଧି ଧାରା ୨.୨୨ ଅନୁସାରେ ଧୀମ ଓଭର ହାର ଲାଗି ଦଣ୍ଡିତ କରାଯାଇଥାଏ। ବାରମ୍ବାର ଏପରି ତ୍ରୁଟି କଲେ ଅଧିକ ଗୁରୁତର ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ତେବେ ଚଳିତ ଋତୁରେ ଏହା ଏଲ୍ଏସ୍‌ଜିର ପ୍ରଥମ ଦୋଷ ହୋଇଥିବାରୁ ଜୋରିମାନାକୁ କେବଳ ଅଧିନାୟକଙ୍କ ଉପରେ ସୀମିତ ରଖାଯାଇଛି। ଏହି ଦୋଷକୁ ସ୍ୱୀକାର କରିବା ସହ ଦଣ୍ଡବିଧାନକୁ ଗ୍ରହଣ କରିଛନ୍ତି ଅଧିନାୟକ ପନ୍ତ।

## କଥା ସ୍ୱାଭିମାନର ବିଚାର ଆପଣଙ୍କର..

# 'ଗଡ୍‌ସେ ପଥେ ଓଡ଼ିଶା'



ଶାରଦା ପ୍ରସନ୍ନ ସ୍ୱାଇଁ

'ଗଡ୍‌ସେ ପଥରେ ଓଡ଼ିଶା' ହେଉଛି ଓଡ଼ିଶା ରାଜନୀତିରେ ବ୍ୟବହୃତ ଏକ ପ୍ରମୁଖ ରାଜନୈତିକ ସ୍ଲୋଗାନ ଏବଂ ସମାଲୋଚନା। ଏହା ମୁଖ୍ୟତଃ ବିରୋଧୀ ଦଳ (ବିଶେଷ କରି କଂଗ୍ରେସ) ଦ୍ୱାରା ଶାସକ ଦଳ ବିରୋଧରେ ଆଦର୍ଶଗତ ଆକ୍ରମଣ କରିବା ପାଇଁ ବ୍ୟବହାର କରିଥାଏ। ଏହି ଶବ୍ଦଟି ମହାତ୍ମା ଗାନ୍ଧୀଙ୍କ ଅହିଂସା ଓ ଧର୍ମନିରପେକ୍ଷ ଆଦର୍ଶ 'ଗାନ୍ଧୀ ପଥ' ବନାମ ନାଥୁରାମ ଗଡ୍‌ସେଙ୍କ ଉଗ୍ରବାଦୀ ଚିନ୍ତାଧାରା ମଧ୍ୟରେ ଥିବା ପାର୍ଥକ୍ୟକୁ ଦର୍ଶାଏ। ଓଡ଼ିଶା କଂଗ୍ରେସର ନେତାମାନେ ଅଭିଯୋଗ କରନ୍ତି ଯେ ରାଜ୍ୟରେ ବିଜେପି ନେତୃତ୍ୱାଧୀନ ଶାସନ ଗାନ୍ଧୀଙ୍କ ସାମାଜିକ ସଦଭାବନା ପଥରୁ ଦୂରେଇ ଯାଇ ଗଡ୍‌ସେଙ୍କ ବିଭାଜନକାରୀ ନୀତି ଆଡ଼କୁ ଗତି କରୁଛି। ନିର୍ବାଚନ ଏବଂ ଦଳୀୟ ସଭା ସମିତି ସମୟରେ ଜନସାଧାରଣଙ୍କୁ ଆଦର୍ଶଗତ ଭାବେ ପ୍ରଭାବିତ କରିବା ପାଇଁ 'ଓଡ଼ିଶା ଗାନ୍ଧୀ ପଥରେ ଯିବ ନା ଗଡ୍‌ସେ ପଥରେ' ବୋଲି ପ୍ରଶ୍ନ ଉଠାଇଥାଏ। ଠିକ୍ ସେହିପରି ଆଜି ଏହି ଉକ୍ତିଟି ମନକୁ ଆନ୍ଦୋଳିତ କରୁଛି।

ସେଦିନ ଥିଲା ୧୯୪୮ ମସିହା ଜାନୁଆରୀ ୩୦ ତାରିଖ ସନ୍ଧ୍ୟା ପ୍ରାୟ ୫ଟା୧୭ ମିନିଟ୍ । ହଠାତ୍ ଗୁଳି ଫୁଟିବା ଶବ୍ଦ ସାରା ଦେଶକୁ ସ୍ତବ୍ଧ କରିଥିଲା । ନୂଆଦିଲ୍ଲୀର ବିର୍ଲା ହାଉସ (ବର୍ତ୍ତମାନ ଗାନ୍ଧୀ ସ୍ମୃତି) ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀ ପ୍ରାର୍ଥନା ପାଇଁ ଯାଉଥିବା ସମୟରେ ନାଥୁରାମ ଗଡ୍‌ସେ ନାମକ ଜଣେ ବ୍ୟକ୍ତି ତାଙ୍କୁ ୩ଟି ଗୁଳି କରି ହତ୍ୟା କରିଥିଲେ। ସେତେବେଳେ ଗାନ୍ଧୀଜୀଙ୍କୁ ୭୮ ବର୍ଷ ବୟସ ହୋଇଥିଲା, ଗାନ୍ଧୀଜୀଙ୍କ ଅନ୍ତିମ ଶବ୍ଦ 'ହେ ରାମ୍' ଥିଲା ବୋଲି କୁହାଯାଏ । ଭାରତରେ ଏହି ଦିନଟିକୁ ପ୍ରତିବର୍ଷ ଶହୀଦ ଦିବସ ଭାବେ ପାଳନ କରାଯାଏ । ପରବର୍ତ୍ତୀ ସମୟରେ ଏହି ଘଟଣା ସାରା ବିଶ୍ୱକୁ ଦୋହଲାଇ ଦେଇଥିଲା ଏବଂ ଗାନ୍ଧୀଜୀଙ୍କ ଅହିଂସା ଓ ଶାନ୍ତିର ବାର୍ତ୍ତାକୁ ଏକ ନୂତନ ମୋଡ଼ ଦେଇଥିଲା ।

ଏତେ ବର୍ଷ ପରେ ପୁଣି କାହିଁକି କେଜାଣି ମୋ ରାଜ୍ୟର ଯୁବ ସମାଜ ଗଡ୍‌ସେ ପଥରେ ଅଗ୍ରସର ହେବା ଭଳି ମନେ ହେଉଛି । ଗାନ୍ଧୀଙ୍କ ଅହିଂସା ନୀତି ଛାଡ଼ି ହିଂସାକୁ ଆପଣେଇ ନେଇଛନ୍ତି । ଆପଣ ମାନେ ନଜର ପକାନ୍ତୁ କି ବିଗତ କିଛି ଦିନ ଭିତରେ ଗଂଜାମ ଜିଲ୍ଲାର ହିଞ୍ଜିଳିରେ ଗର୍ଭବତୀ ମହିଳାଙ୍କୁ ତିନି ବର୍ଷର ଛୁଆ ଆଗରେ ନିର୍ମମ ହତ୍ୟା, ବ୍ରହ୍ମପୁର ସହରରେ ଅପହରଣ ଓ ହତ୍ୟା, ବେଲଗୁଣ୍ଠାରେ ଯୁବକଙ୍କୁ ରାସ୍ତା ଉପରେ ଗୋଡେଇ ଗୋଡେଇ ମରଣାତ୍ମକ ଆକ୍ରମଣ, ବିଜେପି ନେତା ପୀତବାସ ପଣ୍ଡାଙ୍କୁ ହତ୍ୟା ଏବଂ ଖୋର୍ଦ୍ଧା ଜିଲ୍ଲାର ବାଲିଅନ୍ତାରେ ବାଉଁଶରେ ବାନ୍ଧି ସଂଘବଦ୍ଧ ଆକ୍ରମଣ କରି ହତ୍ୟା ଓ ଅଠାନ୍ତରରେ ଗୋଡ଼ାଇ ଗୋଡ଼ାଇ ପିଟି ପିଟି ଯୁବକଙ୍କୁ ହତ୍ୟା, ପୁରୀ ଜିଲ୍ଲା କଣାସରେ ପନିକିରେ ହାଣି ବେକରେ ବୁଲେଟ୍ ଚଢ଼ାଇ ମରଣାତ୍ମକ ଆକ୍ରମଣ ଘଟଣା, ରାୟଗଡ଼ା ଜିଲ୍ଲାରେ ଏକ ଦଳିତ ଯୁବକଙ୍କୁ ଗୁଳି କରି ହତ୍ୟା । ନୟାଗଡ଼ ଜିଲ୍ଲାରେ ଯୁବକର ହାତ ଓ ଗୋଡ଼କୁ ହାଣି ଶରୀରରୁ ଅଲଗା କରି ହତ୍ୟା । ସେହିଭଳି ମହିଳା ଅପରାଧ କ୍ଷେତ୍ରରେ ମଧ୍ୟ ବିଜେପି ସରକାର ପଛରେ ନାହିଁ। ୨୦୨୪ ମସିହା ଜୁନ୍ ମାସ ସରକାର ଆସିବା ଦିନଠାରୁ ଗୋପାଳପୁର ଗଣଦୁଷ୍କର୍ମ, ରାଉରକେଲା ନାବାଳିକା ହତ୍ୟା, ବାଲିହରଚଣ୍ଡୀ ଓ ଧଉଳି ଗଣଦୁଷ୍କର୍ମ, ଝାରସୁଗୁଡ଼ା ସରକାରୀ ସ୍କୁଲ୍‌ରେ ୬ଷ୍ଠ ଶ୍ରେଣୀ ଛାତ୍ରୀକୁ ଗଣଦୁଷ୍କର୍ମ, ବାଲେଶ୍ୱରରେ ୧୦ବର୍ଷ ଝିଅକୁ ହତ୍ୟା, କେନ୍ଦୁଝର ହଷ୍ଟେଲ୍‌ରେ ଛାତ୍ରୀ ଗର୍ଭବତୀ,ପୁରୀ ରାଜଭବନରେ ସରକାରୀ ଅଧିକାରୀଙ୍କୁ ମାଡ଼, ବିଏମ୍‌ସି କମିଶନରଙ୍କ ଉପରେ ଆକ୍ରମଣ, ୭୬୭ ଜଣ ସରକାରୀ କର୍ମଚାରୀ ଆକ୍ରମଣର ଶିକାର, କୋରାପୁଟ ଲ୍ୟାଣ୍ଡ୍ ମାଇନ ବିସ୍ଫୋରଣରେ ୨ ଯବାନ ଶହୀଦ ଆଦି ଭଳି ଅନେକ ଘଟଣା ଏ ରାଜ୍ୟରେ ଘଟି ଚାଲିଛି। ଏହି ଭଳି ଲୋମ ଟାଙ୍କୁରା ଘଟଣାମାନ ଦେଖିଲା ପରେ ମନେ ହେଉଛି କି ଡବଲ ଇଞ୍ଜିନ ସରକାର ଆସିଲା ପରେ ରାଜ୍ୟରେ ଗଡ୍‌ସେ ଚିନ୍ତାଧାରା ବହୁ ମାତ୍ରାରେ ଯୁବକ ମାନଙ୍କୁ ପ୍ରଭାବିତ କରିଛି । ଆଉ ସବୁ ଦେଖି ଶୁଣି ମଧ୍ୟ ପୋଲିସ ଓ ପ୍ରଶାସନ ଏଠି ନିରବଦ୍ରଷ୍ଟା ସାଜିଛି। ଆମ ମୁଖ୍ୟମନ୍ତ୍ରୀ ବାହାର ରାଜ୍ୟକୁ ଯାଇ ଇନଭେଷ୍ଟର ଖୋଜୁଥିବା ବେଳେ, ଅନ୍ୟ ମନ୍ତ୍ରୀ ମେଟ୍ରୋ ପ୍ରକଳ୍ପ କଥା କହୁଥିବା ବେଳେ, କିଏ ମୋଦିଙ୍କ ଡବଲ ଇଞ୍ଜିନ ସରକାରର ବିକାଶର କଥା କହୁଥିବା ବେଳେ ଆମ ରାଜ୍ୟରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ତେଣୁ ଆପଣମାନେ ହିଂସା ର ମାର୍ଗ ଛାଡ଼ି ଅହିଂସା ମାର୍ଗକୁ ଅନୁସରଣ କରିବା ଉଚିତ । 'ଆସନ୍ତୁ ଏକାଠି ହୋଇ ଏକ ବୈପ୍ଳବିକ ପରିବର୍ତ୍ତନ ଆହ୍ୱାନ ଦେଇ 'ବିପ୍ଳବ ଆଣିବା - ବିକଳ୍ପ ବାଛିବା - ବିକାଶ କରିବା'।।

ଶାରଦା ପ୍ରସନ୍ନ ସ୍ୱାଇଁ
ସାଧାରଣ ସଂପାଦକ
ଜନ ଜାଗରଣ

Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj ,Mayur Printers, Plot No-D1/1, section-A, Zone-D,Mancheswar Industrial Estate, Khordha, Odhisha, 752102, Mobile Number-0674-3573358, Email-janabartadigital@gmail.com
ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra